R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୧୬

ତିଥି: ସପ୍ତମୀ

୧୭ ଅକ୍ଟୋବର ୨୦୨୬, ଶନିବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

17 October 2026, Saturday

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଚଳିତ ମାସରେ ସଂସଦର ସ୍ୱତନ୍ତ୍ର ଅଧିବେଶନ !

ନୂଆଦିଲ୍ଲୀ, ୧୬ ।୧୦ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ନେଇ ବିରୋଧୀଙ୍କ ଜୋରଦାର ପ୍ରତିବାଦ ଜାରି ରହିଥିବା ବେଳେ, ମହିଳା ସଂରକ୍ଷଣ ଓ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ସମ୍ପର୍କିତ ବିଲ୍‌ଗୁଡ଼ିକୁ ପୁଣିଥରେ ଆଗତ କରିବା ପାଇଁ କେନ୍ଦ୍ର ସରକାର ଚଳିତ ମାସର ଶେଷ ଭାଗରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିପାରନ୍ତି। ରିପୋର୍ଟ ଅନୁସାରେ, ଲୋକସଭାରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିବା ନେଇ ସରକାର ଆଶାବାଦୀ ଅଛନ୍ତି।

ଏପ୍ରିଲ ୧୭ରେ ବଜେଟ୍ ଅଧିବେଶନ ସମୟରେ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାର ଆସନ ସଂଖ୍ୟା ଏବଂ ସୀମା ନିର୍ଦ୍ଧାରଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ମୋଦୀ ସରକାରଙ୍କୁ ଝଟକା ଲାଗିଥିଲା। ଲୋକସଭାରେ ଏହି ବିଲ୍ ପାରିତ ହୋଇପାରି ନଥିଲା।

ଏବେ ବିଲ୍‌ଗୁଡ଼ିକୁ ପାରିତ କରାଇବା ପାଇଁ କେନ୍ଦ୍ର ସରକାର ତାମିଲନାଡୁର ଦଳ ଡିଏମ୍‌କେ ସହ ଆଲୋଚନା କରୁଥିବା ଜଣାପଡ଼ିଛି। ଡିଏମ୍‌କେର ଲୋକସଭାରେ ୨୨ ଜଣ ସାଂସଦ ଅଛନ୍ତି। ତାମିଲନାଡୁ ନିର୍ବାଚନ ପରେ କଂଗ୍ରେସ ସହ ଏହି ଦଳର ସମ୍ପର୍କ ( ୯ ପୃଷ୍ଠାରେ)

## ହରିବାବୁଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୧୦(ସବ୍ୟୁ): ଓଡ଼ିଶାରୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବିଦାୟ ନେଇଛନ୍ତି। ରାଜ୍ୟପାଳ ଭାବେ ଓଡ଼ିଶାରେ ଏକ ବର୍ଷ ୯ ମାସ ଧରି କାର୍ଯ୍ୟ କରୁଥିଲେ। ଓଡ଼ିଶା ଲାଗି ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ୧୮ ତାରିଖରେ ରାଜ୍ୟପାଳ ଭାବେ ଶପଥ ନେବେ।

ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତାଙ୍କୁ ବିଦାୟ ଦିଆଯାଇଥିଲା। ତାଙ୍କୁ ବିଦାୟ ଦେବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ସଚିବ ଅନୁଗର୍ଗ, ( ୯ ପୃଷ୍ଠାରେ)



## ‘ତ୍ରିରଙ୍ଗା ଉଡ଼ାଇବା’ ରାଲି ପୂର୍ବରୁ ଅଭିଜିତ୍ ଅଟକ



**ନେହା ବୋରାଙ୍କୁ ପୋଲିସ ଉଠାଇନେଲା**

**ଅଭିଜିତ୍, ନେହାଙ୍କ ସପକ୍ଷରେ ବାହାରିଲେ ବିରୋଧୀ**

ନୂଆଦିଲ୍ଲୀ, ୧୬ ।୧୦ : ଦିଲ୍ଲୀର କନଟ୍ ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କରେ ‘ଲହରା ଦୋ ତିରଙ୍ଗା’ ରାଲି କରିବାର ମାତ୍ର କିଛି ମିନିଟ୍ ପୂର୍ବରୁ ଶୁକ୍ରବାର କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ତାଙ୍କ ଘରୁ ଦିଲ୍ଲୀ ପୁଲିସ ଅଟକ ରଖିଛି। ତେବେ ଅଭିଜିତ୍ ଓ ନେହାଙ୍କ ପାଇଁ ବିରୋଧୀ ଦଳ ସମର୍ଥନରେ ଆସିଛନ୍ତି। ପଶ୍ଚିମବଙ୍ଗ ପୂର୍ବ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁର ପୂର୍ବ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଓ ଦିଲ୍ଲୀ ପୂର୍ବ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏମାନଙ୍କ ସପକ୍ଷରେ ବାହରିଛନ୍ତି। ତ୍ରିରଙ୍ଗା ଉଡାଇବା ଅପରାଧ ନୁହେଁ ବୋଲି ସେମାନେ କହିଛନ୍ତି। ତେବେ ଉଭୟଙ୍କୁ ଗିରଫ କରାଗଲାପରେ ବି ସିଜେପି କର୍ମୀ ଓ ଛାତ୍ରଗୋଷ୍ଠୀ ( ୯ ପୃଷ୍ଠାରେ)




## ନିର୍ବାଚନ ସରିବା ପରେ ବି ସରୁନି ଛକାପଞ୍ଝା



ଭୁବନେଶ୍ୱର, ୧୬ ।୧୦ (ସବ୍ୟୁ) : ବାଦବିବାଦ ମଧ୍ୟରେ ସରିଲା ଛାତ୍ର ସଂସଦ ନିର୍ବାଚନ । ହେଲେ ସରୁନି ଛକାପଞ୍ଝା । ବହୁ କଲେଜରେ ସାଇନ ଏ ଡାଏ ଘୋଷଣା କରାଯାଇ ନିର୍ବାଚନ ବାତିଲ ହୋଇଯିବା ବେଳେ କେତେକ କଲେଜରେ ଶୁକ୍ରବାର ଶପଥ ପାଠ ମଧ୍ୟ ବାତିଲ ହୋଇଛି ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ବହୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଟପଟୁଆରରେ ନିର୍ବାଚିତ ଛାତ୍ର ନେତାମାନେ ଶପଥ ପାଠ ଉତ୍ସବରେ ପହଞ୍ଚିଥିଲେ । କିନ୍ତୁ କେନ୍ଦ୍ରାପଡା ଅଟୋନମସ୍ କଲେଜ ସମେତ ରାଜ୍ୟର ବହୁ କଲେଜରେ ଆନ୍ଦୋଳନ ଓ ଉତ୍ତେଜନା ଯୋଗୁ ଶପଥ ପାଠ ଉତ୍ସବ ବାତିଲ ହୋଇଛି । ହିଞ୍ଜିଳିକାଟୁରେ ଶପଥ ପାଠ ଉତ୍ସବ ମଧ୍ୟ ବାତିଲ କରାଯାଇଛି।

**ଶପଥ ନେଲେ ନବ ନିର୍ବାଚିତ ଛାତ୍ର ପ୍ରତିନିଧି**

**କିଛି କଲେଜରେ ଶପଥ ପାଠ ଉତ୍ସବ ବାତିଲ**

କର୍ତ୍ତୃପକ୍ଷଙ୍କ କହିବା କଥା ପୂଜାଛୁଟି ପରେ ପରିସ୍ଥିତି ଶାନ୍ତ ପଡିଯାଇଥିବ, ( ୯ ପୃଷ୍ଠାରେ)

## ପରସ୍ପରକୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ, ନବୀନ

ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ସଦ୍ୟ ସମାପ୍ତ ଛାତ୍ର ସାଂସଦ ନିର୍ବାଚନକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପରସ୍ପରକୁ ଟାର୍ଗେଟ କରିଛନ୍ତି। ଉଭୟ ମଧ୍ୟ ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ସରକାର ତାଙ୍କର ରାଜନୈତିକ ସ୍ୱାର୍ଥ ପାଇଁ କ୍ୟାମ୍ପସରେ ଛାତ୍ର ନିର୍ବାଚନକୁ ବନ୍ଦ କରିଥିଲେ। ଛାତ୍ର ଛାତ୍ରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଚାପି ଦେଇଥିଲେ। କିନ୍ତୁ ଆମେ ଛାତ୍ର ଛାତ୍ରୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ସଫଳତାର ସହ ନିର୍ବାଚନକୁ ପରିଚାଳନା କରିଛୁ। କ୍ୟାମ୍ପସରେ

**ଛାତ୍ର ସଂସଦ ନିର୍ବାଚନ**

ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ହୋଇଛି। ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ( ୯ ପୃଷ୍ଠାରେ)

## ସରପଞ୍ଚ, ନାଏବ ସରପଞ୍ଚଙ୍କ ଲାଗି ସମ୍ମାନ ରାଶି ମଞ୍ଜୁର

ଭୁବନେଶ୍ୱର, ୧୬ ।୧୦ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟରତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ଛଅ ମାସର ସମ୍ମାନ ରାଶି ମଞ୍ଜୁର କରିଛନ୍ତି । ଏଥିପାଇଁ ସମୁଦାୟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ ନିମନ୍ତେ ମଞ୍ଜୁର ହୋଇଛି । ସୂଚନାଯୋଗ୍ୟ ଯେ, ପିଛିଲା ୦୧.୦୪.୨୦୨୬ ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ, ୬ ମାସର ଏହି ସମ୍ମାନ ରାଶି ପ୍ରଦାନ କରାଯିବ । ସରପଞ୍ଚମାନେ ୧୦ ହଜାର ଟଙ୍କା ଓ ନାଏବ ସରପଞ୍ଚ ମାନେ ୪ ହଜାର ଟଙ୍କା ଲେଖାଏଁ ଏହି ସମ୍ମାନ ରାଶି ପାଇବେ ।




## ଜନ୍ମଦିନରେ ନବୀନଙ୍କୁ ଶୁଭେଚ୍ଛାର ସୁଅ

ଭୁବନେଶ୍ୱର,୧୬।୧୦(ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଆ ଛୁଟିଛି। ନବୀନ ନିବାସରେ ଆଜି ପୂର୍ବାହ୍ନରୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଦଳୀୟ କର୍ମୀ ଓ ନେତାମାନଙ୍କର ଭିଡ ପରିଲକ୍ଷିତ ହୋଇଥିଲା।

**୮୦ ବର୍ଷରେ ପାଦ ଥାପିଲେ ନବୀନ**

**ଦୀର୍ଘ ନିରାମୟ ଜୀବନ କାମନା କଲେ ମୁଖ୍ୟମନ୍ତ୍ରୀ**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନବୀନଙ୍କୁ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡ଼ିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ୧୯୯୭ରେ ବିଜୁ ଜନତା ଦଳ ଗଠନ ହୋଇଥିଲା। ବିଜୁ ପଟ୍ଟନାୟକଙ୍କ ଆବର୍ତ୍ତମାନ ପରେ ନବୀନ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୭ରୁ ସେ ବିଜେଡିର ସଭାପତି ଭାବେ ଦାୟିତ୍ୱରେ ( ୯ ପୃଷ୍ଠାରେ)

## ଇତିହାସ

୧୮୮୮- ବୈଜ୍ଞାନିକ ଥୋମସ ଅଲଭା ଏଡିସନ୍ ଅପ୍ଟିକାଲ୍ ଫୋନୋଗ୍ରାଫ୍‌ର ପେଟେଣ୍ଟ ପାଇଁ ଆବେଦନ କଲେ ।

୧୮୯୨- ରାଜନୀତି ତଥା ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର୍.କେ. ଶନମୁଖମ୍ ଚେଟିଙ୍କ ଜନ୍ମ ।

୧୯୧୭- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍ ପ୍ରଥମ ଥର ପାଇଁ ଜର୍ମାନୀ ଉପରେ ଅୟାର୍ ଷ୍ଟ୍ରାଇକ୍ କଲା ।

୧୯୩୩- ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ନାଜୀ ଜର୍ମାନୀରୁ ଆମେରିକା ଗଲେ ।

୧୯୭୯- ଶାନ୍ତି ପାଇଁ ମଦର ଟେରେସାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯- ଭାରତ ମହାସାଗରସ୍ଥିତ ମାଳଦ୍ୱୀପରେ ପାଣି ଭିତରେ ବିଶ୍ୱର ପ୍ରଥମ କ୍ୟାବିନେଟ୍ ବୈଠକ ଆୟୋଜନ କରାଯାଇ ସମସ୍ତ ରାଷ୍ଟ୍ରକୁ ଗ୍ଲୋବାଲ ୱାର୍ମିଂ ବିପଦ ସମ୍ବନ୍ଧରେ ଚେତାବନୀ ଦିଆଗଲା ।

## ପେଙ୍ଗୁଇନ ଗଣିବାକୁ ନିଯୁକ୍ତି

ଆଣ୍ଟାର୍କଟିକାରେ ପେଙ୍ଗୁଇନ୍ ଗଣନା ଏବଂ ଏକ ଐତିହାସିକ ଗବେଷଣା କେନ୍ଦ୍ର ପରିଚାଳନା ପାଇଁ ପାଞ୍ଚରୁ ଛଅ ମାସ ନିମନ୍ତେ ଏକ ଆକର୍ଷଣୀୟ ନିଯୁକ୍ତି ସୁଯୋଗ ରହିଛି । ଯାହାକୁ ବ୍ରିଟେନର ଏକ ସଂସ୍ଥା ପ୍ରତିବର୍ଷ ପୋର୍ଟ ଲକ୍ରୋୟରେ କାମ କରିବା ପାଇଁ ଏକ କ୍ଷୁଦ୍ର ଦଳକୁ ନିଯୁକ୍ତ କରିଥାଏ । ଆଣ୍ଟାର୍କଟିକାର ଗୌଡିୟର ଦ୍ୱୀପରେ ଅବସ୍ଥିତ ଏହି ଘାଟିରେ କର୍ମଚାରୀମାନେ ଜେଣ୍ଟୁ ପେଙ୍ଗୁଇନ୍‌ଙ୍କ ଗଣନା ସହ ସେମାନଙ୍କ ବସା, ଅଣ୍ଡା ଓ ଛୁଆଙ୍କ ଉପରେ ନଜର ରଖିବା, ପର୍ଯ୍ୟଟକମାନଙ୍କୁ ଘାଟିର ଇତିହାସ ଜଣାଇବା, ଗିଫ୍ଟ ଦୋକାନ ଏବଂ ପୋଷ୍ଟ ଅଫିସ୍ ପରିଚାଳନା କରିବା ସହ ଐତିହାସିକ କୋଠାଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥାଆନ୍ତି । ଏଥିପାଇଁ ମାସିକ ଦରମା ପ୍ରାୟ ୧.୮ ଲକ୍ଷରୁ ୨.୭ ଲକ୍ଷ ଟଙ୍କା ମଧ୍ୟରେ ରହିଛି । ୧୯୪୪ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ ଦ୍ୱାରା ପ୍ରତିଷ୍ଠିତ ଏହି ସ୍ଥାନରେ ଏକ ସଂଗ୍ରହାଳୟ , ଗିଫ୍ଟ ଦୋକାନ ଓ ପୋଷ୍ଟ ଅଫିସ୍ ରହିଛି, ଯେଉଁଠାରୁ ପ୍ରତି ସିଜିନ୍‌ରେ ୮୦,୦୦୦ରୁ ଅଧିକ ପୋଷ୍ଟକାର୍ଡ ପଠାଯାଇଥାଏ ।



## ମାଗଣାରେ ବିଶ୍ୱ ଭ୍ରମଣ !

ବ୍ରିଟିଶ ବ୍ୟବସାୟୀ ରିଚାର୍ଡ ବ୍ରାନ୍‌ସନ୍‌ଙ୍କ ସଂସ୍ଥା 'ଓର୍ଜିନ୍ ଗ୍ରୁପ୍' ଛଅ ମାସର ବିଶ୍ୱ ଭ୍ରମଣ କାର୍ଯ୍ୟକ୍ରମ 'ହେଡ୍ ଅଫ୍ ୟେସ୍' ପାଇଁ ପ୍ରତିଯୋଗୀମାନଙ୍କୁ ପ୍ରାୟ ୯୫ ଲକ୍ଷ ଟଙ୍କା ପାରିଶ୍ରମିକ ପ୍ରଦାନ କରିବାକୁ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ବିଜେତାମାନଙ୍କୁ କମ୍ପାନୀର ବିଭିନ୍ନ ବ୍ରାଣ୍ଡ ସହ ଜଡ଼ିତ ସ୍ଥାନଗୁଡ଼ିକୁ ଭ୍ରମଣ କରିବା ସହ ଭିଡିଓ, ଫଟୋ ଓ ଛୋଟ ଗଳ୍ପ ସୋସିଆଲ ମିଡିଆରେ ସେୟାର କରିବାକୁ ପଡ଼ିବ। ଯେଉଁଥିପାଇଁ ଆମେରିକାରେ ପ୍ରାୟ ୯୫ ଲକ୍ଷ ଟଙ୍କା ଏବଂ ବ୍ରିଟେନରେ ପ୍ରାୟ ୯୦ ଲକ୍ଷ ଟଙ୍କା ପାରିଶ୍ରମିକ ମିଳିବ। ଏହା କୌଣସି ସାଧାରଣ ଚାକିରି ନୁହେଁ, ବରଂ ଛଅ ମାସର ଏକ କଣ୍ଟେଣ୍ଟ କ୍ରିଏଟର ସହଭାଗିତା ଅଟେ। ଯେଉଁଥିରେ କେବଳ ଆମେରିକା ଓ ବ୍ରିଟେନର ନାଗରିକମାନେ ଆବେଦନ କରିପାରିବେ। ଏଥିପାଇଁ ସୋସିଆଲ ମିଡିଆ ଫଲୋଅର୍ସଙ୍କର କୌଣସି ସର୍ବନିମ୍ନ ସୀମା ରଖାଯାଇ ନଥିବାବେଳେ ଆବେଦନକାରୀଙ୍କୁ ନିଜ ଜୀବନର ଏକ ସାହସିକ ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରି ଏକ ଭିଡିଓ ପ୍ରସ୍ତୁତ କରିବାକୁ ପଡ଼ିବ। ଯାହାପରେ ଏଥିରୁ ବଛାବଛା କିଛି ଜଣଙ୍କୁ ଏହି ଚାକିରି ପ୍ରଦାନ କରାଯିବ ।




## ସୋସିଆଲ କୋଟ୍ସ



ସବୁ ସମୟରେ ଧର୍ମେନ୍ଦ୍ରଜୀଙ୍କ କଥା ମନେ ପଡୁଛି । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରୁଛି । ତାଙ୍କ ଫିଲ୍ମ ତାଙ୍କୁ ଆମ ସମସ୍ତଙ୍କ ଗହଣରେ ଅମର କରି ରଖିଛି ।

**ହେମା ମାଳିନୀ, ଅଭିନେତ୍ରୀ**



କ୍ୟାରିୟରରେ ଅନେକ ସଂଘର୍ଷ କରିଛି। ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ୍ୟ ନଥିଲା, ମୁଁ ଉଡାରେ ଆଣୁଥିଲି ।

**ରସିକା ଦୁଗଲ, ଅଭିନେତ୍ରୀ**



ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ।

**କପିଲ ଶର୍ମା, ଅଭିନେତା**

## ସ୍କେଟିଂ କରି ବିଶ୍ୱ ରେକର୍ଡ଼

ସ୍ପେନର ୨୭ ବର୍ଷୀୟ ସ୍କେଟବୋର୍ଡର ଡିଏଗୋ ପୋନସେଲେ କାନାଡ଼ାର କ୍ୱେବେକ୍‌ଠାରେ ଘଣ୍ଟାପ୍ରତି ୧୫୧.୮୩ କିଲୋମିଟର ବେଗ ହାସଲ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ସେଠାରେ ପ୍ରାୟ ନଅ ବର୍ଷ ଧରି ରହିଥିବା ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି । ଅଧିକ ଗତିରେ ବାୟୁ ଚାପ ସମ୍ପର୍କରେ ଜାଣିବା ପାଇଁ ସେ ସ୍ୱିଜରଲ୍ୟାଣ୍ଡର ଜେନିଭା ସ୍ଥିତ ଏକ ୱିଣ୍ଡ ଟନେଲରେ ଅଭ୍ୟାସ କରିଥିଲେ । ସେହିଭଳି ବାୟୁ ପ୍ରତିରୋଧକୁ ହ୍ରାସ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପୋଷାକ, ଜୋତା ଏବଂ ଗ୍ଲୋଭ୍ସ ପିନ୍ଧି ୨୦୨୬ ମସିହା ସେପ୍ଟେମ୍ବର ୨୨ ତାରିଖରେ ସେ ଏହି ସଫଳତା ହାସଲ କରିଛନ୍ତି । ଡାଉନହିଲ୍ ସ୍କେଟବୋର୍ଡିଂରେ ଆଥଲେଟମାନେ ଅତ୍ୟନ୍ତ ଦ୍ରୁତ ଗତିରେ ରାସ୍ତାରେ ତଳକୁ ଦୌଡ଼ିଥାଆନ୍ତି, ଯେଉଁଠାରେ ସାମାନ୍ୟ ସନ୍ତୁଳନ ହରାଇବା ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ଅଟେ ।







## ସିନେ ଦର୍ଶକଙ୍କୁ ଦଶହରା ଭେଟି

ଦଶହରା ଆସିଲେ ପୂଜା ବଜାରରେ ରିଲିଜ ହୋଇଥାଏ ଅନେକ ଦମଦାର ଫିଲ୍ମ । ଏହି ତାଲିକାରେ ଚଳିତଥର ସାମିଲ ଅଛି ଅଭିନେତା ଅର୍ଦ୍ଧେନ୍ଦୁଙ୍କ ନୂଆ ଚଳଚ୍ଚିତ୍ର ଗେମ୍ ଓଭର । ଯାହାର ଟ୍ରେଲର ନିକଟରେ ରିଲିଜ୍ ହୋଇଛି । ଏହି ଟ୍ରେଲର ରିଲିଜ୍ ଅବସରରେ ସମସ୍ତ କଳାକାର, ଟେକ୍ନିସିଆନ୍ସ, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକଙ୍କ ସମେତ ଅନେକ ନିମନ୍ତ୍ରିତ ଅତିଥି ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଯୁବ ନିର୍ଦ୍ଦେଶକ ରାଜା ଡି. ଙ୍କ ନିର୍ଦ୍ଦେଶନାରେ ଆସନ୍ତା ୧୮ ତାରିଖରେ ଦଶହରା ଅବସରରେ ନୂଆ ଓଡ଼ିଆ ଚଳଚ୍ଚିତ୍ର "ଗେମ୍ ଓଭର" ମୁକ୍ତିଲାଭ କରିବ । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ କୁନା ତ୍ରିପାଠୀ ରଚନା କରିଛନ୍ତି । ଦର୍ଶକଙ୍କୁ ପ୍ରତ୍ୟେକ ବର୍ଷ ଦଶହରାରେ ଅର୍ଦ୍ଧେନ୍ଦୁ କିଛି ନୂଆ ଅନୁଭୂତି ଦେବାକୁ ପ୍ରୟାସ କରନ୍ତି । ଯେପରି ଚ୍ୟାଲେଞ୍ଜରେ ପ୍ରଖ୍ୟାତ ବଲିଉଡ ଅଭିନେତା ପୁଣିତ୍ ଇଶାରଙ୍କୁ ଦର୍ଶକ ଦେଖିବାକୁ ପାଇଥିଲେ ଠିକ ସେହିପରି ଏଥର ଦଶହରା ନାୟିକା ଉର୍ବଶୀଙ୍କୁ ଦେଖିବାକୁ ପାଇବେ। ଉର୍ବଶୀ ଚୌହାନ ଦକ୍ଷିଣ ଭାରତର ଜଣେ ପ୍ରଖ୍ୟାତ ନୃତ୍ୟ ନିର୍ଦ୍ଦେଶିକା, ଯିଏ ପୁଷ୍ପାରେ ଅଲ୍ଲୁ ଅର୍ଜୁନଙ୍କୁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲ। ତା'ସହିତ ଅର୍ଦ୍ଧେନ୍ଦୁଙ୍କ ନାୟିକା ଭାବେ ଚୁଲବୁଲି ସୁପ୍ରିୟା ନାୟକ ନଜର ଆସିବେ । ଅର୍ଦ୍ଧେନ୍ଦୁ ଏବଂ ସୁପ୍ରିୟା ଯୋଡିକୁ ବଡ଼ ପରଦାରେ ଦେଖିବାକୁ ଦର୍ଶକ ଖୁବ ଉତ୍ସାହିତ ଅଛନ୍ତି । ଫିଲ୍ମ ରିଲିଜ୍ ପୂର୍ବରୁ ମୁକ୍ତିଲାଭ କରିଥିବା ଯନ୍ତାଳ ଗୀତ କୁ ଦର୍ଶକ ଢେର ଭଲ ପାଇବା ଦେଉଛନ୍ତି। ଗେମ୍ ଓଭରର ଅର୍ଦ୍ଧେନ୍ଦୁ - ସୁପ୍ରିୟାଙ୍କ ନୂଆଯୋଡି ସହିତ ମୁଖ୍ୟ ଆକର୍ଷଣ ସାଜିଥିବା ଉର୍ବଶୀ ଚୌହାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, କେକେ, କୁନା ତ୍ରିପାଠୀ, ସୁଶାନ୍ତ ଦାସ ମହାପାତ୍ର, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ପୃଥ୍ୱିରାଜ ନାୟକ, ଉଦିତ ଗୁରୁ, ପ୍ରୀତି ରଞ୍ଜନ ପ୍ରଧାନ ମଧ୍ୟ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ପ୍ରଚାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ଥିବାବେଳେ ଚିତ୍ରତ୍ତୋଳନ କରିଛନ୍ତି ମନୋଜ କୁମାର ଖଟୁଆ ଏବଂ ସମ୍ପାଦନା କରିଛନ୍ତି ବିଶ୍ୱଜିତ ପଇତାଳ । ତେବେ ଦଶହରାରେ ଗେମ୍ ଓଭର ଚଳଚ୍ଚିତ୍ର ଜରିଆରେ ଅର୍ଦ୍ଧେନ୍ଦୁ ପୁଣି ଏକ ନୂଆ ରେକର୍ଡ ସୃଷ୍ଟି କରିବେ ବୋଲି ସବୁଠି ଚର୍ଚ୍ଚା ହେଉଛି ।



## ଆଇଏଏସ୍ ହେବାକୁ ଚାହୁଁଥିଲେ ୟାମୀ

ହକ୍ ଚଳଚ୍ଚିତ୍ରରେ ଦୃଢ଼ ଅଭିନୟ ପରେ ଅଭିନେତ୍ରୀ ୟାମି ଗୌତମ ବର୍ତ୍ତମାନ ରିଲିଜ ହୋଇଥିବା ହରର୍-କମେଡ଼ି 'ନୟୀ ନଭେଲୀ'ରେ ନଜର ଆସିଛନ୍ତି । ତେବେ ୟାମୀଙ୍କ କ୍ୟାରିୟର ଟିଭି ବିଜ୍ଞାପନ ଓ ଧାରାବାହିକରୁ ଆରମ୍ଭ ହୋଇ ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତ୍ରୀ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ପ୍ରେରଣାଦାୟୀ । ହିମାଚଳ ପ୍ରଦେଶର ବିଳାସପୁରରେ ଜନ୍ମିତ ତଥା ଶୃଙ୍ଖଳିତ ବାଲ୍ୟଜୀବନ ବିତାଇଥିବା ୟାମି ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଗ୍ରହଣ କରିବା ସହ ପ୍ରାରମ୍ଭରେ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିଲେ । ହେଲେ ପରେ ସେ ମଡେଲିଂ ତଥା ବିଜ୍ଞାପନ ଦୁନିଆରେ ପାଦ ରଖିଥିଲେ, ଯାହା ତାଙ୍କୁ ଆଜି ବଲିଉଡର ଆଗଧାଡିର ନାୟିକା ପାଲଟିଛନ୍ତି । ୨୦୦୮ ରେ ଟିଭି ଧାରାବାହିକ ଏବଂ ବିଜ୍ଞାପନ ଜଗତରୁ ଅଭିନୟ ଆରମ୍ଭ କରିଥିବା ୟାମି ୨୦୧୨ରେ 'ଭିକି ଡୋନର୍' ଜରିଆରେ ବଲିଉଡ଼ରେ ପାଦଦେଇଥିଲେ । ଏହାପରେ 'ବଦଲାପୁର', 'କାବିଲ୍', 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍', 'ଏ ଥର୍ସ୍‌ଡେ', 'ଦସଭି' ଓ 'ଓଏମ୍‌ଜି ୨' ଭଳି ବହୁ ଚର୍ଚ୍ଚିତ ଚଳଚ୍ଚିତ୍ରରେ ନିଜର ଦମଦାର ଅଭିନୟର ପରିଚୟ ଦେଇଛନ୍ତି ।





**ମେଷ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ଗୃହେ ଶୁଭ ଆଲୋଚନା, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ନୂତନ ନିଯୁକ୍ତି, ବନ୍ଧୁ ସାହାଯ୍ୟ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ବନ୍ଧୁସହଯୋଗ, ନୂତନ ଆୟ, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ପରିଶ୍ରମ, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବିଦେଶ ଭ୍ରମଣଯୋଗ, ଭୂସମ୍ପତ୍ତିଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ ।

**ମିଥୁନ:** ଚିଡ଼ିଚିଡ଼ା ସ୍ୱଭାବ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶତ୍ରୁବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁଲାଭ, ଗୁରୁଜନେ ଆଶୀର୍ବାଦ, ଅର୍ଥଚିନ୍ତା, ଦାମ୍ପତ୍ୟକଳହ, ଭ୍ରାତୃସ୍ନେହ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ।

**କର୍କଟ:** ଶରୀର ଅସୁସ୍ଥ, ହଠାତ୍ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ପଦବୀଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମା' ଗୌରୀ।

**ସିଂହ:** ନୂତନ କର୍ମ ଆରମ୍ଭ, ବ୍ୟବସାୟରେ ଉନ୍ନତି, ପାରିବାରିକ ସୁଖ, ଅଯଥା ଖର୍ଚ୍ଚ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସହଯୋଗ। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା।

**କନ୍ୟା:** ବ୍ୟବସାୟରେ ସ୍ୱଳ୍ପ ଲାଭ,ପାରିବାରିକ ସାହାଯ୍ୟ, ନୂତନ ବନ୍ଧୁଲାଭ, ମାନସିକ ଶାନ୍ତି, ଯାତ୍ରା ସଫଳ, କିଛି କ୍ରୟ ବିକ୍ରୟ, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ।

**ତୁଳା:** ଶୁଭଖବର, କର୍ମକ୍ଷେତ୍ରେ ସମସ୍ୟା, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ସମ୍ମାନପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ଅର୍ଥଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ।

**ବିଛା:** ବ୍ୟୟବୃଦ୍ଧି, ମାନସିକ ଅବସାଦ, ବ୍ୟବସାୟିକ କଷ୍ଟ, ସନ୍ତାନଲାଭ, ମେଡ଼ିକାଲ ସମସ୍ୟା, ଲୋକସମ୍ପର୍କରେ ଉନ୍ନତି, ତୀର୍ଥଯାତ୍ରା ସଫଳ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଯାତ୍ରାଶୁଭ, ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଅର୍ଥଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ଲାଭ, ଉତ୍ତମ ବ୍ୟକ୍ତି ସାହାଯ୍ୟ, ଦେବକାର୍ଯ୍ୟରେ ସଫଳ, ସ୍ୱାଦିଷ୍ଟ ଭୋଜନ। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମା' ମହାଲକ୍ଷ୍ମୀ।

**ମକର:** ସମ୍ମାନଲାଭ, ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅର୍ଥଲାଭ, ଦେବକାର୍ଯ୍ୟ ସଫଳ, ଉତ୍ସବକୁ ନେଇ ଦୂରଯାତ୍ରା, ଶତ୍ରୁ ପରାଜିତ ମାନସିକ ଅଶାନ୍ତି, ଗୃହେ ଶୁଭ ଆଲୋଚନା। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ମାଣିକେଶ୍ୱରୀ।

**କୁମ୍ଭ:** ଶୁଭଖବର, ଦ୍ରବ୍ୟଲାଭ, ସମ୍ପତ୍ତିସୁଖ, ଶୁଭ ଆଲୋଚନା, ବନ୍ଧୁଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟଲାଭ, ଲୋକସମ୍ପର୍କରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ।

**ମୀନ:** ଶରୀର କଷ୍ଟ ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବନ୍ଧୁ ସହଯୋଗ, ପାରିବାରିକ ବିବାଦ, ତୀର୍ଥାଟନ, ଦେବଦର୍ଶନ, ଦ୍ରବ୍ୟ ନଷ୍ଟ, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୫, ଆରାଧନା- ମା' ଗୌରୀ।

ଆଶ୍ୱିନ ଶୁକ୍ଳ ପକ୍ଷ ସପ୍ତମୀ
୧୭.୧୦.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଛାତ୍ର ସଂସଦ ନିର୍ବାଚନରେ ନିର୍ବାଚିତ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରୁଛନ୍ତି ।

## ଦଶହରା ସୁରକ୍ଷାରେ ୭୦ ପ୍ଲାଟୁନ ଫୋର୍ସ

କଟକ,(ସବ୍ୟୁ ): ଦୁର୍ଗା ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ପାଇଁ କଟକ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଇନଶୃଙ୍ଖଳା ପାଇଁ ସହରରେ ମୋଟ ୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ଏଥିରେ ଓଏସଏପି, ଆଇଆରବି ଓ ଏସଓଜି ଫୋର୍ସ ସାମିଲ ଅଛନ୍ତି । ସେହିପରି ୪୦ ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଏସଆଇ ଓ ଏଏସଆଇଙ୍କ ସମେତ ୮୪ ହାବିଲଦାର, ୬୦୦ କନଷ୍ଟେବଲ, ୭୦୦ ହୋମଗାର୍ଡ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ । ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇଛି । ପ୍ରତି ଜୋନ ଲାଗି ଜଣେ ଏଡିସିପି ବା ଏଏସପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଡିସିପି ରିଷିକେଶ ଖିଲାରୀ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ । ଏହାବାଦ ୨୦ଟି ଅତିରିକ୍ତ ପିସିଆର, ୩ଟା ସ୍ପେଶାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ୨୪ ଘଣ୍ଟିଆ ପାଟ୍ରୋଲିଂ କରିବ । ଏହାସହ କ୍ୟୁଆରଟି, କ୍ୟୁଏଟି, ବମ ସ୍କ୍ୱାଡ ଓ ସ୍ପେଶାଲ ସ୍କ୍ୱାଡ ଟିମ ମଧ୍ୟ ସର୍ବଦା ସଜାଗ ରହିବେ । ଭିଡରେ ଅସଦାଚରଣ ଓ ଚୋରି ରୋକିବା ପାଇଁ ସାଦା ପୋଷାକରେ ଉଭୟ ପୁରୁଷ ଓ ମହିଳା ପୋଲିସ କର୍ମଚାରୀ ବୁଲିବେ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଶନିବାର ଠାରୁ ୩୧ଟି ଅସ୍ଥାୟୀ ଏଡପୋଷ୍ଟ ଖୋଲାଯାଇଛି । ସେହିପରି ପୂଜାରୁ ଭସାଣି ପର୍ଯ୍ୟନ୍ତ ସମସ୍ତ ଚାନ୍ଦିମେଢ ପାଇଁ ଅତିରିକ୍ତ ବନ୍ଧୁକଧାରୀ ଫୋର୍ସ ନିୟୋଜିତ କରାଯିବ । କେତେକ ଅତି ସମ୍ବେଦନଶୀଳ ଅଞ୍ଚଳର ଘର ଛାତ ଉପରେ ବନ୍ଧୁକଧାରୀ ଫୋର୍ସ ମୁତୟନ କରାଯିବ ।

### ଦଶହରା ପୂର୍ବରୁ ପୂଜା, ପାର୍ବଣକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ହେବନି ରାସ୍ତା ଅବରୋଧ, ନିର୍ଦ୍ଦିଷ୍ଟ ଡେସିବିଲ ମଧ୍ୟରେ ବାଜିବ ଲାଉଡ୍‌ସ୍ପିକର

କଟକ,(ସବ୍ୟୁ): ଦଶହରା ପୂର୍ବରୁ ପୂଜା, ପାର୍ବଣକୁ ନେଇ ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି। ପୂଜା, ପାର୍ବଣ ଏପରି କରାଯିବା ଆବଶ୍ୟକ ଯାହାଦ୍ୱାରା କାହାରି ସ୍ୱାଧୀନତା କ୍ଷୁର୍ଣ୍ଣ ହେଉନଥିବ। ପୂଜା,ପାର୍ବଣକୁ ନେଇ ଯେଉଁ ନିୟମ ରହିଛି ତାହା ମଧ୍ୟରେ ସବୁ କରାଯାଉଥିବ। କୌଣସି ପୂଜା ମଣ୍ଡପ ସାମ୍ନାରେ ଯଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବ ତାହେଲେ ସର୍ବସାଧାରଣଙ୍କ ପାଇଁ ଥିବା ରାସ୍ତାକୁ ଅବରୋଧ କରାଯାଇ ପାରିବ ନାହିଁ। ପୂଜା ମଣ୍ଡପ ନିକଟରେ ଯଦି ଲାଉଡ୍‌ସ୍ପିକର ବାଜିବ ତାହା ମଧ୍ୟ ଧାର୍ଯ୍ୟ ନିୟମଠାରୁ ଅଧିକ ଡେସିବିଲ୍‌ରେ ବାଜିପାରିବ ନାହିଁ । ପୂଜା ପାଇଁ ଯେଉଁ ତୋରଣ ନିର୍ମାଣ କରାଯିବ ତାହା ମଧ୍ଯ ନିର୍ଦ୍ଦିଷ୍ଟ ଉଚ୍ଚତାଠାରୁ ଅଧିକ ନିର୍ମାଣ କରାଯିବ ନାହିଁ ବୋଲି ବରିଷ୍ଠ ଆଇନଜୀବୀ ଶରତ କୁମାର ଗଜେନ୍ଦ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ରାଜ୍ୟ ସରକାର ଏହି ଆଦେଶକୁ ସମ୍ପୂର୍ଣ୍ଣ ରାଜ୍ୟ ପାଇଁ କାର୍ଯ୍ୟକାରୀ କରିବା ଲାଗି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

ଆବେଦନକାରୀ ବରିଷ୍ଠ ଆଇନଜୀବୀ ଶରତ କୁମାର ଗଜେନ୍ଦ୍ର ରାଜଧାନୀ ଭୁବନେଶ୍ୱର ବଡ଼ଗଡ଼ର ସ୍ଥାୟୀ ବାସିନ୍ଦା ଅଟନ୍ତି । ତାଙ୍କ ଘରଠାରୁ ମାତ୍ର ୫୦ ମିଟର ଦୂରରେ ଅନୁଷ୍ଠିତ ଗଣେଶ ମହୋତ୍ସବ ଏବଂ ଦଶହରା ମହୋତ୍ସବ ସମୟରେ ରାସ୍ତାକୁ ଅବରୋଧ କରି ନିର୍ମାଣ କରାଯାଉଥିବା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ଏହାଦ୍ୱାରା ବଡ଼ଗଡ଼ ଗ୍ରାମକୁ ଯାଇଥିବା ରାସ୍ତାଟି ସଂଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅବରୋଧ ହୋଇଥାଏ। ଏହି ରାସ୍ତାରେ ସାଧାରଣ ଲୋକଙ୍କୁ ଯାତାୟତରେ ବଡ଼ ସମସ୍ୟା ଦେଖାଦେଇଥାଏ। ଆମ୍ବୁଲାନ୍ସ କିମ୍ବା କୌଣସି ଜରୁରୀକାଳୀନ ସେବା ମଧ୍ଯ ଯାଆସରେ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଏହି ଅବରୋଧକୁ ହଟାଯିବା ସହ ନିୟମ ମଧ୍ଯରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଶ୍ରୀ ଗଜେନ୍ଦ୍ର ପ୍ରାର୍ଥନା କରିଥିଲେ ।ଏହା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ କୌଣସି ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ କିପରି ଅନୁଷ୍ଠିତ ହେବ ସେନେଇ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ରହିଥିବା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ ମଧ୍ୟ ରାସ୍ତା ୨୨ଫୁଟ୍ ପର୍ଯ୍ୟନ୍ତ ଖାଲି ରହିବ। ପୁଲିସ୍ ଠାରୁ ଏଥିପାଇଁ ଅନୁମତି ମଧ୍ଯ ନେବାକୁ ପଡ଼ିବ। ତେଣୁ କେହି ନିୟମ ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବା ପୂଜା, ପାର୍ବଣର ଆୟୋଜନ କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଏବଂ ଆବେଦନକାରୀଙ୍କ ଏଭଳି ଏକ ପିଟିସନ୍‌କୁ ପ୍ରଶଂସା କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ୨୨ ଦିନରେ ୬ ମୃତ୍ୟୁ, ପୁଣି ଗଲା ଆଉ ଏକ ଜୀବନ

ବାରଙ୍ଗ,(ସବ୍ୟୁ): ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ବିଶେଷଜ୍ଞ ବ୍ୟବସ୍ଥା ରହିଛି । ନିୟମିତ ନିରୀକ୍ଷଣ ଓ ଚିକିତ୍ସା ବ୍ୟବସ୍ଥା ଥିବା ଦାବି ମଧ୍ୟ ରହିଛି । ହେଲେ ଏସବୁ ସେ%ୀ ଅଳ୍ପ ସମୟ ମଧ୍ୟରେ ଏକାଧିକ କୁମ୍ଭୀରଙ୍କ ମୃତ୍ୟୁ ଏବେ ନନ୍ଦନକାନନର ପ୍ରାଣୀ ପରିଚାଳନା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଠିଆ କରିଛି ।୨୦ ଦିନ ମଧ୍ୟରେ ୫ ଟି କୁମ୍ଭୀରଙ୍କ ମୃତ୍ୟୁ ପରେ ଶୁକ୍ରବାର ଦିନ ମାଇ ଛୁଆ କୁମ୍ଭୀରର ମୃତ୍ୟୁ ଘଟିବା ଘଟଣାକୁ ଆହୁରି ଚର୍ଚ୍ଚାରେ ଆଣିଛି । ଏହି ମୃତ୍ୟୁଗୁଡ଼ିକର ପ୍ରକୃତ କାରଣ କ'ଣ, ତାହା ନେଇ ଏବେ ସ୍ପଷ୍ଟ ଉତ୍ତର ଅପେକ୍ଷାରେ ଅଛନ୍ତି ପ୍ରାଣୀପ୍ରେମୀ ଓ ପର୍ଯ୍ୟଟକ ।ସୂଚନା ଅନୁସାରେ, ମୃତ ଛୁଆମାନେ ୨୦୨୬ ମେ ୨୪ରୁ ଜୁନ ୧ ମଧ୍ୟରେ ଜନ୍ମିତ ୭୧ ଘଡ଼ିଆଳ ଛୁଆଙ୍କ ବ୍ୟାଚ୍ର ବୋଲି ଜଣାପଡ଼ିଛି । ଏତେ ସଂଖ୍ୟକ ଛୁଆ ମଧ୍ୟରୁ ଅଳ୍ପ ସମୟରେ ଏକାଧିକ ମୃତ୍ୟୁ ଘଟିବା ପରେ ସ୍ୱାସ୍ଥ୍ୟ ନିରୀକ୍ଷଣ, ଖାଦ୍ୟ ବ୍ୟବସ୍ଥା ଓ ଖୁଆଡ଼ର ପରିବେଶକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।ବିଶେଷ ସୂତ୍ରରୁ ମିଳିଥିବା ଦାବି ଅନୁସାରେ, ଖୁଆଡ଼ରେ ଷ୍ଟକିଂ ଡେନସିଟି ଅର୍ଥାତ ପ୍ରାଣୀଙ୍କ ଘନତାକୁ ନେଇ ମଧ୍ୟ ପୂର୍ବରୁ ଆଲୋଚନା ହୋଇଥିଲା । ଅତ୍ୟଧିକ ଘନତା ରହିଲେ ଷ୍ଟ୍ରେସ ଓ ସଂକ୍ରମଣର ଆଶଙ୍କା ବଢ଼ିପାରେ ବୋଲି ବିଶେଷଜ୍ଞ ମହଲରେ ମତ ରହିଛି । ମୃତ୍ୟୁ ପରେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଥିବା କୁହାଯାଉଛି । କିନ୍ତୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଯଦି ସମାନ ଘଟଣା ପୁଣି ଘଟେ, ତେବେ ପ୍ରତିରୋଧମୂଳକ ବ୍ୟବସ୍ଥା କଣ? ଏହାର ସ୍ପଷ୍ଟତା ମଧ୍ୟ ଜରୁରୀ ।

## ଅଖିଳ ମିଶ୍ରଙ୍କ ନବମ କବିତା ସଂକଳନ ଦୂର ପୃଥିବୀଉନ୍ମୋଚିତ

ଭୁବନେଶ୍ୱର(ସବ୍ୟୁ): ବିଶିଷ୍ଟ କବି ତଥା ସାହିତ୍ୟିକ ଅଖିଳ କୁମାର ମିଶ୍ରଙ୍କ ନବମ କବିତା ସଂକଳନ ଦୂର ପୃଥିବୀ ଉନ୍ମୋଚିତ ହୋଇଯାଇଛି । ନୀଳକଇଁ ପ୍ରକାଶନୀ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ସାରସ୍ୱତ ସନ୍ଧ୍ୟାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ବିଶିଷ୍ଟ ଅତିଥି, ସାହିତ୍ୟିକ ଯୋଗ ଦେଇଥିଲେ ।



ଏହି କାର୍ଯ୍ୟକ୍ରମରେ ସି ଏ ସ୍ ଆ ଇ ଆ ର୍ - ଆ ଇ ଏ ମ୍ ଏ ମ୍ ଟି ର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଲୋକାର୍ପଣ କରିଥିଲେ । ସେହିପରି ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଡ. ମନୋରମା ବିଶ୍ୱାଳ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଡ. ହୃଷିକେଶ ମଲ୍ଲିକ, ବିଶିଷ୍ଟ ଅତିଥି ଡାକ୍ତର ହିମାଦ୍ରି ତନୟା ମିଶ୍ର ଏବଂ ନୀଳକଇଁ ପ୍ରକାଶନୀର ସମ୍ପାଦିକା ସସ୍ମିତା ଦାସ ପ୍ରମୁଖ ଯୋଗଦେଇ କବି ଓ ତାଙ୍କ ସୃଜନୀ ସମ୍ଭାର ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀ ସ୍ୱଗତ ଭାଷଣ ଦେଇଥିଲେ । ଏହି ଅବସରରେ ଆଲୋଚକମାନେ ମତ ପ୍ରକାଶ କରିଥିଲେ ଯେ, କବି ଅଖିଳ କୁମାର ମିଶ୍ରଙ୍କ କବିତାରେ ଜୀବନ, ମନସ୍ତତ୍ତ୍ୱ ଏବଂ ଆତ୍ମାନ୍ୱେଷଣର ଗଭୀର ପ୍ରତିଫଳନ ଦେଖିବାକୁ ମିଳେ । ଦୂର ପୃଥିବୀର କେବଳ ଏକ ଭୌଗଳିକ ଦୂରତା ନୁହେଁ, ବରଂ ଏହା ମାନସିକ, ଭାବଗତ ଏବଂ ଅସ୍ତିତ୍ୱଗତ ଦୂରତାର ଏକ ଅନ୍ତର୍ମୁଖୀ କାବ୍ୟ ଯାତ୍ରା ଅଟେ । କବି ଏଥିରେ ବାହାର ପୃଥିବୀ ସହିତ ମଣିଷର ଅନ୍ତର୍ମନର ଭାବନା ଏବଂ ଅପ୍ରକାଶିତ ଆବେଗକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ବୋଲି ବକ୍ତାମାନେ ମତ ଦେଇଥିଲେ ।

### ନଭେମ୍ବର ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ

## ଦୈନିକ ପ୍ରବେଶ କରିବ ୬୦ ଗାଡ଼ି

ବାରିପଦା, (ସବ୍ୟୁ) : ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ ଓ ସମୃଦ୍ଧ ଜୈବବିବିଧତାର ଅନନ୍ୟ ଭଣ୍ଡାର ଶିମିଳିପାଳ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି । ୨୦୨୬-୨୭ ପର୍ଯ୍ୟଟନ ଋତୁ ପାଇଁ ଆସନ୍ତା ନଭେମ୍ବର ୧ତାରିଖରୁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ (ଏସ୍‌ଟିଆର) ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିବ । ଏହାକୁ ନେଇ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ପର୍ଯ୍ୟଟନ ପରିଚାଳନା ସହ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ଅଭୟାରଣ୍ୟ ଭିତରକୁ ପ୍ରବେଶ ଅନୁମତି ମିଳିବ । ଏଥିମଧ୍ୟରୁ ଯଶିପୁର ଫାଟକ ଦେଇ ୩୫ଟି ଏବଂ ପିଠାବଟା ଫାଟକ ଦେଇ ୨୫ଟି ଗାଡ଼ି ପ୍ରବେଶ କରିପାରିବ । ଗାଡ଼ିର ବୈଧ କାଗଜପତ୍ର ରହିବା ସହ ସର୍ବନିମ୍ନ ୧୮୦ ମିଲିମିଟର ଗ୍ରାଉଣ୍ଡ କ୍ଲିୟରାନ୍ସ ରହିବା ବାଧ୍ୟତାମୂଳକ । ଭାରୀଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ନିୟମ ଅନୁଯାୟୀ, ପର୍ଯ୍ୟଟକମାନଙ୍କୁ ଅପରାହ୍ନ ୪ଟା ସୁଦ୍ଧା ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଅଞ୍ଚଳ ଛାଡ଼ିବାକୁ ପଡ଼ିବ





। ସେହିପରି ସନ୍ଧ୍ୟା ୬ଟା ପୂର୍ବରୁ କାଳିକାପ୍ରସାଦ କିମ୍ବା ପିଠାବଟା ଫାଟକ ଦେଇ ଅଭୟାରଣ୍ୟରୁ ବାହାରିବାକୁ ହେବ । ଅଭୟାରଣ୍ୟ ମଧ୍ୟରେ ରାତ୍ରିକାଳୀନ ଯାତାୟାତ ସମ୍ପୂର୍ଣ୍ଣ ନିଷିଦ୍ଧ ରହିବ । ଚଳିତ ପର୍ଯ୍ୟଟନ ଋତୁରେ ସ୍ଥାନୀୟ ପରିବେଶ ଉନ୍ନୟନ ସମିତି (ଇଡିସି) ପକ୍ଷରୁ ପରିଚାଳିତ ଖୋଲା ଜିପ୍ ସଫାରିର ସୁବିଧା ମଧ୍ୟ ପର୍ଯ୍ୟଟକମାନେ ପାଇପାରିବେ । ଗୁଡୁଗୁଡ଼ିଆ, ପିଠାବଟା, ଜାମୁଆଣି, ତାଳବନ୍ଧ ଓ ବରେହିପାଣିରୁ ସଫାରି ସେବା ଉପଲବ୍ଧ ହେବ । ଏଥିପାଇଁ ରାଜ୍ୟର ଇକୋ-ଟୁରିଜିମ୍ ୱେବସାଇଟ୍ ମାଧ୍ୟମରେ ଅଗ୍ରୀମ ବୁକିଂ କରିବାକୁ ପଡ଼ିବ । ସକାଳ ସଫାରି ଭୋର ୫ଟା ୩୦ରୁ ଆରମ୍ଭ ହୋଇ ପାଞ୍ଚ ଘଣ୍ଟା ଧରି ଚାଲିବାକୁ ଥିବାବେଳେ ଅପରାହ୍ନ ସଫାରି ଦିନ ୨ଟାରୁ ଆରମ୍ଭ ହୋଇ ଚାରି ଘଣ୍ଟା ଚାଲିବ । ସେହିପରି କୁମାରୀ, ଗୁଡୁଗୁଡ଼ିଆ, ତାଳବନ୍ଧ, ବରେହିପାଣି ଓ ଜାମୁଆଣିସ୍ଥିତ ପ୍ରକୃତି ନିବାସରେ ରାତ୍ରିଯାପନ କରିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କୁ ଅନଲାଇନ୍‌ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ । ବନ୍ୟଜନ୍ତୁ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରିବା କିମ୍ବା ଅଭୟାରଣ୍ୟ ମଧ୍ୟରେ ଅଳିଆ ଆବର୍ଜନା ପକାଇବା ଭଳି କାର୍ଯ୍ୟ ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପର୍ଯ୍ୟଟନ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ସହ ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସମ୍ପୃକ୍ତ ବିଭାଗ ଓ ବନ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ଶିମିଳିପାଳରେ ନୂଆ ପର୍ଯ୍ୟଟନ ଋତୁ ଆରମ୍ଭ ହେବାକୁ ଥିବାରୁ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଆଶା ସଞ୍ଚାର ହୋଇଛି । ତେବେ ପର୍ଯ୍ୟଟକଙ୍କ ଆଗମନ ସହ ଅଭୟାରଣ୍ୟର ପ୍ରାକୃତିକ ପରିବେଶ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିୟମ ପାଳନ ଉପରେ ବନ ବିଭାଗ ଗୁରୁତ୍ୱ ଦେଇଛି ।







### ପାଣିରେ ବୁଡି ମାଛ ଧରାଳି ମୃତ

ଅସ୍ତରଙ୍ଗ,(ସବ୍ୟୁ): ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନାପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମ ରବୀନ୍ଦ୍ର କୁମାର ପରିଡା (୬୬) ଲୁଣା ନଦୀକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ମୃତ୍ୟୁ ବରଣ କରିଥିବା ଜଣାପଡିଛି ।ରବୀନ୍ଦ୍ର ଶୁକ୍ରବାର ସକାଳ ୭ଟାରେ ନିକଟ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ ।ନଦୀରେ ଭଉଁରି ଜାଲ ପକାଇ ପକାଇ କିଛି ବାଟ ଆସିବା ପରେ ନଦୀ ମଝିରେ ଏକ ବାଲିଚରା ଅରା ପଡିଥିଲା । ସେହି ଅରାରେ ଜାଲ ପକାଇ କିଛି ମାଛ ଧରିବା ପରେ ନଦୀରେ ଜୁଆର ହୋଇଥିଲା । ପାଣି ବଢ଼ିବାରୁ, ଜାଲ ନ ପକାଇ ଜାଲକୁ କାନ୍ଧରେ ପକାଇ ପହଁରି ପହଁରି ତାଙ୍କ ଘର ନିକଟ ଆର ପାରିକୁ ଯାଉଥିଲା ବେଳେ, ନଦୀର ସ୍ରୋତରେ ଜାଲ କାନ୍ଧରୁ ଖସି ଅଣ୍ଟା ଠାରୁ ଗୋଡ଼ ପର୍ଯ୍ୟନ୍ତ ଗୁଡେଇ ହୋଇ ପାଣିରେ ଦାବି ହୋଇ ଯାଇଥିଲା ।




# ଭୁବନେଶ୍ୱରରେ ବିଭିନ୍ନ ଆକର୍ଷଣୀୟ ପୂଜା ମଣ୍ଡପ


ବମିଖାଲ


ବରମୁଣ୍ଡା


ନୟାପଲ୍ଲୀ


ରସୁଲଗଡ


ସହିଦନଗର


ପଲାଶୁଣୀ

### ମହିଳା ଓ ଶିଶୁ ବିକାଶ ପାଇଁ

## ସମୟବଦ୍ଧ କାର୍ଯ୍ୟଯୋଜନାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, (ସବ୍ୟୁ): ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ରାଜ୍ୟର ଲକ୍ଷ୍ୟ ନିର୍ଦ୍ଧାରଣ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଆଜି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଆକ୍ସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଉଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକର ସଫଳ ରୂପାୟନ, ଆନ୍ତଃ-ବିଭାଗୀୟ ସମନ୍ୱୟ ବୃଦ୍ଧି ଏବଂ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍‌ଶୀଘ୍ର ୪ଟି ପ୍ରମୁଖ ବିଷୟବସ୍ତୁକୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଗତ ୮ ଓ ୯ ତାରିଖରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀର ନିଷ୍କର୍ଷ ଆଧାରରେ ଏହି ଲକ୍ଷ୍ୟଗୁଡ଼ିକ ସ୍ଥିର କରାଯାଇଛି। ସରକାରୀ ଯୋଜନାର ପ୍ରକୃତ ଲାଭ ଯେପରି ମହିଳା ଓ ଶିଶୁମାନଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସୁଦୃଢ଼ ମୋନିଟରିଂ, ସମୟବଦ୍ଧ ଆକ୍ସନ୍ ପ୍ଲାନ୍ ଏବଂ ଉତ୍ତରଦାୟୀ କାର୍ଯ୍ୟାନ୍ୱୟନ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ର ସରକାରଙ୍କ ସହ ତାଳଦେଇ ଓଡ଼ିଶା ଚାରୋଟି ମୁଖ୍ୟ କ୍ଷେତ୍ରକୁ ପ୍ରାଥମିକତା ଦେଇଛି, ଯାହା ମଧ୍ୟରେ ପୁଷ୍ଟିସାଧନ ଓ ପ୍ରାରମ୍ଭିକ ଶିଶୁ ବିକାଶ, 'ମିଶନ୍ ବାତ୍ସଲ୍ୟ' ଅଧୀନରେ ଶିଶୁ ସୁରକ୍ଷା, ମହିଳା ସୁରକ୍ଷା ଏବଂ ମହିଳା ସଶକ୍ତିକରଣ ଅନ୍ତର୍ଭୁକ୍ତ। ପୁଷ୍ଟିସାଧନ ଓ ପ୍ରାରମ୍ଭିକ ଶିଶୁ ବିକାଶ ଅଧୀନରେ ଟେକ୍-ହୋମ୍ ରାସନ୍ ଓ ରନ୍ଧା ଖାଦ୍ୟର ଗୁଣବତ୍ତା ବୃଦ୍ଧି, 'ପୋଷଣ ଟ୍ରାକର୍' ମାଧ୍ୟମରେ ଅନୁଧ୍ୟାନ, ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଶୀଘ୍ର ଚିହ୍ନଟ କରି




ଚିକିତ୍ସା ପାଇଁ ପ୍ରେରଣ କରିବା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁ-ଅନୁକୂଳ କରି ପ୍ରାକ୍-ବିଦ୍ୟାଳୟ ଶିକ୍ଷାରେ ସୁଧାର ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ମହିଳା ସୁରକ୍ଷା ପାଇଁ 'ୱାନ୍ ଷ୍ଟପ୍ ସେଣ୍ଟର୍' ଓ '୧୮୧ ମହିଳା ହେଲ୍ପଲାଇନ୍'କୁ ଅଧିକ ସୁଦୃଢ଼ କରାଯିବ। ରାଜ୍ୟର ୧୨ଟି ଅଧିକ ବାଲ୍ୟବିବାହ ପ୍ରବଣ ଜିଲ୍ଲାରେ ସ୍ୱତନ୍ତ୍ର ସଚେତନତା ଓ ଭୁଲ୍ ଚିହ୍ନଟ ମାଧ୍ୟମରେ ବାଲ୍ୟବିବାହ ରୋକିବା ସହ କର୍ମସଂସ୍ଥାନରେ ମହିଳାଙ୍କ ସୁରକ୍ଷା ପାଇଁ 'POSH' ନିୟମାବଳୀ ଓ 'SHe-Box' ର କଡ଼ାକଡ଼ି ପାଳନ କରାଯିବ। ମହିଳା ସଶକ୍ତିକରଣକୁ ଆହୁରି ବ୍ୟାପକ କରିବା ପାଇଁ କାର୍ଯ୍ୟରତ ମହିଳାଙ୍କ ପାଇଁ କ୍ରେଚ୍ ଓ ହଷ୍ଟେଲ୍ ଭିତ୍ତିଭୂମିର ସମ୍ପ୍ରସାରଣ, 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ସଫଳ ରୂପାୟନ ଏବଂ କେନ୍ଦ୍ରର 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ସହ ଓଡ଼ିଶାର 'ମମତା ଯୋଜନା'ର ସମନ୍ୱୟ ରକ୍ଷା କରାଯିବ। ଏହି ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ ବୈଠକ

କଟକ,(ସବ୍ୟୁ): ଆଜି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ବୈଠକ ଆୟୋଜିତ ହୋଇଯାଇଛି । ବୈଠକରେ ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ପାଇଁ ଶପଥପାଠ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ ମାନସ ବିଶ୍ୱାଳ, ଶ୍ରମିକ ନେତା ଭାରତୀୟ ମଜଦୁର ସଂଘ ବସନ୍ତ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

### କମ୍ପ୍ୟୁଟରୀକରଣ କରିଥିବା ସଂସ୍ଥାକୁ ସରକାର ଦେଇପାରିଲେନି ବକେୟା ଅର୍ଥ

## ଯୋବ୍ରାସ୍ଥିତ ବନ୍ଦୋବସ୍ତ, ଭୂମାପ ଓ ନକ୍ସା ପ୍ରକାଶନ ସଂସ୍ଥା ହେଲା କୋରକ

କଟକ,(ସବ୍ୟୁ): ୧୧୩ଟି ତହସିଲ୍‌ରେ ଭୂଲେଖ କାର୍ଯ୍ୟର କମ୍ପ୍ୟୁଟରୀକରଣ କରାଗଲା ପରେ ଏ ବାବଦରେ ୨୩୬ କୋଟି ଟଙ୍କା ସିଲ୍‌ଭାସ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପାଇବା କଥା । କିନ୍ତୁ ୨୩୬ କୋଟିରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮କୋଟି ଟଙ୍କା ଦିଆଯାଇଥିଲାବେଳେ ବାକି ଅର୍ଥ ନମିଳିବାରୁ ଆଜି କଟକ ଯୋବ୍ରାସ୍ଥିତ ବନ୍ଦୋବସ୍ତ, ଭୂମାପ ଓ ନକ୍ସା ପ୍ରକାଶନ ସଂସ୍ଥାକୁ କଟକ କର୍ମସିଆଲ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କୋରଖ (ଆଟାଚ୍‌ମେଣ୍ଟ) କରାଯାଇଛି। ଏହି ଘଟଣା ଆଜି କଟକରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ୧୧୩ଟି ତହସିଲ୍‌ରେ ଭୂଲେଖ କାର୍ଯ୍ୟର କମ୍ପ୍ୟୁଟରୀକରଣ କରିବା ଲାଗି ୨୦୧୨ ମସିହାରେ ସିଲ୍‌ଭାସ୍ ଇନ୍‌ଫୋଟେକ୍ ଟେଣ୍ଡରରେ କାମ ପାଇଥିଲା। ଏହି କାମ ପାଇବାର ୩ମାସ ମଧ୍ୟରେ କାମ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା । ସିଲ୍‌ଭାସ୍ ପକ୍ଷରୁ ଏଥିପାଇଁ କମ୍ପ୍ୟୁଟର, ପ୍ରିଣ୍ଟର ଏବଂ ଅନ୍ୟାନ୍ୟ ଉପକରଣ ମଧ୍ୟ ମଗାଯାଇ ଷ୍ଟୋର କରାଯାଇଥିଲା । ପ୍ରତ୍ୟେକ ତହସିଲ୍‌ରେ ଏହି ଭୂଲେଖ କାର୍ଯ୍ୟ ପାଇଁ ଭିତ୍ତିଭୂମିର ଆବଶ୍ୟକ ରହିଥାଏ। ଗୋଟେ ୮ଶହ ବର୍ଗଫୁଟ୍‌ର ଘରେ ବିଦ୍ୟୁତ୍ ସଂଯୋଗ ସହ ଆର୍ଥିଙ୍ଗ ବ୍ୟବସ୍ଥା ରହିବା ଦରକାର । କିନ୍ତୁ କୌଣସି ତହସିଲ୍‌ରେ ଏହି ଭିତ୍ତିଭୂମି ନଥିବାରୁ ସିଲ୍‌ଭାସ୍ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହି ମର୍ମରେ ଚିଠି ଲେଖାଯାଇଥିଲା। ତହସିଲ୍‌ରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଭିତ୍ତିଭୂମି ଯୋଗାଇବା ପରିବର୍ତ୍ତେ ଧାର୍ଯ୍ୟ ସମୟ ମଧ୍ୟରେ କାମ ଶେଷ କରିନଥିବା ଦର୍ଶାଇ ସିଲ୍‌ଭାସ୍ କମ୍ପାନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଥିଲା । ପରେ କାମରୁ ମଧ୍ୟ ବାଦ୍(ଟର୍ମିନେଟ୍) କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସିଲଭାସ୍ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି କଳାତାଲିକାଭୁକ୍ତ ପାଇଁ ହୋଇଥିବା ଆଦେଶକୁ ରଦ୍ଦ କରି ଦେଇଥିଲେ। ଏହାପରେ ସିଲ୍‌ଭାସ୍ ପକ୍ଷରୁ ଭୂଲେଖ କାମ କରାଯାଇ ୨୦୧୭ମସିହାରେ କାମ ଶେଷ କରାଗଲା । କାମ ଶେଷ ପରେ କମ୍ପାନୀକୁ ତା'ର ପ୍ରାପ୍ୟ ପ୍ରଦାନ କରାଗଲା ନାହିଁ । ଫଳରେ କମ୍ପାନୀ ପୁନର୍ବାର ହାଇକୋର୍ଟକୁ ଗଲା।

ହାଇକୋର୍ଟ ଆରବିଟାରୀ ଯୋଗେ ସମସ୍ୟାର ସମାଧାନ କରାଇଥିଲେ। ଆରବିଟାରିରେ କମ୍ପାନୀକୁ ରାଜ୍ୟ ସରକାର ୨୩୬ କୋଟି ଟଙ୍କା ପ୍ରଦାନ କରିବାକୁ କୁହାଯାଇଥିଲା। ଏହି ଆଦେଶ ପରେ ରାଜ୍ୟ ସରକାର ମାତ୍ର ୭କୋଟି ୪୫ଲକ୍ଷ ପ୍ରଦାନ କରିଥିଲେ । ବାକି ଅର୍ଥ ନଦେଇ ରାଜ୍ୟ ସରକାର ଏହି ଆଦେଶ ବିରୋଧରେ କମର୍ସିଆଲ କୋର୍ଟକୁ ଗଲେ। ଯେତିକି ଅର୍ଥ ପ୍ରଦାନ ପାଇଁ ଧାର୍ଯ୍ୟ କରାଯାଇଛି ସେତିକି ଅର୍ଥ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ କମର୍ସିଆଲ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର, ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ । କିନ୍ତୁ ତାଙ୍କୁ ସବୁଠୁ ନିରାଶ ହେବାକୁ ପଡ଼ିଲା । ଏହାସତ୍ତ୍ୱେ ରାଜ୍ୟ ସରକାର ଏହି ଅର୍ଥ ପ୍ରଦାନ ନକରିବାରୁ ଗତ ମାର୍ଚ୍ଚରେ କଟକ କମର୍ସିଆଲ ଅଦାଲତ ବନ୍ଦୋବସ୍ତ, ଭୂମାପ ଓ ନକ୍ସା ପ୍ରକାଶନ ସଂସ୍ଥାକୁ କୋରକ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟକୁ ଯାଇଥିଲେ । ଏହି ଅର୍ଥ ଜମା କଲେ ହାଇକୋର୍ଟ କୋରକ ନୋଟିସ୍ ଉପରେ ରହିତାଦେଶ ଜାରି କରିବେ ବୋଲି କହିଥିଲେ। ଏହି ଆଦେଶ ଆଧାରରେ ରାଜ୍ୟ ସରକାର ପ୍ରଥମେ ୮୦ଲକ୍ଷ ଟଙ୍କା ଏବଂ ମାସକ ପରେ ବାକି ଅର୍ଥ ପ୍ରଦାନ କରାଯିବ ବୋଲି ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ୮୦ଲକ୍ଷ ଦେଇଦେବା ପରେ ବାକି ଅର୍ଥ ପ୍ରଦାନ କରାଗଲା ନାହିଁ । ଫଳରେ ସିଲ୍‌ଭାସ୍ ସଂସ୍ଥା ପକ୍ଷରୁ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଇଥିଲା । ମୋଟ୍ ବକେୟା ଅର୍ଥର ୫୦% ଜମା କଲେ ହାଇକୋର୍ଟ କୋରକ୍ ନୋଟିସ୍ ଉପରେ ରହିତାଦେଶ ଜାରି କରିବେ ବୋଲି କୁହାଯାଇଥିଲା। ସେତକ ବି ସରକାର ଦାଖଲ କରିପାରିଲେନି।

## ଡ୍ରିମ୍ସ ପଲିଟେକ୍‌ନିକରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

କଟକ, (ସ୍ୱପ୍ର): ଡ୍ରିମ୍ସ ସ୍ୱୟଂଶାସିତ ପଲିଟେକ୍‌ନିକ୍‌ରେ ଛାତ୍ରୀଙ୍କ ଆତ୍ମରକ୍ଷା



ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଯାଇଛି । ଡ୍ରିମ୍ସ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି( ଆଇସିସି) ଆନୁକୂଲ୍ୟରେ ୪ଦିନ ଧରି ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରଶିକ୍ଷିକା ରୂପାଲି ହାତୀ ଆପଦକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୋଠଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । କ୍ରୀଡା ନିର୍ଦ୍ଦେଶକ ଡ. ନବକିଶୋର ମିଶ୍ର ପ୍ରଶିକ୍ଷଣର ଗୁରୁତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇସିସି ଅଧ୍ୟକ୍ଷା ଶୁଭଶ୍ରୀ ଦାସ ଓ ସଂଯୋଜିକ ଅଧ୍ୟାପିକା ଦୀପିକା ଦେବସ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିର ବିପୁଳ ବିଜୟ

## ନବୀନ ପଟ୍ଟନାୟକଙ୍କ ପ୍ରତି ବିପୁଳ ସମର୍ଥନ ଜଣାଇଲେ ଜେନ ଜି

ଭୁବନେଶ୍ୱର, (ସବ୍ୟୁ): ଛାତ୍ର ସଂସଦ ନିର୍ବାଚନରେ ରାଜ୍ୟବ୍ୟାପୀ ବିସିଜେଡିକୁ ବିପୁଳ ସମର୍ଥନ ମିଳିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ଉପସଭାପତି ସୌମ୍ୟ ରଞ୍ଜନ ମହାପାତ୍ର ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନରେ ଛାତ୍ରଛାତ୍ରୀ ମାନେ ବିଜେଡି ପ୍ରତି ବିପୁଳ ସମର୍ଥନ ଜଣାଇଛନ୍ତି । ଇପ୍ସିତା ସାହୁଙ୍କ ଭଳି ଜଣେ ଛାତ୍ରୀଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଦାୟିତ୍ୱ ଦେଇଥିବା ବେଳେ ସେ ତାହାକୁ ସଠିକ୍ ଢଙ୍ଗରେ ତୁଲାଇ ନିର୍ବାଚନରେ ବିସିଜେଡିକୁ ବିଜୟ କରାଇଛନ୍ତି । ବିଜେଡି ପ୍ରତି ବିପୁଳ ସମର୍ଥନ ଜଣାଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଦଳ ଧନ୍ୟବାଦ ଜଣାଇବା ସହ ବିଜୟ ପ୍ରାର୍ଥୀ ମାନଙ୍କୁ ଅଭିନନ୍ଦନ ଜଣାଇଛି । ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ସରକାରୀ କଳ ଓ ବଳର ବ୍ୟାପକ ଅପପ୍ରୟୋଗ କରିଥିଲେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କ ସମର୍ଥନ ହାସଲ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜୟ ନିହାତି ଆବଶ୍ୟକ ଥିଲା, କିନ୍ତୁ ଜେନ ଜି ତାକୁ କରାଇ ଦେଲେ ନାହିଁ । ସେହିପରି ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିସିଜେଡି ବଡ ବିଜୟ ହାସଲ କରିଛି । ରାଜ୍ୟର ୨୮୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବା ବେଳେ ୧୭୦ କଲେଜରେ ବିଜେଡି ବିଜୟ ଲାଭ କରିଛି । ଇପ୍ସିତା ସାହୁ କହିଥିଲେ ଯେ, ରାଜ୍ୟର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱର୍ କଲେଜରେ ବିଜେଡି ବିଜୟ ହାସଲ କରିଛି । କିନ୍ତୁ ଶାସକ ଦଳର ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ନେତା ମାନେ ଏବିଭିପି ରାଜ୍ୟର ୮୦ ପ୍ରତିଶତ କଲେଜରେ ବିଜୟ ହୋଇଛି ବୋଲି ମିଛ ପ୍ରଚାର କରୁଛନ୍ତି । ସୌମ୍ୟ ରଞ୍ଜନ ମହାପାତ୍ର କହିଥିଲେ ଯେ, ସରକାରଙ୍କ ସବୁ ଚକ୍ରାନ୍ତ ବିଫଳ ହୋଇଛି ।

## ଭୁବନେଶ୍ୱର ପଟିଆରେ ଖୋଲିଲା ଖୋସଲା ଇଲେକ୍ଟ୍ରୋନିକ୍ସର ନୂତନ ଶୋ'ରୁମ୍

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ଭାରତର ଅନ୍ୟତମ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ରିଟେଲ୍ ଚେନ୍ ଖୋସଲା ଇଲେକ୍ଟ୍ରୋନିକ୍ସର ନୂତନ ଶୋ'ରୁମ୍ ଭୁବନେଶ୍ୱରର ପଟିଆଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ କମ୍ପାନୀର ମାର୍କେଟିଂ ଓ ସେଲ୍ସ ନିର୍ଦ୍ଦେଶିକା ଶ୍ରୀମତୀ ଖୁସ୍‌ବୁ ଖୋସଲା ଗୁପ୍ତା ଉପସ୍ଥିତ ଥିଲେ। ୧୯୮୭ ମସିହାରୁ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଥିବା ଖୋସଲା ଇଲେକ୍ଟ୍ରୋନିକ୍ସର ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ୧୦୦ଟି ଷ୍ଟୋର୍ ରହିଛି। କମ୍ପାନୀ ପକ୍ଷରୁ ଫ୍ରିଜ୍, ୱାଶିଂ ମେସିନ୍, ଟେଲିଭିଜନ୍, ମୋବାଇଲ୍ ଫୋନ୍, ଲାପଟପ୍, ଆକ୍ସେସୋରିଜ୍, ଅଡିଓ-ଭିଜୁଆଲ୍ ଉତ୍ପାଦ ସମେତ ବିଭିନ୍ନ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପଲବ୍ଧ ହେଉଛି। ପଟିଆରେ ନୂତନ ଶୋ'ରୁମ୍ ଖୋଲିବା ଦ୍ୱାରା ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ଗ୍ରାହକମାନେ ଗୋଟିଏ ଛାତ ତଳେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ବ୍ରାଣ୍ଡର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବାର ସୁଯୋଗ ପାଇବେ।



## ଆଇନ ମନ୍ତ୍ରୀଙ୍କୁ ଲିଙ୍ଗରାଜ ମନ୍ଦିର ସତ୍ତ୍ୱଲିପି କମିଟି ପକ୍ଷରୁ ତୃତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ



ଭୁବନେଶ୍ୱର, (ସବ୍ୟୁ): ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ପକ୍ଷରୁ ତୃତୀୟ ଅନ୍ତରୀଣ ରିପୋର୍ଟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ମରାମତି ସହ ବିଭିନ୍ନ ବିଷୟରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି । ଏଥି ସହିତ ପୂର୍ବ କାଳରେ ହେଉଥିବା ମନ୍ଦିରର ନୀତିକାନ୍ତି, ସେବାପୂଜା ଏବଂ ରକ୍ଷଣାବେକ୍ଷଣ ନେଇ ଥିବା ପରମ୍ପରା ବିଷୟରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ରିପୋର୍ଟ ପ୍ରଦାନ ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପୀତବାସ ପଣ୍ଡା ହତ୍ୟାକାଣ୍ଡର ସାକ୍ଷୀଙ୍କୁ ଜେଲ୍‌ରୁ ଧମକ ମାମଲା

# ଥାନାରେ ହାଜର ହେଲେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା



ବ୍ରହ୍ମପୁର, (ସବ୍ୟୁ): ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀଙ୍କୁ ଜେଲରେ ଭିତରୁ ଫୋନରେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ତାଙ୍କ ସହଯୋଗୀ ମଦନ ଦଳାଇ ଧମକଚମକ ଦେଇଥିବା ନେଇ ଗୋଶାଣିନୁଆଗାଁ ଥାନାରେ ଅଭିଯୋଗ ହୋଇଥିଲା । ଉକ୍ତ ହତ୍ୟା ମାମଲାରେ ଜାମିନରେ ଥିବା ବିକ୍ରମ ପଣ୍ଡା ଗତ ୬ ତାରିଖରେ ଥାନାରେ ହାଜର ହୋଇଥିଲେ । ପୋଲିସ ଉକ୍ତ ମାମଲାର ତଦନ୍ତ କରୁଥିବା ବେଳେ ଶୁକ୍ରବାର ପୁଣିଥରେ ଥାନାରେ ହାଜର ହେବା ପାଇଁ ତାଙ୍କୁ ନୋଟିସ ଦେଇଥିଲା ।

ଏହିକ୍ରମରେ ବିକ୍ରମ ପଣ୍ଡା ତାଙ୍କ ଓକିଲଙ୍କ ସହ ଆଜି ପୂର୍ବାହ୍ନରେ ଥାନାରେ ହାଜର ହୋଇଥିଲେ । ଥାନାଧିକାରୀ ପ୍ରତାପ ଦାସ ଆଜି ପୁଣିଥରେ ଉକ୍ତ ମାମଲାରେ ତାଙ୍କର ସମ୍ପୃକ୍ତିକୁ ନେଇ ଅନେକ ପ୍ରଶ୍ନ ପଚାରିଥିଲେ । ସେ ଏସମ୍ପର୍କରେ ଦେଇଥିବା ବୟାନ ରେକର୍ଡ କରାଯାଇଛି । ଏପରିକି ପୁରା ଘଟଣାର ଭିଡ଼ିଓ ରେକର୍ଡିଂ କରାଯାଇଥିବା ଜଣାପଡିଛି । ଉକ୍ତ ମାମଲାର ତଦନ୍ତ ଜାରି ରହିଛି । ଆବଶ୍ୟକ ପଡ଼ିଲେ ପୁଣି ବିକ୍ରମ ପଣ୍ଡାଙ୍କୁ ଥାନାକୁ ଆସିବା ପାଇଁ ନୋଟିସ ଦିଆଯିବ ବୋଲି ପୋଲିସ କହିଛି । ପ୍ରକାଶ ଥାଉକି ପୂର୍ବରୁ ଜେଲରେ କାର୍ଯ୍ୟରତ ଡାକ୍ତର ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଥାନାରେ ହାଜର ପାଇଁ ନୋଟିସ କରିଥିଲା । ପୋଲିସ ତାଙ୍କୁ ଦୁଇଘଣ୍ଟା ଧରି ଥାନାରେ ମାରାଥନ ଜେରା କରିଥିଲେ । ଜେଲ ଭିତରେ ତାଙ୍କ ମୋବାଇଲ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମଦନ ଦଳାଇ ବ୍ୟବହାର କରିଥିବା ଡା. ପାଣିଗ୍ରାହୀ ପୋଲିସ ନିକଟରେ ସ୍ୱୀକାର କରିଥିଲେ । ସେହିପରି ଡାକ୍ତର ପାଣଗ୍ରାହୀଙ୍କ ମୋବାଇଲ ଜବତ କରି ପୋଲିସ ଛାନବିନ କରୁଛି । ପୋଲିସ ଡା. ପାଣିଗ୍ରାହୀଙ୍କୁ ନୋଟିସ ଦେଇ ଛାଡ଼ି ଦେଇଛି । ପ୍ରକାଶ ଯେ, ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀ ତଥା ଆଇନଜୀବୀ ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଜେଲ ଭିତରୁ ବିକ୍ରମ, ମଦନ ଧମକ ଦେଇଥିଲେ । କୋର୍ଟରେ ସେମାନଙ୍କ ବିରୁଦ୍ଧରେ ସାକ୍ଷୀ ନଦେବାକୁ ସେମାନେ ଅଭିଯୋଗକାରୀ ମଙ୍ଗରାଜଙ୍କୁ ଧମକ ଦେଇଥିବା ନେଇ ସେ ଗୋଶାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଜେଲରେ ଭିତରୁ ସିସିଟିଭି ଫୁଟେଜ ଓ ଫୋନ କଲ ରେକର୍ଡ ସଂଗ୍ରହ କରିଥିବା ନେଇ ତତ୍କାଳୀନ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସମ୍ବାଦିକଙ୍କୁ ସୂଚନା ଦେଇଥିଲେ । ଲଳିତ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ପୋଲିସ ୩୫୫/୨୬ ରେ ମାମଲା ରୁଜୁ ହୋଇଥିଲା । ପ୍ରକାଶ ଥାଉକି ୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ପୀତବାସ ପଣ୍ଡାଙ୍କୁ ତାଙ୍କ ଘର ନିକଟରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ସମେତ ୧୬ ଜଣଙ୍କୁ ବୈଦ୍ୟନାଥପୁର ପୋଲିସ ଗିରଫ କରି ଜେଲ ପଠାଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବିକ୍ରମ ପଣ୍ଡାଙ୍କ ସର୍ତ୍ତମୂଳକ ଜାମିନରେ ଜେଲରୁ ମୁକୁଳିଥିଲେ ।

## ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିକୁ ବିପୁଳ ସମର୍ଥନ

# ଅକୁଣ୍ଠ ସମର୍ଥନ ପାଇଁ ଛାତ୍ରଛାତ୍ରୀଙ୍କୁ ବିଜେଡିର ଧନ୍ୟବାଦ

ବାରିପଦା, (ସବ୍ୟୁ) : ଦୀର୍ଘ ୮ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଛି । ଉକ୍ତ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀ ମାନଙ୍କ ପ୍ରତି ବିପୁଳ ସମର୍ଥନ ମିଳିଛି । ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର କଲେଜ କ୍ୟାମ୍ପସରେ ଅକୁଣ୍ଠ ସମର୍ଥନ ନେଇ ଛାତ୍ରଛାତ୍ରୀ ମାନଙ୍କୁ ବିଜେଡି ପକ୍ଷରୁ ଧନ୍ୟବାଦ୍ ଜଣାଯାଇଛି । ସମସ୍ତ ବିଜୟୀ ପ୍ରାର୍ଥୀ ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ଭବିଷ୍ୟତ ପିଢ଼ିମାନଙ୍କ ପାଇଁ ନୂତନ ନେତୃତ୍ୱ ସୃଷ୍ଟି କରିବା । ସମାଜ, ରାଷ୍ଟ୍ର ଏବଂ ଭବିଷ୍ୟତ ପିଢ଼ିକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସକ୍ରିୟ ଭୂମିକା ନିଅନ୍ତୁ ବୋଲି ଆଶା ପୋଷଣ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ-ଜି ମାନଙ୍କ ଭଲ ଓ ସମର୍ଥନ ରହିଛି ବୋଲି ଚଳିତ ଛାତ୍ର ସଂସଦ ନିର୍ବାଚନ ପ୍ରମାଣିତ କରିଛି । ଉକ୍ତ ବିଜୟ ଜେନ୍-ଜି, ଯୁବ ଓ ଛାତ୍ରଶକ୍ତିଙ୍କ ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି । ବିଜେପି ସରକାର ନିର୍ବାଚନ ନିଜ ସପକ୍ଷରେ ନେବାକୁ କଳ ଓ ବଳ ଲଗାଇ ଦେଇଥିଲେ । ଅନ୍ୟାୟ ଓ ଅସାଧୁ ଉପାୟରେ ନିର୍ବାଚନ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ କରିଥିଲେ । କିନ୍ତୁ ଛାତ୍ରଛାତ୍ରୀ ମାନେ ତାହାକୁ ବିଫଳ କରିଛନ୍ତି ।

ବିଜେପି ସରକାରଙ୍କ ଚକ୍ରାନ୍ତ ବିରୋଧରେ ଦୃଢ଼ତା ସହ ଲଢ଼ି ବିସିଜେଡି ପ୍ରାର୍ଥୀମାନେ ବିଜୟ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସରକାରୀ କଳ ଓ ବଳ ହାର ମାନିଛି । ଉକ୍ତ ସଫଳତା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାର ସମସ୍ତ ବିଜେଡି ନେତା ମାନେ ସାଧୁବାଦ ଜଣାଇଛନ୍ତି । କଲେଜ କ୍ୟାମ୍ପସର ଉନ୍ନତି ଓ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜୟ ପ୍ରାର୍ଥୀ ମାନେ କାର୍ଯ୍ୟ କରନ୍ତୁ ବୋଲି ବିଜେଡ଼ି ପକ୍ଷରୁ ନଗରପାଳ ତଥା ଜିଲ୍ଲା ଉପସଭାପତି କୃଷ୍ଣାନନ୍ଦ ମହାନ୍ତି ପ୍ରେସ ବିବୃତ୍ତି ଜରିଆରେ ଜଣାଇଛନ୍ତି ।

# ସେବା ସଂକଳ୍ପ ଅଭିଯାନରେ ହେଲମେଟ୍ ବଣ୍ଟନ




ବାରିପଦା, (ସବ୍ୟୁ) : ସେବା ସଂକଳ୍ପ ଅଭିଯାନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ବଡ଼ ଦେଉଳିଠାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ୍ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷାର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

ମୁଖ୍ୟ ଅତିଥି ଡ଼ଃ ମହାପାତ୍ର ତାଙ୍କ ଅଭିଭାଷଣରେ, ସଡ଼କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଦୁଇଚକିଆ ଯାନ ଚଳାଇବା ସମୟରେ ନିୟମିତ ହେଲମେଟ୍ ବ୍ୟବହାର ଏବଂ ଟ୍ରାଫିକ୍ ନିୟମ ପାଳନ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆଘାତର ଆଶଙ୍କା କମାଇବାରେ ସହାୟକ ହୁଏ ।

ସମସ୍ତେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ ସଚେତନ ରହିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଏବଂ ତହସିଲଦାର ନାରାନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯାତାୟାତକାରୀଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇଥିଲା । ହେଲମେଟ୍ ବ୍ୟବହାର ଏବଂ ଟ୍ରାଫିକ୍ ନିୟମ ପାଳନ ଦ୍ୱାରା ସଡ଼କ ଦୁର୍ଘଟଣାରେ ମୁଣ୍ଡରେ ଆଘାତ ଓ ମୃତ୍ୟୁର ଆଶଙ୍କା ହ୍ରାସ କରାଯାଇପାରିବ ବୋଲି ଏଥିରେ ସଚେତନ କରାଯାଇଥିଲା । ଏଥିସହ ଟ୍ରାଫିକ୍ ନିୟମ ପାଳନ କରିବା ଓ ଦାୟିତ୍ୱପୂର୍ଣ୍ଣ ଭାବେ ଯାନ ଚାଳନା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ, ବାରିପଦା ପ୍ରଶାନ୍ତ କୁମାର ପରିଡ଼ା ପ୍ରତ୍ୟକ୍ଷ ଭାବେ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବାରିପଦାର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରି ସଫଳ ଆୟୋଜନରେ ସହଯୋଗ କରିଥିଲେ ।

### ଫଳ ଦୋକାନରେ ଅଗ୍ନିକାଣ୍ଡ

ବ୍ରହ୍ମପୁର, (ସବ୍ୟୁ): ପୁଣି ରେଶମ ସହରରେ ଅଗ୍ନିକାଣ୍ଡ । ବିଜିପୁର ବନ୍ଧ ପାଖର୍ରେ ଥିବା ତିନୋଟି ଫଳ ଦୋକାନରେ ଗତକାଲି ମଧ୍ୟ ରାତ୍ରୀରେ ଅଗ୍ନିକାଣ୍ଡ ଘଟି ଡ୍ରାଏଫ୍ରୁଡ ସମେତ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଛି । ଖାରବେଳ ନଗର ପଞ୍ଚମ ଲେନରେ ର ବାଳକୃଷ୍ଣ ପାତ୍ରଙ୍କ ଦର୍ଶବର୍ଷରୁ ଅଧିକ ଦିନ ଧରି ଦୋକାନ ରହିଛି । ଗତକାଲି ଦୋକାନ ବନ୍ଦ କରି ସେ ଘରକୁ ଫେରିଥିଲେ । ରାତି ପ୍ରାୟ ସାଢେ ଗୋଟାଏରେ ଅଞ୍ଚଳବାସୀ ନିଆଁ ଲାଗିଥିବାର ଦେଖିଥିଲେ । ବାଳକୃଷ୍ଣଙ୍କୁ ସୂଚନା ଦେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ନିଆଁକୁ ଆୟତ୍ତ କରିବାକୁ ପ୍ରାୟ ୩୦ ମିନିଟ ସମୟ ଲାଗିଥିଲା । ଦୋକାନରେ ପାର୍ବଣକୁ ଦୃଷ୍ଟିରେ ରଖି ବିଦେଶୀ ଡ୍ରାଏଫ୍ରୁଡ, ଅନ୍ୟାନ୍ୟ ଫଳ ସହ ଆସବାବପତ୍ର ଜଳିଯାଇଥିବା ଜଣାପଡ଼ିଛି । ଦୋକାନ ପରିସରରେ ଥିବା ଇନଭରଟର ଓ ମେସିନ ସର୍ଟସର୍କିଟ କାରଣରୁ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି ।

## ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ୮୦ ତମ ଜନ୍ମଦିନ ପାଳନ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ବିଜୁ ଜନତାଦଳ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୮୦ ତମ ଜନ୍ମଦିନ ଅବସରରେ ମା’ ବୁଢ଼ୀଠାକୁରାଣୀ ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ନବୀନ ବାବୁଙ୍କ ଦୀର୍ଘାୟୁ କାମନା କରିବା ସହ କେକ କାଟି ନେତା ଓ କର୍ମୀ ମଧ୍ୟରେ ବଣ୍ଟନ କରିଥିଲେ । ପରେ ଲାଞ୍ଜିପଲ୍ଲି ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସମସ୍ତ ନେତୃବୃନ୍ଦ ପୂର୍ବତନ ସଂସଦ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡୀ, ପୂର୍ବତନ ବିଡିଏ ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା, ମହାନଗର ସଭାପତି ଅଜିତ ପଣ୍ଡା, ସଭାନେତ୍ରୀ ସୋନାଲି ଗନ୍ତାୟତ, ଅନୀଲ କୁମାର ସାହୁ, ଜଗନ୍ନାଥ ସାବତ, ରାଜ୍ୟ ସଂଖ୍ୟାଲଘୁ ସେଲ ସାଧାରଣ ସମ୍ପାଦକ ମିର୍ଜା ଜାୱେଦ ବେଗ, ଲକ୍ଷ୍ମୀପ୍ରିୟା ପାଢ଼ୀ, ନିରଞ୍ଜନ ଜେନା, କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଶ୍ୱେତାରେଖା ତ୍ରିପାଠୀ, ସ୍ୱର୍ଣ୍ଣଲତା ସାବତ, ରାଜେଶ୍ୱର ବେହେରା, ପଦ୍ମିନୀ ମିଶ୍ର, ଚିତ୍ରସେନ ମହାପାତ୍ର, ଦୁର୍ଗା ଲାୟକ, ଅଶ୍ୱିନୀ ପଟ୍ଟନାୟକ, ସମୀର ମିଶ୍ରଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

### ଭଞ୍ଜମାଟିର ପୁଅ ଶଙ୍କରଙ୍କ ଜାତୀୟ ବିଜୟ

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ

ବାରିପଦା, (ସବ୍ୟୁ) : ଜାତୀୟ ସ୍ତରରେ ଚମକିଲେ ମୟୂରଭଞ୍ଜ ମାଟିର ପୁଅ ଶଙ୍କର ପ୍ରସାଦ ଦାଶ । ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ୩୯ତମ ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ବେଷ୍ଟ୍ ଫିଜିକ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଓଡ଼ିଶା ସମେତ ନିଜ ଜିଲ୍ଲା ମୟୂରଭଞ୍ଜ ପାଇଁ ଗୌରବ ଆଣିଛନ୍ତି । ପ୍ରତିଯୋଗିତାରେ ଦେଶର ୨୮ଟି ରାଜ୍ୟରୁ ଆସିଥିବା ୩୬୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କଡ଼ା ପ୍ରତିଦ୍ୱନ୍ଦିତା ମଧ୍ୟରେ ନିଜର ଶାରୀରିକ ସୌଷ୍ଠବ ଓ ଦକ୍ଷତା ପ୍ରଦର୍ଶନ କରି ଶଙ୍କର ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ । ବାରିପଦା ପୌରପାଳିକାର ୨୬ ନମ୍ବର ୱାର୍ଡର ବାସିନ୍ଦା ସୂର୍ଯ୍ୟମଣି ଦାଶଙ୍କ ୨୯ ବର୍ଷୀୟ ପୁଅ ଶଙ୍କର ପିଲାଦିନରୁ ଖେଳକୁଦ ଓ ଫିଟନେସ୍ ପ୍ରତି ଆଗ୍ରହୀ ଥିଲେ । ଏହି ଆଗ୍ରହକୁ ଲକ୍ଷ୍ୟରେ ପରିଣତ କରିବା ପାଇଁ ସେ ଦୀର୍ଘବର୍ଷ ଧରି କଠିନ ପରିଶ୍ରମ କରିଆସୁଥିଲେ । ଚେନ୍ନାଇର ପ୍ରଫେସନାଲ୍ କୋଚ୍ ଭି.ଜେ. ସାଇରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ପ୍ରତିଦିନ ୫ରୁ ୬ ଘଣ୍ଟା ଧରି ଅଭ୍ୟାସ କରୁଥିଲେ । ତାଙ୍କର ଏହି ନିରନ୍ତର ସାଧନା ଆଜି ତାଙ୍କୁ ଜାତୀୟ ସ୍ତରରେ ସଫଳତା ଆଣିଦେଇଛି । ଶଙ୍କରଙ୍କ ଏହି ସଫଳତାର ଖବର ପ୍ରଚାରିତ ହେବା ପରେ ବାରିପଦା ସହର ସମେତ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଭବିଷ୍ୟତରେ ଦେଶ ଓ ରାଜ୍ୟର ପ୍ରତିନିଧିତ୍ୱ କରି ଭାରତ ପାଇଁ ଗୌରବ ଆଣିବାକୁ ସେ ଆଶା ରଖିଛନ୍ତି ।

## ପିସିପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ଅନ୍ତର୍ଗତ ପି.ସି.ପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ୧୫ନଂ ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ସିଆରସିସି ଧନଞ୍ଜୟ ସାହୁଙ୍କ ନେତୃତ୍ୱ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବକୁ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସ ଉଦଘାଟନ କରିଥିଲେ । ସୁରଭି ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ସେମାନଙ୍କ ସୃଜନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଉଦଘାଟନୀ ଉତ୍ସବରେ କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟାନ ଓ ରାଖାଲଗୋପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତିମା ରାଣୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ମୁଖ୍ୟଅତିଥି ଏବଂ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଓ ଏଲ୍‌ଆଇସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବ କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଏହି ମହୋତ୍ସବରେ କ୍ଲଷ୍ଟର ଅନ୍ତର୍ଗତ ୫ଟି ପ୍ରାଥମିକ ବିଦ୍ୟାଳୟ, ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ସଙ୍ଗୀତ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କୁଇଜ୍ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜୁନିୟର ଓ ସିନିୟର ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୫ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି ମହୋତ୍ସବକୁ ମନୋନୀତ ହୋଇଥିବା ବେଳେ ଦଳଗତ ନୃତ୍ୟରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରି ବ୍ଲକସ୍ତରକୁ ଉନ୍ନୀତ ହୋଇଛି । ଶିକ୍ଷକ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ ।

### ବାଦୁଆରେ ଦୁର୍ଗାପୂଜା ଉପଲକ୍ଷେ କଳସ ଯାତ୍ରା

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଦଶଭୂଜା ଯୁବକ ସଂଘ ପକ୍ଷରୁ ଆୟୋଜିତ ମା’ ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଘୁଆ ନଦୀପଠାରେ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ ପୂର୍ବକ ଶତାଧିକ ମହିଳା ଓ ପୁରୁଷ ନଦୀରୁ କଳସ ଯୋଗେ ଜଳ ଘେନି ମା’ଙ୍କ ପୂଜା ମଣ୍ଡପସ୍ଥଳରେ ପହଞ୍ଚିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗ ଦେଇ ବିଧିବିଧାନରେ ପୂଜାପାଠ କରିଥିଲା ବେଳେ କର୍ତ୍ତା ଭାବେ ବିଶ୍ୱନାଥ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ଦୁର୍ଗାପୂଜା ଉପଲକ୍ଷେ କଳସ ଯାତ୍ରା ପରେ ଗ୍ରାମରେ ଆଧ୍ୟାତ୍ମିକ ବାତାବରଣର ଶୁଭାରମ୍ଭ ହୋଇଯାଇଛି । ସଂଘ ସଭାପତି ରାମଚନ୍ଦ୍ର ଦୋରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ସଦସ୍ୟଗଣ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

## କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ) : ଜାତୀୟ ରାଜପଥ ଖଜୁରିଆ ଓଭର ବ୍ରିଜରେ ଏକ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ବୁରୁକୁଦି ଗ୍ରାମର ଶାନ୍ତନୁ କୁମାର ପାତ୍ର (୪୨) । ଏକ କାର ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଟ୍ରାଫିକ ଥାନାଧିକାରୀ ପଦ୍ମଚରଣ ଭଞ୍ଜ ସୂଚନା ଦେଇଛନ୍ତି । ଦୁର୍ଘଟଣା ଘଟାଇବା ପରେ କାର କିଛି ଦୁରରେ ପାର୍କିଂ କରି ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ପୋଲିସ ଗାଡିଟିକୁ ଜବତ କରିଛି । ପୋଲିସ ଏସଂକ୍ରାନ୍ତରେ ୫୪୭/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଶାନ୍ତନୁ ପାତ୍ର ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମଦ ଦୋକାନରେ କାମ କରନ୍ତି ।

ପ୍ରତିଦିନ ଭଳି ଗୁରୁବାର ରାତ୍ର ପ୍ରାୟ ୧୧ ଟା ‘ରେ କାମ ସାରି ନିଜ ସ୍କୁଟି ଗାଡ଼ି ନଂ (ଓଡି ୦୭- ଏମ -୫୦୮୩)ରେ ଘରକୁ ଫେରୁଥିଲେ । ଖଜୁରିଆ ଓଭର ବ୍ରିଜରେ ଛତ୍ରପୁର ପଟକୁ ଯାଉଥିବା ଏକ କାର ନଂ (ଓଡି -୦୭ ଆର - ୯୪୪୯) ତାଙ୍କ ସ୍କୁଟିକୁ ଧକ୍କା ଦେଇ ଚାଲିଯାଇଥିଲା । ସେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ ଏମକେସିଜି ମେଡିକାଲ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ଟ୍ରାଫିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଉକ୍ତ କାରକୁ ଠାବ କରିଥିଲା । ଅନ୍ୟପଟେ ମୃତକଙ୍କ ସମ୍ପର୍କୀୟ ଭାଇ ଜ୍ୟୋତିରଞ୍ଜନ ପାତ୍ର ଏମକେସିଜି ମେଡିକାଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ ।

## ତୃତୀୟ ଗୁରୁ ପଦ୍ମସମ୍ଭବ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

# ଯୋଗଦେବେ ଦେଶର ୧୦ ରାଜ୍ୟର ୨୦୦୦ ବୌଦ୍ଧଭିକ୍ଷୁ



ବାଲିଚନ୍ଦ୍ରପୁର, (ସବ୍ୟୁ) : ହୀରକ ତ୍ରିଭୁଜ ବୌଦ୍ଧ ପର୍ଯ୍ୟଟନସ୍ଥଳୀର ଆନ୍ତର୍ଜାତିକ ସ୍ତରରେ ପ୍ରଚାର ଓ ପ୍ରସାର ପାଇଁ ଆଗାମୀ ଡିସେମ୍ବର ୨୮ରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି ତୃତୀୟ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ ଓ ଆନ୍ତର୍ଜାତିକ ବୌଦ୍ଧଧର୍ମ ସମ୍ମିଳନୀ । ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିଠାରେ ଆୟୋଜିତ ଏହି ସମାରୋହ ପାଳନ ନେଇ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ମହୋତ୍ସବ ପାଳନ ଅବସରରେ ସମସ୍ତ ପ୍ରତିନିଧିମାନଙ୍କ ରହଣି ପାଇଁ ଅସ୍ଥାୟୀ ଗୃହନିର୍ମାଣ, ରାସ୍ତାଘାଟର ମରାମତି, ବୌଦ୍ଧସ୍ଥଳୀରେ ଆଲୋକୀକରଣ, ପାର୍କିଂସ୍ଥଳ ନିର୍ମାଣ, ଅତିଥିମାନଙ୍କୁ ଉପଯୁକ୍ତ ଆତିଥ୍ୟ ପ୍ରଦାନ ତଥା ଆଇନଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ ।

ବଡ଼ଚଣା ବିଧାୟକ ଶ୍ରୀ ନାୟକ ତିନୋଟି ବୌଦ୍ଧପର୍ଯ୍ୟଟନ କ୍ଷେତ୍ରକୁ ଯୋଡ଼ିବା ପାଇଁ ଲଳିତଗିରି-ଉଦୟଗିରି-ରତ୍ନଗିରି ରାଜମାର୍ଗର ଦୋହରୀକରଣ ପାଇଁ ୧୮୦ କୋଟି ଟଙ୍କା ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇଛି ଏବଂ ଆଗାମୀ ଜାନୁଆରୀ ମାସରୁ ଏହାର କାର୍ଯ୍ୟାରମ୍ଭ ହେବ ବୋଲି କହିଥିଲେ । ପର୍ଯ୍ୟଟନ ବିଭାଗର ଉପସଚିବ ଜଗଦୀଶ ଷଡ଼ଙ୍ଗୀ କହିଥିଲେ ଯେ, ଚଳିତବର୍ଷ ୧୦ଟି ଦେଶରୁ ୨୦୦ରୁ ଅଧିକ ବୌଦ୍ଧଭିକ୍ଷୁଙ୍କ ସମେତ ଦେଶ ଭିତରୁ ମୋଟ ଦୁଇହଜାର ପ୍ରତିନିଧି ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେବେ ।

ଏହି ସମ୍ମିଳନୀରେ ଗଜପତି ଜିଲ୍ଲା ଚନ୍ଦ୍ରଗିରି-ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ମହାବିହାରର ମୁଖ୍ୟ ବୌଦ୍ଧଭିକ୍ଷୁ ରିମ୍ପୋଚେ ଯୋଗଦେବେ । ଏହା ସହିତ ଦେଶବିଦେଶର ବିଭିନ୍ନ ପ୍ରମୁଖ ବୌଦ୍ଧ ମହାବିହାରର ଲାମାମାନେ ଯୋଗଦେବେ । ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଇଣ୍ଟନରନ୍ୟାସନାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗମୋ ଡିକ୍ସି ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଏସ୍.ପି. ରତିକାନ୍ତ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନଗେନ୍ଦ୍ର ମହାପାତ୍ର, ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ, ବରି ବିଡ଼ିଓ ମୀନତି ଜଗଦେବ, ବରି ତହସିଲଦାର ଦୀପ୍ତିମୟୀ ବେହେରା, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ତାପସ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ । ଶୋଭନୀୟ ଶିକ୍ଷାଶ୍ରମର ମୁଖ୍ୟ ଡ. ଅରୁନ୍ଧତୀ ଦେବୀ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ରନିଗିରି ପରିଷଦର ଦିଲ୍ଲୀପ ଦାସ, ମହେଶ୍ୱର ବଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସମ୍ମିଳନୀ ପାଇଁ କେତେକ ପ୍ରସ୍ତାବ ଆଗତ କରିଥିଲେ ।




ପବିତ୍ର ଦୁର୍ଗାପୂଜା ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ଶାରଦୀୟ ଦୁର୍ଗାପୂଜାର ପବିତ୍ର ଅବସରରେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ଅନ୍ତରର ଗଭୀରତମ ପ୍ରଦେଶରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଜଗତ୍‌ଜନନୀ ମା’ ଦଦୁର୍ଗାଙ୍କ ଦିବ୍ୟ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି, ସମୃଦ୍ଧି ଓ ଆନନ୍ଦରେ ପରିପୂର୍ଣ୍ଣ ହେଉ । ସମାଜରୁ ଅନ୍ୟାୟ, ଅନୀତି ଓ ଅଧର୍ମର ବିନାଶ ହେବା ସହ ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତିଷ୍ଠା ହେଉ ।

ଏହି ପବିତ୍ର ପର୍ବ ସମସ୍ତଙ୍କ ମଧ୍ୟରେ ଭାଇଚାରା, ଏକତା, ପ୍ରେମ ଓ ସଦ୍ ଭାବନାକୁ ଆହୁରି ସୁଦୃଢ଼ କରୁ । ମା’ ଦୁର୍ଗାଙ୍କ ଦିବ୍ୟ କୃପାରୁ ପ୍ରତ୍ୟେକ ପରିବାରରେ ହସଖୁସି, ଉତ୍ତମ ସ୍ୱାସ୍ଥ୍ୟ ଓ ସଫଳତା ବଜାୟ ରହୁ । ଆସନ୍ତୁ, ଆମେ ସମସ୍ତେ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହେବା ।



ଜୟ ମା’ ଦୁର୍ଗା
ନବକିଶୋର ମଲ୍ଲିକ
ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ
କାଲିମେଲା, ମାଲକାନଗିରି, ଓଡ଼ିଶା



ପବିତ୍ର ଦୁର୍ଗାପୂଜା ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ଅନ୍ତରର ଗଭୀରତମ ପ୍ରଦେଶରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମା ଦଦୁର୍ଗାଙ୍କ ଦିବ୍ୟ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି, ସମୃଦ୍ଧି ଓ ଆନନ୍ଦରେ ପରିପୂର୍ଣ୍ଣ ହେଉ ।

ଏହି ପବିତ୍ର ପର୍ବ ସମସ୍ତଙ୍କ ମଧ୍ୟରେ ଭାଇଚାରା, ଏକତା, ପ୍ରେମ ଓ ସଦ୍ ଭାବନାର ଭାବନାକୁ ଆହୁରି ସୁଦୃଢ଼ କରୁ । ମା’ ଦୁର୍ଗାଙ୍କ କୃପାରୁ ପ୍ରତ୍ୟେକ ପରିବାରରେ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରହୁ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଏକ ଶାନ୍ତିପୂର୍ଣ୍ଣ, ସୁନ୍ଦର ଓ ସମୃଦ୍ଧ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହେବା ।



ଜୟ ମା’ ଦୁର୍ଗା
ଡି. ଭେଙ୍କଟେଶ୍ୱର ରାଓ
ଭାରପ୍ରାପ୍ତ ପ୍ରଧାନଶିକ୍ଷକ
ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ, ମାନ୍ୟମକୋଣ୍ଡା

# ମାଲାବାର ନେକଲେସ ଫେଷ୍ଟିଭାଲ ଆରମ୍ଭ

ଅନୁଗୋଳ, (ସବ୍ୟୁ) : ଶାରଦୀୟ ପାର୍ବଣକୁ ଦୃଷ୍ଟିରେ ରଖି ଅନୁଗୋଳସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ 'ନେକଲେସ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ବିଶିଷ୍ଟ ନ୍ୟୁରୋସାଇକିଆଟ୍ରିକ ଡାକ୍ତର ରଶ୍ମିତା ଭଞ୍ଜ ଦେଓ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ। ଅକ୍ଟୋବର ୧୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫେଷ୍ଟିଭାଲରେ ଗ୍ରାହକମାନେ ସୁନା ସହ ବିଭିନ୍ନ ରତ୍ନ ଓ ଷ୍ଟୋନ ଖଚିତ ଆକର୍ଷଣୀୟ ହାର କିଣିବାର ସୁଯୋଗ ପାଇବେ। ଏଥିରେ ଏରା, ପ୍ରିଶିୟା ଓ ମାଇନ ଭଳି ସ୍ୱତନ୍ତ୍ର କଲେକ୍ସନ ଉପଲବ୍ଧ ରହିଛି।ଏଥିସହ ସୁନା, ରତ୍ନପଥର ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଏହି




ଅଫର ନଭେମ୍ବର ୧୫ ପର୍ଯ୍ୟନ୍ତ ରହିବ।୧୯୯୩ରେ ପ୍ରତିଷ୍ଠିତ ମାଲାବାର ପାରମ୍ପରିକ ଡିଜାଇନ, ଗୁଣବତ୍ତା ଓ ଶୁଦ୍ଧତାକୁ ଗୁରୁତ୍ୱ ଦେଇ ଗ୍ରାହକଙ୍କ ଆସ୍ଥା ଭାଜନ ହୋଇପାରିଛି । ସାମ୍ବାଦିକ ସମ୍ମିଳନୀ ରେ ଷ୍ଟୋର ମ୍ୟାନେଜର ୟୁନୁସ ଘାନୀ, ମାର୍କେଟିଂ ମ୍ୟାନେଜର ଦେବୀ ପ୍ରସାଦ ରାମ, ଷ୍ଟୋରର କର୍ମଚାରୀ, ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସୁରଭିରେ ବଡ଼ଗୁଣ୍ଡୁରୀ ହାଇସ୍କୁଲର ସଫଳତା

କଣିହାଁ, (ସବ୍ୟୁ): ବ୍ଲକସ୍ତରୀୟ ଶିଶୁ ସୁରଭି-୨୦୨୬ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗୁଣ୍ଡୁରୀର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। 'ସମୃଦ୍ଧ ଭାଷା, ସମୃଦ୍ଧ ସଂସ୍କୃତି' ମୁଖ୍ୟ ପ୍ରସଙ୍ଗକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ଗୁଣ୍ଡୁରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା, ସୃଜନଶୀଳତା ଓ ଦକ୍ଷତା ପ୍ରଦର୍ଶନ କରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ବ୍ୟକ୍ତିଗତ ପ୍ରତିଯୋଗିତାରେ ଦିବ୍ୟରଞ୍ଜନ ପ୍ରଧାନ ଚିତ୍ରାଙ୍କନରେ, ପ୍ରିୟଦର୍ଶିନୀ ସାହୁ ବକ୍ତୃତାରେ, ସଞ୍ଜନା ସାହୁ ପି.ଏମ. ପୋଷଣ ଚିତ୍ରକଳାରେ ଏବଂ ସିନାଲି ସାହୁ ସୃଜନଶୀଳ ଲିଖନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ ଖୁସିରାଣୀ ପ୍ରଧାନ, ଶୁଭସ୍ମିତା ସାମଲ, ସରିତା ନାଏକ, ଅମୃତୟାନୀ ସାମଲ, ଗୁଡ଼ଲି ଜେନା, ସନ୍ଧ୍ୟାରାଣୀ ବେହେରା ଓ ସୁଭଶ୍ରୀ ବେହେରାଙ୍କ ଦଳ ପ୍ରଥମ ସ୍ଥାନ ହାସଲ କରିଛି। କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପାଲଲହଡ଼ାରବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଏନ୍‌ଟିପିସି କଣିହାଁର ମୁଖ୍ୟ ପ୍ରକଳ୍ପ ଅଧିକାରୀ ଅଜୟ ସିଂ ଯାଦବ ଏବଂ ସଭାପତି ତଥା କଣିହାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମସ୍ତ କୃତୀ ପ୍ରତିଯୋଗୀ ଅନୁଗୋଳ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଥିବାରୁ ଛାତ୍ର ଛାତ୍ରୀ ଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଗ୍ମୀ ମିଶ୍ର, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ବଡ଼ଗୁଣ୍ଡୁରୀ କ୍ଲଷ୍ଟରର ସିଆରସିସି ନୀଳମଣି ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇବା ସହ ଜିଲା ସ୍ତରରେ ସଫଳତା କାମନା କରିଛନ୍ତି।

# ମହାବିଦ୍ୟାଳୟର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ

ଠାକୁରଗଡ଼, (ସବ୍ୟୁ) : ମହାବିଦ୍ୟାଳୟରେ ଯାହା ସମସ୍ୟା ରହିଛି କିପରି ସେ ଗୁଡିକ ବିଭିନ୍ନ ରାଜନୈତିକ ନେତା ଓ ପ୍ରଶାସନ ଦ୍ୱାରା ବିକାଶ ହେବ ସେ ନେଇ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଶୁକ୍ରବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ର ନବ ନିର୍ବାଚିତ ସଂସଦ ର କର୍ମକର୍ତ୍ତା ମାନେ ଶପଥ ଗ୍ରହଣ ଉତ୍ସବ ରେ ମତ ପ୍ରକାଶ କରିଛନ୍ତି । ମହାବିଦ୍ୟାଳୟ ପରିସରରେନିର୍ବାଚିତ ପ୍ରତିନିଧି ମାନ ଙ୍କୁ ନେଇ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ର ଅଧକ୍ଷ ପ୍ରଶାନ୍ତ କୁମାର ଖମାରିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ନବ ନିର୍ବାଚିତ ହୋଇଥିବା ସଭାପତି ବିଶ୍ୱଜିତ ପ୍ରଧାନ, ଉପ ସଭାପତି ପ୍ରତିଭା ପ୍ରଧାନ, ସମ୍ପାଦକ ଶିବାନନ୍ଦ ପ୍ରଧାନ, ସହ ସମ୍ପାଦକ ସଚିନ ରଣା, କ୍ରୀଡା ସମ୍ପାଦକ ଲିପ୍ସା ମାଝୀ, ନାଟ୍ୟ ସମ୍ପାଦକ ରାକେଶ ରୋଶନ ଦେହୁରୀଙ୍କୁ ଅଧକ୍ଷ ଗୋପନୀୟ ଭାବରେ ଶପଥ କରାଇ ଥିଲେ ।ଏଥିସହ ସମସ୍ତ ଛାତ୍ରୀ ଛାତ୍ର ମାନଙ୍କୁ ନେଇ କିପରି ମହାବିଦ୍ୟାଳୟ ର ଉନ୍ନତି କରାଇବେ ସେ ନେଇ ସମସ୍ତେ ଶପଥ ନେବା ପରେ ପ୍ରକାଶ କରିଥିଲେ । ଏହି ଶପଥ ଉତ୍ସବ ରେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଜବତ : ଜଣେ ଗିରଫ

ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମ ନିକଟରେ ଆଠମଲ୍ଲିକ ପୋଲିସ ରାତ୍ରି କାଳୀନ ପାଟ୍ରୋଲିଂ ସମୟ ରେ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହିତ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି ।ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ଏ ଟି ଓ ଏସ କାର ନମ୍ବର ଓଡ଼ି ୦୨ଡ଼ି ଡ଼ି ୨୭୮୮ ରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ଏକ କାରକୁ ଅଟକାଇ ତନଖି କରିଥିଲେ । କାରକୁ ତନଖି ସମୟ ରେ ୨୫ କେଜି ୨୨୫ ଗ୍ରାମ ଗଞ୍ଜେଇ ଜରି ବସ୍ତାରେ ଥିବାର ଦେଖିବାକୁ ପାଇଥିଲେ । ଗଞ୍ଜେଇ, ନଗଦ ଟଙ୍କା , ମୋବାଇଲ ଫୋନ ଓ କାର ଜବତ କରିଥିବା ଜଣାପଡିଛି । ଅଭିଯୁକ୍ତ ପ୍ରଦ୍ୟୁମ୍ନ ତାଣ୍ଡିଆ (୨୪) କୁ ଘଟଣା ସ୍ଥଳରୁ ଗିରଫ କରାଯାଇଛି ।ସବଇନିସପେକ୍ଟର ପୁଲିନ କୁମାର ପ୍ରଧାନଏବଂ ପୋଲିସ କର୍ମଚାରୀ ମାନେ ଚଢ଼ାଉ ସମୟ ରେ ସାମିଲ ଥିଲେ । କାର୍ଯ୍ୟ ବାହୀ ମାଜିଷ୍ଟ୍ରେଟ ପାର୍ଥ ସାରଥୀ ବିଶ୍ୱାଳ ଙ୍କ ଉପସ୍ଥିତିରେ କାର ତନଖି କରା ଯାଇଥିଲା । ଅଭିଯୁକ୍ତ ପ୍ରଦ୍ୟୁମ୍ନ ତାଣ୍ଡିଆ ଙ୍କ ଘର ଆଠମଲ୍ଲିକ ଥାନା ଅନ୍ତର୍ଗତ ଜହଁମୁଣ୍ଡା (ରାସୋସିଙ୍ଗା) ଗ୍ରାମ ବୋଲି ଜଣାପଡିଛି ।

# ଆଠମଲ୍ଲିକ ମହାବିଦ୍ୟାଳୟ ନିର୍ବାଚନ ଫଳାଫଳ

ଆଠମଲ୍ଲିକ ,(ସବ୍ୟୁ):ବୁଧବାର ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ ହୋଇଥିଲା । ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ଭୋଟ ର ଭୋଟ ଦାନ ପ୍ରକ୍ରିୟା ରେ ସାମିଲ ହୋଇଥିଲେ । ଅପରାହ୍ନ ୩ ଟା ପରେ ଭୋଟ ଗଣତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କଲେଜ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ସଭାପତି ଆକାଶ କର୍ଣ୍ଣ, ଉପସଭାପତି ଅମିତ କ୍ଷେତି, ସମ୍ପାଦକ ସଂଗ୍ରାମ ଷଣ୍ଢ, ସହ ସମ୍ପାଦକ ପ୍ରଯୋତନ ବିଶ୍ୱାଳ, ଆଥଲେଟିକ ସମ୍ପାଦକ ଟୁଲୁ ଦେହୁରୀ, ଡ୍ରାମା କ୍ଲବ ସମ୍ପାଦକ ସ୍ୱୟଂପ୍ରକାଶ ସାହୁ, ଡ୍ରାମା କ୍ଲବ ସହ ସମ୍ପାଦକ ଦୀପ୍ତିକ୍ରୀଷ୍ଣା ନାୟକ, ଏସ ଏସ ଜି ସମ୍ପାଦକ ସୁମନ ପ୍ରଧାନ, ସେକ୍ରେଟାରୀ ଡ଼ି ଏସ ଏ ଇରଫାନ ଖାଁ, କମନରୁମ ସମ୍ପାଦକ ସୋନାଲି ମହାନନ୍ଦିଆ ନିର୍ବାଚିତ ହୋଇଥିବା ଜଣା ପଡିଛି । ନିର୍ବାଚନ ରିଟର୍ନିଙ୍ଗ ଅଧିକାରୀ ଭାବରେ ଅଧକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର ନିର୍ବାଚନ ଅଧିକାରୀ ଭାବରେ ଅଧାପକ ଲକ୍ଷ୍ମୀକାନ୍ତ ମେହେର ଦାୟିତ୍ୱ ତୁଲାଇ ଥିଲେ । ନିର୍ବାଚନ ର ସମସ୍ତ କାର୍ଯ୍ୟକ୍ରମ ରେ ଅଧାପକ ଅଧାପିକା ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଠମଲ୍ଲିକ ପୋଲିସ ତରଫରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଦୁର୍ଘଟଣା : ଅଳ୍ପକେ ବର୍ତ୍ତିଲେ ସ୍କୁଟି ଚାଳକ

ତାଳଚେର, (ସବ୍ୟୁ) : ଦୁର୍ଘଟଣା କ'ଣ ତାଳଚେରବାସୀ ହିଁ କହିବେ । ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି ,ଏଥିପ୍ରତି ଲୋକ ପ୍ରତିନିଧି ନା ପ୍ରଶାସନ କାହାର ହେଲେ ଆନ୍ତରିକତା ନାହିଁ । ଆଜି ତାଳଚେର ବ୍ଲକ ଅନ୍ତର୍ଗତ ତାଳବେ ଗ୍ରାମ ନିକଟଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଏକ ସ୍କୁଟି ଚାଳକ ଯାଉଥିବା ସମୟରେ ପାଉଁଶ ବୋଝେଇ ହାଇୱା ଟ୍ରକ ନଂ- ଓ ୩୫ ଏଚ- ୧୭୬୬ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତି ଯାଇଥିବା ବେଳେ ତାଙ୍କର ଗୋଟିଏ ଗୋ-- ଭାଙ୍ଗି ଯାଇଛି । ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଉତେଜନା ପରିସ୍ଥିତି ସୃଷ୍ଟି ହେବାସହ ଏହି ଜାତୀୟ ରାଜପଥ ମରାମତି କରିବାକୁ ଦାବି ହୋଇଥିଲା । ଫଳରେ ଘଂଟାଘଂଟା ଧରି ଉଭୟ ପାର୍ଶ୍ୱରେ ଯାନ ଚଳାଚଳ ଠପ ହୋଇଯାଇଥିଲା । ସେଠାରେ ପୋଲିସ ପଂହଚି ପରିସ୍ଥିତିକୁ ଆୟତ କରିଥିଲା । ଏପରି ଘଟଣା ବାରମ୍ବାର ଘଟୁଥିଲେ ହେଁ କାହାର ଏଥିପ୍ରତି ଆନ୍ତରିକତା ନଥିବା ଅଂଚଳବାସୀଙ୍କ ପାଇଁ ବ ଦୁର୍ଭାଗ୍ୟ ଜନକ ବିଷୟ ହୋଇଛି ।

# ସାମ୍ବାଦିକଙ୍କ ମାତୃ ବିୟୋଗ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ଅନୁପମ ଭାରତ ସାମ୍ବାଦିକଙ୍କ ମାତୃ ଗେଲେହୀ ନାଏକଙ୍କ (୬୫) ଙ୍କ ବିୟୋଗ ହୋଇଛି । ସେ ସାମ୍ବାଦିକ ମହେଶ୍ୱର ନାଏକଙ୍କ ମାତା ଅଟନ୍ତି । ଏଥି ନେଇ କଣିହାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଖବରରେ ବିଭିନ୍ନ ସାମାଜିକ ସଂଗଠନ, ସାମ୍ବାଦିକ ମହଲ ଓ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ,ଝିଅ,ପୁତ୍ରବଧୂ, ନାତିନାତୁଣୀ,ବନ୍ଧୁ ପରିଜନ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ପାଲଲହଡା ମାଲ୍ୟଗିରି କଲେଜରେ ବିସିଜେଡିର ବାଜିମାତ



ପାଲଲହଡା, (ସବ୍ୟୁ):ଦୀର୍ଘ ୮ ବର୍ଷ ପରେ ଅନୁଷ୍ଠିତ ହୋଇଥିବାପାଲଲହଡା ମାଲ୍ୟଗିରି କଲେଜ ଛାତ୍ର ସଂସଦନିର୍ବାଚନରେ ବିଜୁ ଛାତ୍ର ଜନତାର ବାଜିମାତ ।ବିଜୁ ଛାତ୍ର ଜନତାର ସଭାପତି ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ବିଜୟ ବାନା ଉଡାଇଛନ୍ତି ।ଠିକ ସେଇଭଳି ସାଧାରଣ ସମ୍ପାଦିକା ଭାବେ ବିସିଜେଡିର ଲକ୍ଷ୍ମୀପ୍ରିୟା ପ୍ରଧାନ , କ୍ରୀଡା ସଂସଦର ସମ୍ପାଦକ ଭାବେ ବିସିଜେଡି ର ସ୍ମୃତି ସେଠି ବିଜୟିନୀ ହୋଇଛନ୍ତି। ସହ ସାଧାରଣ ସମ୍ପାଦକ ଭାବେ ସତ୍ୟବ୍ରତ ମିଶ୍ର ଓ ଡ୍ରାମାଟିକ ବିଭାଗର ସହ ସମ୍ପାଦକ ଭାବେ ସୋମ ମହାରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।ବିସିଜେଡି ର ଏହି ଅଭୁତପୂବ ସଫଳତା ଏବଂ ଚଳିତ ଛାତ୍ର ସଂସଦ ନିର୍ବାଚନରେ ଚାଣକ୍ୟ ସାଜିଥିବା ଛାତ୍ର ବିଜେଡି ନେତା ଭୂପେନ କୁମାର ନାଏକଙ୍କୁ ପ୍ରାକ୍ତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପରଜଙ୍ଗ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପରଜଙ୍ଗ, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକର ପିତିରି ଗ୍ରାମ ପଞ୍ଚାୟତର ପିତିରି ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାଯ୍ୟକ୍ରମରେ ବ୍ଲକର ୨୯ ଟି ପଞ୍ଚାୟତର ୧୭ ଗୋଟି କ୍ଲଷ୍ଟରର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବରେ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା , ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ବର୍ମା, ବି.ଇ.ଓ. ପ୍ରିୟଦର୍ଶିନୀ ନାୟକ, ରଞ୍ଜିତ କୁମାର ପ୍ରଧାନ, ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ସଭାପତିତ୍ୱ କରିଥିବା ବେଳେ, ରଞ୍ଜିତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହା ପରେ ଛାତ୍ରଛାତ୍ରୀ ମାନଙ୍କର ଚିତ୍ରାଙ୍କନ, ବକ୍ତୃତା, ଲଉଡି ଖେଳ ପାଇକ ଆଖଡ଼ା ଖେଳ, ପ୍ରବନ୍ଧ ସଙ୍ଗିତ, କୁଇଜ୍, ସୃଜନଶିଳ ଲେଖନୀ, ଓଡିଆ ହସ୍ତାକ୍ଷର ଲେଖନୀ , ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ପୋଷଣ, ପ୍ରଧାନମନ୍ତ୍ରୀ ପୋଷଣ ଏବଂ ଶିଳ୍ପ କଳା ଇତ୍ୟାଦି ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଥିଲା । ଅପରାହ୍ନରେ ସୁରଭି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠି ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନୀରାକାର ପ୍ରଧାନ , ଜିଲ୍ଲା ପରିଷଦ ସଭ୍ୟା ରୁନୁ ବର୍ମା , ରଞ୍ଜିତ କୁମାର ପ୍ରଧାନ , ପ୍ରଧାନ ଶିକ୍ଷକ ଅମୁଲ୍ୟ କୁମାର ସାହୁ ପଞ୍ଚାୟତିରାଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରିୟଦର୍ଶିନୀ ନାୟକ ଗୋଷ୍ଠି ଶିକ୍ଷାଧିକାରୀ ସଭାପତିତ୍ୱ କରିଥିଲେ । ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରାକୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଗଜଲକ୍ଷ୍ମୀ ପୂଜାକୁ ନେଇ ଡିଆଇଜିଙ୍କ ସମୀକ୍ଷା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଶେଷ ପଯ୍ୟାୟରେ ପହଞ୍ଚିଛି। ଆଜି ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଡିଆଇଜି ଆଶିଷ କୁମାର ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ପୂଜା ପାଇଁ ସମୀକ୍ଷା କରିଛନ୍ତି। ଜିଲ୍ଲା ପୋଲିସ ମୁଖ୍ୟାଳୟ ସଦ୍‌ଭାବନା ସଭାଗୃହରେ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ କରିବା ପାଇଁ ଡିଆଇଛି ଆଶିଷ କୁମାର ସିଂଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଡିଆଇଜି କହିଛନ୍ତି ଜନ ସଂଖ୍ୟାକୁ ଦେଖି ପୋଲିସ ବ୍ୟବସ୍ଥା କରାଯିବ । ପୂଜା ସମୟରେ ଇଲୋକଟ୍ରୋନିକ୍ସ ଡିସ୍ପ୍ଲେ ମାଧମରେ ରାସ୍ତା ଘାଟ ଚଳାଚଳର ସୂଚନା ସହିତ ରାସ୍ତାରଚିହ୍ନଟ କରାଯିବ। ସେହିପରି ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବା




ସହିତ ବିଭିନ୍ନ କାର୍ଯ୍ୟର ତଦାରଖ କରାଯିବ । ପୂଜାରେ ପକେଟମାର ସହିତ ବିଭିନ୍ନ ଅପରାଧିମାନଙ୍କୁ ଧରିବା ପାଇଁ ସାଧା ପୋଷାକରେ ପୋଲିସ ମୁତୟନ କରାଯିବା ସହିତ ଆବଶ୍ୟକ ଅନୁସାରେ ପୋଲିସ ବ୍ୟବସ୍ଥା କରାଯିବ । ଏହି ବୈଠକରେ ଏସ୍‌ପି ବି ଅଜିଙ୍କ୍ୟା ମାନେ ସହିତ ବିଭିନ୍ନ ପୋଲିସ ଅଧିକାରୀ,ପୂଜା କମିଟିର ସଭାପତି,ସମ୍ପାଦକଙ୍କ ସହିତ ଗଣମାଧମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# କଣିହାଁ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ
# ହିମାଂଶୁ ସଭାପତି, ଚିରସ୍ମିତା ସାଧାରଣ ସମ୍ପାଦିକା

କଣିହାଁ,(ସବ୍ୟୁ): ଅନୁଗୋଳ ଜିଲ୍ଲା କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ଓ ଛାତ୍ର ସଂଘର ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ହିମାଂଶୁ ସାହୁ ସଭାପତି ଓ ଚିରସ୍ମିତା ନାଏକ ସାଧାରଣ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି।ଅନ୍ୟ ପଦ ପଦବିରେ ଉପସଭାପତି ଭାବେ ମନୋଜ ଦାସ , ସହକାରୀ ସାଧାରଣ ସମ୍ପାଦିକା - ଲିଜାରାଣି ନାଏକ , ନାଟ୍ୟ ସମ୍ପାଦିକା ଭାବେ ଶୁଭଲକ୍ଷ୍ମୀ ସାମଲ , କ୍ରୀଡ଼ା ସମ୍ପାଦକ- ଚିକୁନ କୁମାର ନାଏକ , ସହକାରୀ କ୍ରୀଡ଼ା





ସମ୍ପାଦକ -ରାକେଶ କୁମାର ବେହେରା, ସହକାରୀ ନାଟ୍ୟ ସମ୍ପାଦିକା - ଜସ୍ମିନ ସାହୁ ଓ ବିଜ୍ଞାନ ସମାଜର ସମ୍ପାଦକ ଭାବେ ଗୋପୀନାଥ ଭୂୟାଁ ନିର୍ବାଚିତ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି । ଉକ୍ତ ନିର୍ବାଚନରେ ବିଜେଡ଼ି ସମର୍ଥିତ ପ୍ରାର୍ଥିଙ୍କ ବାଜିମାତ ହୋଇଥିବା ଜଣାଯାଇଛି ।

# ଓଡାପଡାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଓଡାପଡା,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓଡ଼ାପଡ଼ା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ାପଡ଼ା ଗୋଷ୍ଠୀ ସମ୍ବଳ ଅଧିକାରୀ ପୌଲସ୍ତ୍ୟ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜିଲ୍ଲା ପରିଷଦ ସଭଯ ବାଳକୃଷ୍ଣ ସାହୁ, ସରପଞ୍ଚ ସୁଭଦ୍ରା ସାହୁ ଓ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ଲେଙ୍କା ଯୋଗ ଦେଇଥିଲେ। ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟପ୍ରକାଶ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ, ସାଂସଦଙ୍କ ପ୍ରତିନିଧି ତପନ କୁମାର ମହାପାତ୍ର, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସମିତି ସଭ୍ୟା ସୁମିତ୍ରା ପଟ୍ଟନାୟକ ଓ ଓଡ଼ାପଡ଼ା ଗୋଷ୍ଠୀ ସମ୍ବଳ ଅଧିକାରୀ ପୌଲସ୍ତ୍ୟ ସାହୁ ଯୋଗ ଦେଇଥିଲେ। ଏହି ଉତ୍ସବ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସେମାନଙ୍କର କଳା କୌଶଳ ପ୍ରତିଭା ପ୍ରଦର୍ଶନ କରିଥିଲେ।କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଚନ୍ଦନ ସେଠୀ ମଞ୍ଚ ପରିଚାଳନା କରୁଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଓ ସିଆରସି ମାନେ ସହଯୋଗ କରିଥିଲେ।

# କରଞ୍ଜିଆ ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ଠାକୁରମୁଣ୍ଡା, ,(ସବ୍ୟୁ): କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁଙ୍କ ଜନ୍ମଦିନ ଅବସରରେ ସମର୍ଥକମାନେ ରକ୍ତଦାନ କରି ଶୁଭେଚ୍ଛା ଜଣାଇଛନ୍ତି । ଏହି ରକ୍ତଦାନ ଶିବିରରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ତହସିଲଦାର ସମ୍ବିତ କର, ଗୋଷ୍ଠୀସସ୍ୱାସ୍ଥ୍ୟାଧିକାରୀ ଶୁଭେନ୍ଦୁ ସାଗର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆରମ୍ଭରେ ବିଧାୟକଙ୍କ ସମେତ ଶହ ଶହ ଲୋକ ବାସୁଳୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ଆସି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ସାଂସଦ ଅନନ୍ତ ଚରଣ ନାୟକ ଏବଂ ବିଧାୟକ ମିଳିତ ଭାବେ ଉଦଘାଟନ କରିଥିଲେ । ସାଂସଦଙ୍କ ସମେତ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ତହସିଲଦାର ସମ୍ବିତ କୁମାର କର ବିଧାୟକଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ । ପରେ ରକ୍ତଦାନ ଚାଲିବା ସହ ଡାକ୍ତରଖାନାରେ ବିଧାୟକ ଓ ସାଂସଦ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। କରଞ୍ଜିଆ ରକ୍ତ ଭଣ୍ଡାର କର୍ମଚାରୀ ଡା. ଗୌରାଙ୍ଗ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ସମୁଦାୟ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ, ଆଶିଷ କୁମାର ପାଣିଗ୍ରାହୀ, ତାରାକାନ୍ତ ପଟ୍ଟନାୟକ, ବିମଳ କୁମାର ସେନାପତି, ଯୋଗେନ୍ଦ୍ର ମହାନ୍ତ, ବିଛେନ୍ଦ୍ର ବେହେରା ତଥା ଅନେକ ସହଯୋଗୀ ଶିବିର ଆୟୋଜନରେ ବିଶେଷ ଭୂମିକା ନିର୍ବାହ କରିଥିଲେ ।

# ହାଇସ୍କୁଲରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଳଚେର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ମହାନ୍ତି,ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମଳୟ ସାହୁ, ପଂଚସଖା ଶିକ୍ଷା ସେତୁର ସଭାପତି ପ୍ରଶାନ୍ତ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଲିନା ସାହୁ, ସମିତି ସଭ୍ୟ ରୁନୁ ସିଂ, ନାଏବ ସରପଞ୍ଚ ଭୁବନ ବେହେରା, ପ୍ରଧାନଶିକ୍ଷକ ମନ୍ଦରଧର ବେହେରା ଓ ଅନୁସୂୟା ସାହୁ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର କର ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ହାଇସ୍କୁଲର ଛାତ୍ରୀମାନେ ଆକର୍ଷଣୀୟ ଶାସ୍ତ୍ରୀୟ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ତାଳଚେର ବ୍ଲକର ତେରଟି କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, କ୍ୱିଜ, ସଂଗୀତ, ସୃଜନଶୀଳ ଲେଖନୀ, ଦଳଗତ ନୃତ୍ୟ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂ, ସମ୍ମାନୀତ ଅତିଥି ଭାବରେ ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ପ୍ରଧାନଶିକ୍ଷୟତ୍ରୀ ତିଲୋତମା ଭୂଞିଆ ଓ ମୁଖ୍ୟବକ୍ତା ଭାବରେ ବଅଁରପାଳ ହାଇସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ବେହେରା, ପଡିଆଭଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲତିକା ମହାପାତ୍ରଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ । ଏହିଅବସରରେବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରି ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଲତିକା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

ଢେଙ୍କାନାଳ,(ସବ୍ୟୁ) : ନିକଟରେ ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ପରିସରରେ ସଦର ବ୍ଲକ୍‌ର ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଗୁରୁବାର ଅନୁଷ୍ଠିତ ହୋଇଯାଇଅଛି। ସଦର ବ୍ଲକ୍ ଅନ୍ତର୍ଗତ ୧୭ଟି କ୍ଲଷ୍ଟର୍ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଶୃତଲିଖନ ହସ୍ତାକ୍ଷର, ପିଏମ୍ ପୋଷଣ ସଂପର୍କୀତ ଚିତ୍ରକଳା ଶିଳ୍ପ କଳା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଦର ବିଆର୍ ସିସି ଶତ୍ରୁଘ୍ନ ଖଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଳେଇ,



ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଏବିଇଓ ଦେବବ୍ରତ ନାଥ, ସମ୍ମାନିତ ଅତିଥି ଭାବେ ଏବିଇଓ ଭଗବାନ ବେହେରା ଓ ଏବିଇଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ପିଲାଙ୍କର ପ୍ରତିଭା ପ୍ରଦର୍ଶନର ମଂଚ। ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାଙ୍କର ପ୍ରତିଭାକୁ ଚିହ୍ନଟ କରି ତା'ର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ପୁରସ୍କୃତ ହେବା ସହିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ଉନ୍ନତ ହୋଇଛନ୍ତି । କଳା ଶିକ୍ଷକ ଅଭିନବ ବରାଳ, ସନ୍ଦିପନୀ ଷଡ଼ଙ୍ଗୀ, ସୌରଭ ରାୟ, ବିକାଶ ଜେନା, ପ୍ରଶାନ୍ତ କୁମାର ପଣ୍ଡା, ବିଶ୍ୱରଞ୍ଜନ ଚମ୍ପତିରାୟ, ଅଧାପକ ଦେବୀ ପ୍ରସାଦ ପ୍ରଧାନ, ପ୍ରାକ୍ତନ ଏବିଇଓ ଜ୍ୟୋତିର୍ମୟୀ ନାଥ, ପ୍ରଶାନ୍ତ କୁମାର ସାହୁ, ବିଚିତ୍ରାନନ୍ଦ ରାଉତ, ସୁଶ୍ରୀ ଶୁଭସ୍ମିତା ବେଉରା, କାହ୍ନୁ ଚରଣ ମହାରଣା, ଅର୍ପିତାରାଣୀ ପତି, ବବିତା ସାହୁ, ଅଜୟ କୁମାର ସାମନ୍ତ, ସଂଯୁକ୍ତା ହୋତା, ସୁଚିସ୍ମିତା ମାନା, ସୌମିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କୃତୀକୁ ମୂଲ୍ୟାଙ୍କନ କରିଥିଲେ। ଅପରାହ୍ନରେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତାବାଳା ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର କର୍ମଚାରୀ ବୃନ୍ଦ ଓ ସମସ୍ତ ସିଆର୍‌ସିସି ବୃନ୍ଦ ସହଯୋଗ କରିଥିଲେ ।

## ସମ୍ପାଦକୀୟ

# ଛାତ୍ର ନିର୍ବାଚନରୁ ଶିକ୍ଷା

ଏବେ ଓଡ଼ିଶାରେ ଦୀର୍ଘ ଆଠ ବର୍ଷ ପରେ ଉଚ୍ଚଶିକ୍ଷା ଲାଭ କରୁଥିବା କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ନିର୍ବାଚନ ହେଉଥିବାରୁ ସାଧାରଣ ନିର୍ବାଚନ ପରି ନ ହେଲେ ମଧ୍ୟ ଛାତ୍ର ନିର୍ବାଚନର ବାତାରଣ ବେଶ୍ ସରଗରମ ଥିଲା । ଗତ ଅକ୍ଟୋବର ୧୫(୨୦୨୬) ରାତିରେ ଓ ଫଳାଫଳ ବାହାରିବା ପରେ ମଧ୍ୟ କେତେକ ଫଳାଫଳ ବିଳମ୍ବିତ ରାତିରେ ହୋଇଥିଲା । କୌଣସି ଇଭିଏମ୍ ମେସିନରେ ନୁହେଁ, ସାଧାରଣ ପ୍ରକ୍ରିୟାରେ ବ୍ୟାଲଟ ବାକ୍ସ ପଦ୍ଧତିରେ ନିର୍ବାଚନ ଶେଷ ହୋଇ ଭୋଟ ଗଣତି ପରେ ଫଳାଫଳ ବାହାରିଥିଲା । ଏହି ଫଳାଫଳ ପରେ ଅକ୍ଟୋବର ୧୬(୨୦୨୬)ରେ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ନେଇଛନ୍ତି । ଏକ ନୂତନ ଆଶା ଓ ବିଶ୍ୱାସକୁ ନେଇ ଭୋଟ୍ ଦେଇଥିବା ଛାତ୍ରଛାତ୍ରୀମାନେ ହୁଏତ ମଉଜ ମଜଲିସରେ ମାତି ଥିବେ । ଆଉ ହାରି ଯାଇଥିବା ପ୍ରାର୍ଥୀମାନେ ହୁଏତ ମନ ଦୁଃଖରେ ଥିବେ ।

ଜଣେ ବିଶିଷ୍ଟ ଲେଖକ ଓ ରାଜନୀତିଜ୍ଞ ତାଙ୍କ ରଚିତ 'ଘରଡ଼ିହ' ଉପନ୍ୟାସର ଆଦ୍ୟ କଥନରେ ଉଲ୍ଲେଖ କରିଥିଲେ– 'ରାଜନୀତି ଏବେ ଅର୍ଥର ଦାସ ।' ପ୍ରକୃତରେ ଏହି ଉପନ୍ୟାସଟି ୧୯୯୭ ମସିହାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା ।

...ଅନେକ ପୋଲିସ୍ କର୍ମଚାରୀ ମୋତେ ଭେଟିଛନ୍ତି ଆଉ ପୋଲିସ୍ ସଂସ୍କାର ବିଷୟରେ ଅନେକ ମୂଲ୍ୟବାନ ମତାମତ ଦେଇଛନ୍ତି ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଜରିଆରେ ପୋଲିସ କାର୍ଯ୍ୟ କରିବା ବିଷୟରେ ମଧ୍ୟ ସେମାନେ ସୂଚନା ଦେଇଛନ୍ତି । ମୁଁ ଭେଟିଥିବା ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ମୋତେ ଭରସା ଦେଇ କହିଛନ୍ତି ଯେ ଯୁବଶକ୍ତିକୁ ସେମାନେ ଦେଶ ଗଠନ କାର୍ଯ୍ୟରେ ଲଗାଇବା ହେଉଛି ସେମାନଙ୍କର ଲକ୍ଷ୍ୟ । ଯୁବକମାଙ୍କୁ ଉଜ୍ଜ୍ୱଳ ନାଗରିକ ଭାବେ ଠିଆ କରାଇବା ଲାଗି ସେମାନେ ଅକ୍ଳାନ୍ତ ପରିଶ୍ରମ କରି ଆସୁଛନ୍ତି ।' ଏଇ ଅକ୍ଟୋବର ୧୫(୨୦୨୬)ରେ କଲାମଙ୍କର ଜନ୍ମଦିବସ ସର୍ବତ୍ର ପାଳନ କରାଯାଇଥିଲା । ତାଙ୍କରି ଲେଖା ଆଉ ତାଙ୍କରି ମାର୍ଗ ଏବର ଛାତ୍ର ଓ ଯୁବ ସମାଜ ପାଇଁ ଖୁବ ଆବଶ୍ୟକ ବୋଲି ମନେ ହେଉଛି ।

ଛାତ୍ର ରାଜନୀତିରେ ମଧ୍ୟ ଅନେକ ଅର୍ଥ ରାଜନୀତିକ ଦଳମାନେ ବ୍ୟୟ କରିଥିବେ । ତେଣୁ ଭବିଷ୍ୟତରେ ସେମାନେ ରାଜନେତା ହେଲେ କ'ଣ ବିନା ଅର୍ଥ ବ୍ୟୟରେ ରାଜନୀତି କରି ପାରିବେ କି ? ଏହା ସମ୍ଭବ ହୋଇ ନପାରେ । ରାଜନୀତି କ୍ଷେତ୍ରେରେ ଶୁଦ୍ଧତା ଆଣିବା ଲାଗି ଗାନ୍ଧିଜୀ ସାରା ଜୀବନ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କ ପରେ ସ୍ୱାଧୀନ ଭାରତରେ ଆମେମାନେ ତାହା କରିପାରିଲୁ ନାହିଁ । ଏବର ଇଣ୍ଟରନେଟ ଯୁଗରେ ଶୁଦ୍ଧପୂତ ଜୀବନ ନିର୍ବାହ କରାଯାଉ ନାହିଁ । ଅତିରେ ଅର୍ଥ ଉପାର୍ଜନ କରିବାର ଲକ୍ଷ୍ୟ ନେଇ ଆମେମାନେ ଧାଉଁଛୁ ।

ଏ.ପି.ଜେ ଅବଦୁଲ କଲାମ ଯିଏ କି ପାଞ୍ଚବର୍ଷ କାଳ ରାଷ୍ଟ୍ରପତି ଭାବେ ରାଷ୍ଟ୍ରପତି ଭବନରେ ରହି ଆସୁଥିଲେ, ବିଦାୟ ନେଇ ସେଠାରୁ ଆସିବା ସମୟରେ ସେ ସାଙ୍ଗରେ ମାତ୍ର ଦୁଇଟି ସୁଟକେସ ନେଇ ଫେରିଥିଲେ । ଦେଶର ସର୍ବୋଚ୍ଚ ନାଗରିକ ହୋଇ ମଧ୍ୟ ସେ ଅବଶିଷ୍ଟ ଜୀବନରେ ଶିକ୍ଷାଦାନ କରିବାକୁ ଭୁଲି ନଥିଲେ । ଦେଶର ଛାତ୍ର ଓ ଯୁବ ସମାଜକୁ ସେ ଶିକ୍ଷାଦାନ କରୁଥିଲେ । ବକ୍ତୃତା ବି ଦେଉଥିଲେ । ସେଥିରେ ସେ ଆନନ୍ଦ ପାଇ ପାରୁଥିଲେ । ସେଥିପାଇଁ ସେ ତାଙ୍କର ଦ୍ୱିତୀୟ ଆତ୍ମଜୀବନୀ Turning Points (ଗୁରୁତ୍ୱପୂର୍ଣ୍ଣ ମୋଡ଼)ରେ ସେ ଠାଏ ଲେଖିଥିଲେ– 'ଦେଶର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ମୋର ଅଦ୍ଭୁତ ଅନୁଭୂତି ହୋଇଛି । ଲୋକଙ୍କ ଆଶା ଓ ଆକାଂକ୍ଷା ବିଷୟରେ ଅବଗତ ହୋଇଛି । ଅନେକ ବ୍ୟକ୍ତି ଭଲ କାମ କରିଥିବା ବିଷୟ ଜାଣି ପାରିଛି, ବିଶେଷ କରି ଯୁବଶକ୍ତି ବିଷୟରେ ଅନେକ କିଛି ବୁଝି ପାରିଛି ।

...ଅନେକ ପୋଲିସ୍ କର୍ମଚାରୀ ମୋତେ ଭେଟିଛନ୍ତି ଆଉ ପୋଲିସ୍ ସଂସ୍କାର ବିଷୟରେ ଅନେକ ମୂଲ୍ୟବାନ ମତାମତ ଦେଇଛନ୍ତି ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଜରିଆରେ ପୋଲିସ କାର୍ଯ୍ୟ କରିବା ବିଷୟରେ ମଧ୍ୟ ସେମାନେ ସୂଚନା ଦେଇଛନ୍ତି । ମୁଁ ଭେଟିଥିବା ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ମୋତେ ଭରସା ଦେଇ କହିଛନ୍ତି ଯେ ଯୁବଶକ୍ତିକୁ ସେମାନେ ଦେଶ ଗଠନ କାର୍ଯ୍ୟରେ ଲଗାଇବା ହେଉଛି ସେମାନଙ୍କର ଲକ୍ଷ୍ୟ । ଯୁବକମାଙ୍କୁ ଉଜ୍ଜ୍ୱଳ ନାଗରିକ ଭାବେ ଠିଆ କରାଇବା ଲାଗି ସେମାନେ ଅକ୍ଳାନ୍ତ ପରିଶ୍ରମ କରି ଆସୁଛନ୍ତି ।' ଏଇ ଅକ୍ଟୋବର ୧୫(୨୦୨୬)ରେ କଲାମଙ୍କର ଜନ୍ମଦିବସ ସର୍ବତ୍ର ପାଳନ କରାଯାଇଥିଲା । ତାଙ୍କରି ଲେଖା ଆଉ ତାଙ୍କରି ମାର୍ଗ ଏବର ଛାତ୍ର ଓ ଯୁବ ସମାଜ ପାଇଁ ଖୁବ ଆବଶ୍ୟକ ବୋଲି ମନେ ହେଉଛି ।

## ସମ୍ପାଦକଙ୍କୁ ପତ୍ର

### ବନ୍ଦ ପାଳନ ଜରୁରୀ କି ?

ମହାଶୟ,

ସମ୍ପ୍ରତି ଦାବି ପୂରଣ ପାଇଁ ବନ୍ଦ ପାଳନ ଏକ ମୁଖ୍ୟ ଆୟୁଧ ପାଲଟିଛି । ଆମ ରାଜ୍ୟର ତ୍ରୁଟିପୂର୍ଣ୍ଣ ସ୍କୁଲ ପାଠ୍ୟ ପୁସ୍ତକ ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ଆଇନ (ଏମ୍.ଏମ୍.ଆର୍.ଡି) ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର , ଭାରତର ନିର୍ବାଚନ କମିଶନ ମୁଖ୍ୟ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ବେଶ୍ କିଛିଦିନ ଧରି ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜୋରଦାର ଆନ୍ଦୋଳନ ଚାଲିଛି । ଗତ ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦ ଯୋଗୁ ଲାଭ ଓ କ୍ଷତି କେତେ ହେଲା ତାହା ସମସ୍ତେ ବିଚାର କରିବା କଥା । ଗଣତାନ୍ତ୍ରିକ ରାଷ୍ଟ୍ରରେ ଦାବି ପୂରଣ ପାଇଁ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ରହିଛି । କିନ୍ତୁ 'ବନ୍ଦ' ପାଳନ କରିବା ଏକ ଅନୁଚିତ ଅଧିକାର । ବନ୍ଦ ଯୋଗୁ ସାଧାରଣ ଲୋକ, ମୁମୂର୍ଷ ରୋଗୀ, ବିଦ୍ୟାର୍ଥୀ, ପରୀକ୍ଷାର୍ଥୀ, ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଦିନମଜୁରିଆଙ୍କ ଦୁଃଖ ଅବର୍ଣ୍ଣନୀୟ । ଗୋଟିଏ ଦିନର ବନ୍ଦରେ ରାଜ୍ୟ ବା ଦେଶ ଆର୍ଥିକ ଦୃଷ୍ଟିରୁ ଅପୂରଣୀୟ କ୍ଷତି ସହିବାକୁ ବାଧ ହେଉଛି । ଯଦି କୌଣସି ଦାବି ପଛରେ ଯୁକ୍ତିଯୁକ୍ତ କାରଣ ରହିଛି, ତେବେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଅଭିଯୋଗକାରୀ ଅଦାଲତର ଆଶ୍ରୟ ନେଇପାରିବେ । ବ୍ୟାପକ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ସରକାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସାମୟିକ ଭାବେ ଇସ୍ତଫା ଦେବାକୁ କହିବା ଭୁଲ ହେବ ନାହିଁ । ସମ୍ପୃକ୍ତ ବ୍ୟକ୍ତି ନିଜ ପକ୍ଷରୁ ଇସ୍ତଫା ଦେଇ ନୈତିକତା ପ୍ରତିପାଦନ କରିବା ସହିତ 'ବନ୍ଦ'କୁ ବନ୍ଦ କରି ପାରିବେ । ଉଚ୍ଚ ଅଦାଲତ ବା ସର୍ବୋଚ୍ଚ ନ୍ୟାୟାଳୟ ନିଜ ପକ୍ଷରୁ ବିଚାର କରି ବନ୍ଦ୍ ଉପରେ ଅଙ୍କୁଶ ଲଗାଇ ପାରିବେ । ଏଇ ଯେମିତି ସି.ଜେ.ପି ତରଫରୁ ଜନ୍ତରମନ୍ତରଠାରେ ଆହୁତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା, ମେଟ୍ରୋ ଷ୍ଟେସନ ବନ୍ଦ କରିବା ଓ ଦିଲ୍ଲୀ ଅଭିମୁଖେ ଯିବାକୁ ଥିବା ପ୍ରାୟ ୭୫ଟି ଟ୍ରେନ ବାତିଲ କରିବା ଇତ୍ୟାଦିକୁ କଟାକ୍ଷ କରି ସର୍ବୋଚ୍ଚ ନ୍ୟାୟାଳୟ କହିଲେ– ''ମାଛିକୁ ମାରିବାକୁ ହାତୁଡ଼ି ବ୍ୟବହାର କର ନାହିଁ ।'' ସବୁ ଦୃଷ୍ଟିରୁ ବନ୍ଦ କ୍ଷତି ସାଧନ କରୁଛି । ତେଣୁ ଦଳ ମତ ନିର୍ବିଶେଷରେ ସମସ୍ତେ ବନ୍ଦ୍‌କୁ ବନ୍ଦ କରିବା ଜରୁରୀ ।

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ
ଖରସ୍ରୋତା ମହାବିଦ୍ୟାଳୟ
ସିଂହପୁର, ଯାଜପୁର

# ନାରାଜ ଫୁଫା



ଡ. ନିରଞ୍ଜନ ସାହୁ

ଗୋଟିଏ ବିଶାଳ ଗଣତନ୍ତ୍ରର ଜଣେ ପ୍ରମୁଖ ଶାସକ ତାଙ୍କର ପ୍ରତିପକ୍ଷମାନଙ୍କୁ ପ୍ରୟୋଗ କରିଛନ୍ତି ଶୀର୍ଷକ ପ୍ରାୟ ଏକ ଶବ୍ଦ। ଅନେକ ଦେଶବାସୀ ଏପରି ଶବ୍ଦ ସହିତ ହୁଏତ ପରିଚିତ ନଥିବେ । ଆମ ଦେଶର କିଛି ଲୋକ ଅଛନ୍ତି ଯେଉଁମାନେ କେବଳ ନିଜ କଥାରେ ବ୍ୟସ୍ତ– ଦେଶରେ କଣ ହେଉଛି, ଆପଣଙ୍କର କଣ ହେଉଛି କିମ୍ବା ତାଙ୍କର ପଡ଼ୋଶୀ ପ୍ରତିବେଶୀଙ୍କର କଣ ଚାଲିଛି ତାହା ଜାଣିବାପାଇଁ ସେମାନଙ୍କଠାରେ ନା ଥାଏ ଆଗ୍ରହ ନା କୌତୁହଳ– ଠିକ୍ ସେଇମିତି ଆହୁରି କିଛି ଅଛନ୍ତି ଯେଉଁମାନେ କି ଏତେ ପରଚର୍ଚ୍ଚାରେ ବ୍ୟସ୍ତ ରହନ୍ତି, ଅପର ବିଷୟରେ ଦି'ପଦ ତାଙ୍କ ମଗଜରୁ ନ ବାହାରିଲେ ତାଙ୍କର ନିଦ ହୁଏନି । ଖାଦ୍ୟ ହଜମ ତ ଦୂରର କଥା । ଯେ ଦୁଇ ପ୍ରଜାତି କେହି କାହାକୁ ସହି ପାରନ୍ତି ନାହିଁ। ଆରୋପ ଓ ପ୍ରତ୍ୟାରୋପରେ ତାଙ୍କ ଜୀବନ ବିତେ– ବଡ଼ ଦୁଃଖମୟ ଜୀବନ ।

କ୍ଷମତାରେ ଥିବା ଲୋକମାନେ ବିରୋଧୀମାନଙ୍କ ପ୍ରତି ନିର୍ବିକାର ଭାବରେ ଅଶାଳୀନ ଶବ୍ଦ ପ୍ରୟୋଗ କରିବାରେ କାର୍ପଣ୍ୟ କରନ୍ତି ନାହିଁ– କ୍ଷମତାରେ ନଥିବା ଲୋକମାନେ ତ ଚିରକାଳ 'ବୁଭୁକ୍ଷିତଂ କିଂ ନ କରୋତି ପାପମ୍?' ସେମାନେ ସବୁବେଳେ ଭାବନ୍ତି ଯେତେବେଳେ ତାଙ୍କ ନିକଟରେ କ୍ଷମତା ନାହିଁ ସେମାନଙ୍କ ନିକଟରେ ଏକମାତ୍ର ଚିଜ ରହିଛି ତାହା ହେଉଛି ଚିତ୍କାର କରିବା, ହଲ୍ଲା କରିବା, ଛୋଟକଥାକୁ ବହୁଗୁଣିତ କରି ପ୍ରକାଶ କରିବା– ସରକାରଙ୍କୁ ତାଚ୍ଛଲ୍ୟ କରିବା ଇତ୍ୟାଦି ଇତ୍ୟାଦି–

ଏବେ ଆସିବା ମଞ୍ଜି କଥାକୁ– ନାରାଜ ଫୁଫା କ'ଣ ? ବିହାର ଉତ୍ତର ପ୍ରଦେଶର ଲୌକିକ ହିନ୍ଦୀରେ ପ୍ରଚଳିତ ଏହା ଏକ ଗାଳିର ପାଖାପାଖି– ଫୁଫା କହିଲେ ବୁଝାଯାଏ ପିଉସା, ଅର୍ଥାତ୍ ନାରାଜ ଫୁଫା କହିଲେ ଆଖି ଆଗରେ ନାଚି ଯାଉଥିବ ସବୁ କଥାରେ ନାଁ କହୁଥିବା ଜଣେ ବଂଧୁବାନ୍ଧବ । ପିଉସା କହିଲେ ଆମେ ବୁଝନ୍ତି ଆମର ବାପାଙ୍କର ଭଗିନୀଙ୍କ ସ୍ୱାମୀ– ଅର୍ଥାତ୍ ବେଶ କିଛି ସମୟ କିଛି ବର୍ଷ ପୂର୍ବେ ସେ ଥିଲେ ଆପଣଙ୍କ ଘରେ ଜ୍ୱାଇଁ କୁଣିଆଁ– ଘରର ଜାମାତାଙ୍କ ଆଦର ବିଷୟରେ ଆଉ ବିଶେଷ ବ୍ୟାଖ୍ୟା ବା କଣ କରିବା– ସେ ଆସିଛନ୍ତି ମାନେ ତାଙ୍କ ପାଇଁ ଖାଦ୍ୟପେୟର ହୋଇଥିବ ବିଶେଷ ଆୟୋଜନ, ତାଙ୍କ ପାଇଁ ଘରର ପରିବେଶ ଦିଶୁଥିବା ମାର୍ଜିତ । ତାଙ୍କର ସମ୍ମାନାର୍ଥେ କାହିଁ କେତେ ସୁଚିନ୍ତିତ ବ୍ୟବସ୍ଥାମାନ କରାଯାଇଥିବ– ସମୟ କ୍ରମେ ଶାଶୁ ଶ୍ୱଶୁର ବୁଢ଼ା ହୋଇ ଯାଇଥିବେ ଆଉ କ୍ରମେ ସେମାନେ ଆରପାରିକୁ ବାଟ କାଟିବେ– କେବେ ଝିଅଟି ବୟସ କ୍ରମେ ନିଜ ଘର ଜଞ୍ଜାଳରେ ବ୍ୟସ୍ତ ରହିବ ଓ ଆଉ ବାପଘରକୁ ଜଞ୍ଜାଳରେ ନା ସେ ଆସି ପାରୁଥିବ ନା ଜାମାତା ମହୋଦୟ ଶଶୁର ଘରକୁ ଆସି ପାରୁଥିବେ । ଯେଉଁ ଜାମାତାଙ୍କ ପାଇଁ ବହୁଳ ଆୟୋଜନ କରାଉଥିଲା ତାହା କ୍ରମେ ନିଷ୍ପ୍ରଭ ହୋଇଯିବ । ଶାଶୁ ଶ୍ୱଶୁର ଚାଲିଯିବା ପରେ ଆଉ ଜ୍ୱାଇଁଙ୍କୁ କିଏ ବା ପଚାରେ – ଯଦିଓ ଶଶୁର ଘରେ କିଛି ପର୍ବପର୍ବାଣୀ, ବାହା ପୁଆଣି ଆସିଲେ ତାଙ୍କୁ ଡକା ହେଉଥିବ– ସେତେବେଳେ ସେ ଆଉ ଜ୍ୱାଇଁଙ୍କର ମର୍ଯ୍ୟାଦା ପାଉଥିବେ ନା ତାଙ୍କୁ ଆଉ ପୂର୍ବପରି ଗୁରୁତ୍ୱ ଦିଆଯାଉଥିବ– ସେ କେବଳ ଗୋଟିଏ ନିତ୍ୟ ନୈମିକତା ରକ୍ଷା କରି ଆସୁଥିବେ– ହେଲେ ତାଙ୍କର ପ୍ରାଥମିକ ଜାମାତା ସମୟର ପ୍ରବନ୍ଧ ହୋଇଯାଇଥିବ ସାତ ସପନ । ତାଙ୍କୁ କୌଣସି ଦାୟିତ୍ୱ ବି ଦିଆ ଯାଉନଥିବ– ତେଣୁ ସ୍ୱାଭାବିକ ଭାବରେ ସେ ସବୁକଥାରେ ପଦେ ଅଧେ ବିରୋଧାଭାସ ଜୁଟାଉଥିବେ ଅଥଚ ତାଙ୍କ କଥାକୁ କେହି ବାସି ପାଣିରେ ପଚାରୁ ନଥିବେ– ଏପରି ପରିସ୍ଥିତିରେ ସେ ନାରାଜ ହେବା ସହିତ ନାଚାର ହେବେ ହିଁ ହେବେ– ଏହାହିଁ ତାଙ୍କର ଏକ ମାତ୍ର ଭବିତବ୍ୟ ।

ଆମ ଦେଶର ମାନ୍ୟବର ଶାସକ ଏଇ ପଦକ ଯେତେବେଳେ ବିରୋଧୀ ଦଳର ନେତାଙ୍କ ସହିତ ତାଙ୍କର ଅନ୍ୟାନ୍ୟ ସହକର୍ମୀ ଓ ସହଯୋଗୀଙ୍କ ପ୍ରତି ପ୍ରୟୋଗ କରନ୍ତି, ତା'ର ପରୋକ୍ଷ ଅର୍ଥ ହେଲା କେବେ ଅତୀତରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଥିଲେ। ମାତ୍ର ସେମାନେ ଆଜିର ଦିନରେ ପିଉସାମାନଙ୍କ ପରି ଏକ ସାଂକେତିକ ଅବସ୍ଥିତିରେ । ମାତ୍ର ସେମାନଙ୍କର ବିରୋଧକୁ ଗୁରୁତ୍ୱ ଦିଆଯାଏ ନାହିଁ– କାରଣ ସେମାନେ ବିରୋଧ କରିବାକୁ ଏକ ଅଭ୍ୟାସରେ ପକେଇ ଦେଇଥାନ୍ତି– ସେମାନେ ଯେ କେବଳ ଅତୀତର ଚରିତ୍ର ଏବଂ ସେମାନଙ୍କର ସାମ୍ପ୍ରତିକ ପ୍ରାସଙ୍ଗିକତା ଆଉ ନାହିଁ ତାହା ଜଣେଇ ଦେବାପାଇଁ ଏହା ବୋଧହୁଏ ଥିଲା ଏକ ତୀର୍ଯ୍ୟକ ଶବ୍ଦପୁଞ୍ଜ । ଗଣତନ୍ତ୍ରରେ ଆମେ ସମସ୍ତେ କଥାରେ ଶାଳୀନତା ରକ୍ଷା କରିବା ଜରୁରୀ– ମାତ୍ର ଆମେ ସମସ୍ତେ ଭୁଲିଯାଇଛନ୍ତି ଯେ ମର୍ଯ୍ୟାଦା ହେଉଛି ମାନବିକତାର ଆଧାର– ଅନ୍ୟକୁ ଆମେ ଯେତିକି ସମ୍ମାନ ଦେବା ଇତିହାସ ଆମକୁ ସେତିକି ଗୁରତ୍ୱ ଦେବ । ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମହାଶୟ ଉଭୟ କ୍ଷମତା ଓ ବିରୋଧୀ ଆସନରେ ବସିଛନ୍ତି– ମାତ୍ର କେବେ ସେ ପ୍ରତିପକ୍ଷଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିନାହାନ୍ତି– ସେଥିପାଇଁ ତାଙ୍କର ମୁହଁଟି ଇତିହାସର ଅଇନାରେ ଅପେକ୍ଷାକୃତ ଉଜ୍ଜ୍ୱଳ ଦିଶେ । ଆମର ବିରୋଧୀଙ୍କ ତରଫରୁ ଶାସକମାନଙ୍କୁ ଏପରି କଟୁକଥା କୁହାଯାଇଛି ଯାହା ନ କହିବା ଭଳି କଥା– ଯେପରି ମୃତ୍ୟୁର ସୌଦାଗର, ଚୋର, ଅନପଢ଼, ଗାଉଁଲି, ଆହୁରି କେତେ କ'ଣ। ଏପରି କଥା କହୁଥିବା ଲୋକଙ୍କୁ ଦେଶର ଜନସାଧାରଣ ଠିକଣା ସମୟରେ ଜବାବ ଦିଅନ୍ତି, ତେଣୁ ସେ ଶାସକ ହୁଅନ୍ତୁ ବା ବିରୋଧୀ ହୁଅନ୍ତୁ ସମସ୍ତେ ଭାବିବା ଦରକାର କୌଣସି ପକ୍ଷ ସର୍ବକାଳୀନ ନୁହେଁ, 'ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର'– ଏ କଥାର ସହସ୍ର ଉଦାହରଣ ଆମ ଆଖି ଆଗରେ ଅଛି । ୧୯୮୫ ପାର୍ଲିଆମେଣ୍ଟ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ମାତ୍ର ଦୁଇଗୋଟି ଲୋକସଭା ଆସନ ଜିତିଥିଲେ– ସେତେବେଳର ଶାସକଦଳ ତାଙ୍କର ବିରୋଧୀମାନଙ୍କୁ ଯେପରି କଟୁ ଭାଷାରେ କହି ତାଚ୍ଛଲ୍ୟ କହିଥିଲେ ତାହା ମଧ୍ୟ ଇତିହାସ ଭୁଲିନାହିଁ– ତେଣୁ ଆମର ଶାସକ ଓ ବିରୋଧୀ ପକ୍ଷ ଯେତେବେଳେ ପ୍ରତିପକ୍ଷଙ୍କ ପ୍ରତି ଅଶାଳୀନ ଶବ୍ଦ ବ୍ୟବହାର କରୁଛନ୍ତି ସେତେବେଳେ ସେମାନେ ସତର୍କ ହେବା କଥା–

'ଇଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରୀ–

ନିଜ ଭାଗ୍ୟ ଡୋରୀ କାଳ ହସ୍ତେ ତାହା ପକାନ୍ତି ହେଲେ ପାସୋରି।'

ଶବ୍ଦଟିଏ ପାଟିରୁ ଖସିଗଲେ ଆଉ ଫେରେଇ ଆଣିହୁଏ ନାହିଁ– ଯେପରି ତୁଣୀରରୁ ଅସ୍ତ୍ର ଚାଲିଗଲା ପରେ ଯାହା ହୁଏ ଠିକ୍ ସେଇ ଅବସ୍ଥା– ମାତ୍ର ଶବ୍ଦ ଏତେ କ୍ଷତି ସୃଷ୍ଟି କରିପାରେ ଯାହା ହୁଏତ ଅସ୍ତ୍ର କରିବାରେ ଅସମର୍ଥ । ଶବ୍ଦମାନେ ଅପଶବ୍ଦ ପାଲଟିଲେ ତାହା ବିଚାରାଳୟର ଖୋରାକ ପାଲଟେ– ମାନହାନି କେଶ୍‌ର ଫର୍ଦ୍ଦ ଯୋଡ଼ିହୋଇଯାଏ– ଆମ ଦେଶରେ ନ୍ୟାୟାଳୟମାନେ ଏତେ ସଂଖ୍ୟକ ମାମଲାରେ ଭାରାକ୍ରାନ୍ତ ଓ ଅବରୁଦ୍ଧ ଯେ ମାନହାନି ମାମଲା ତାକୁ ଆହୁରି ଜଟିଳ କରାଏ– ଯାହାର ମାନହାନି ହୁଏ ସେ ଭାବୁଥାଏ ମୁଁ ଜୀବନଯାକ ଯାହା ଅର୍ଜିଥିଲି ତାହା ଯେମିତି କ୍ଷଣିକ ଭିତରେ ରସାତଳକୁ ଚାଲିଗଲା– ତେଣୁ ମାନହାନି ମୋକଦ୍ଦମାକୁ ଗୁରୁତ୍ୱହୀନ କହି ଏଡ଼େଇ ଦେଇ ହେବନାହିଁ । ମାତ୍ର ଏଗୁଡିକ କେବଳ ଅଶାନ୍ତି ସୃଷ୍ଟି କରନ୍ତି– ବ୍ୟକ୍ତି ବ୍ୟକ୍ତି ଭିତରେ ଅଶାଳୀନ ମନ୍ତବ୍ୟ ବେଳେବେଳେ ଗୋଷ୍ଠୀ ଗୋଷ୍ଠୀ ଭିତରେ ରାଜ୍ୟ ରାଜ୍ୟ ଭିତରେ ଭାଷାଭାଷା ଭିତରେ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରେ– କେବେ ଦଙ୍ଗାଭଳି ଜଘନ୍ୟ ଅପରାଧ ବି ଘଟେ– ଏଥିପ୍ରତି ସଜାଗ ନ ହେଲେ ବହୁକ୍ଷତିର ସମ୍ଭାବନା ଥାଏ ।

ଗଣତନ୍ତ୍ରର ବିଶେଷତା ହେଲା ସବୁ ଲୋକଙ୍କର ଦୃଷ୍ଟିଭଙ୍ଗୀ ପ୍ରତି ଉଦାର ମନୋଭାବ ପୋଷଣ କରିବା– ଆଲୋଚନା ମାଧ୍ୟମରେ ଲୋକଙ୍କର ସମସ୍ୟାର ସମାଧାନ କରିବା– ସେଥିପାଇଁ ବିଧାନସଭା ବା ପାର୍ଲିଆମେଣ୍ଟକୁ ଗଣତନ୍ତ୍ରର ମନ୍ଦିର ଭାବରେ ଆଖ୍ୟା ଦିଆଯାଇଥିଲା– ଏବଂ ଗଣତନ୍ତ୍ରକୁ ସର୍ବୋଚ୍ଚ ଲୋକଶାସନର ପଦ୍ଧତି ଭାବରେ ଗ୍ରହଣ କରାଯାଇଥିଲା– ମାତ୍ର ଏବେ ଆଲୋଚନା ହେଉନାହିଁ– ଆଲୋଚନା ନ କରେଇ ଦେବାପାଇଁ ବହୁ କୌଶଳ ଅବଲମ୍ବନ କରାଯାଉଛି– ଯଦି ଆମେ ଗଣତନ୍ତ୍ର ପ୍ରେମୀ ତା'ହେଲେ ଆମର ବାକ୍ ସଂଯମର ଆବଶ୍ୟକତା ସର୍ବାଗ୍ରେ– ତା' ନ ହେଲେ ଇତିହାସରେ ଅଳିଆଗଦାକୁ ଆମେ କେତେବେଳେ ଯେ ଅନ୍ତର୍ହିତ ନ ହେବା ସେ କଥା କିଏ କହିପାରିବ?

ଗଣତନ୍ତ୍ରର ବିଶେଷତା ହେଲା ସବୁ ଲୋକଙ୍କର ଦୃଷ୍ଟିଭଙ୍ଗୀ ପ୍ରତି ଉଦାର ମନୋଭାବ ପୋଷଣ କରିବା– ଆଲୋଚନା ମାଧ୍ୟମରେ ଲୋକଙ୍କର ସମସ୍ୟାର ସମାଧାନ କରିବା– ସେଥିପାଇଁ ବିଧାନସଭା ବା ପାର୍ଲିଆମେଣ୍ଟକୁ ଗଣତନ୍ତ୍ରର ମନ୍ଦିର ଭାବରେ ଆଖ୍ୟା ଦିଆଯାଇଥିଲା– ଏବଂ ଗଣତନ୍ତ୍ରକୁ ସର୍ବୋଚ୍ଚ ଲୋକଶାସନର ପଦ୍ଧତି ଭାବରେ ଗ୍ରହଣ କରାଯାଇଥିଲା– ମାତ୍ର ଏବେ ଆଲୋଚନା ହେଉନାହିଁ– ଆଲୋଚନା ନ କରେଇ ଦେବାପାଇଁ ବହୁ କୌଶଳ ଅବଲମ୍ବନ କରାଯାଉଛି– ଯଦି ଆମେ ଗଣତନ୍ତ୍ର ପ୍ରେମୀ ତା'ହେଲେ ଆମର ବାକ୍ ସଂଯମର ଆବଶ୍ୟକତା ସର୍ବାଗ୍ରେ– ତା' ନ ହେଲେ ଇତିହାସରେ ଅଳିଆଗଦାକୁ ଆମେ କେତେବେଳେ ଯେ ଅନ୍ତର୍ହିତ ନ ହେବା ସେ କଥା କିଏ କହିପାରିବ?

(ଶ୍ରୀ ସାହୁ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ)

# ବିଲ୍ୱବରଣ



ପ୍ର. ତୁଷାରକାନ୍ତି ଦାସ

ନିଘୋଡ଼ ନିଦରେ ଶୋଇରହିଥିବ ଯିଏ, ତାକୁ ଉଠେଇବକିଏ ? ମର୍ତ୍ତ୍ୟପୁରରେ ନିଦୁଆ ମଣିଷଙ୍କର ଯଦି ଏପରି ଅବସ୍ଥା ତେବେ ଇନ୍ଦ୍ରପୁରରେ, ସ୍ୱର୍ଗରେ ଦେବଦେବୀଗଣ ଯଦି ଶୋଇଥିବେ ତାଙ୍କ ନିଦୁଆ ଅବସ୍ଥା କିପରି ଥିବ ? ମଣିଷଙ୍କୁ ନିଦରୁ ଉଠାଇବା ଲାଗି ତାଙ୍କ ନାଁ ଧରି ଡ଼ାକିବା, ନ ଉଠିଲେ ବଡ଼ ପାଟିରେ ତାଙ୍କ କାନ ପାଖରେ କହିବା, ତଥାପି ଯଦି ନିଦ ନ ଭାଙ୍ଗିଲା, ତାଙ୍କ ଦେହ ଧରି ହଲେଇ ଦବ । କିନ୍ତୁ ଯଦି ନିଦରୁ ନ ଉଠିଲେ ତେବେ ଭଲ କରି ପାଣି ଢାଳେ ନେଇ ତାଙ୍କ ମୁହଁରେ ଛାଟିଦେଲେ, ଯାଇଁ ତାଙ୍କ ନିଦ ଭାଙ୍ଗିବ। ଦେବ ଦେବୀଙ୍କ କ୍ଷେତ୍ରରେ ଏ ଘଟଣା କିନ୍ତୁ ଭିନ୍ନ । ସେମାନେ ସ୍ୱର୍ଗୀୟଶକ୍ତି ଓ ଅତିମାନସର ବ୍ୟକ୍ତିତ୍ୱ।ସେଠି ପାଟିତୁଣ୍ଡ, ଦୋହଲ୍ଲା କି ପାଣି ଆଞ୍ଜୁଳା କାମ ଦେବନି, କାରଣସେମାନେ ନିଦ୍ରା ଦେବୀଙ୍କ ପ୍ରଚ୍ଛନ୍ନ ଆଡୁଆଳରେ ଥାଆନ୍ତି । ସେଠି ଦୈବୀ ଶକ୍ତିର ଉପଯୋଗ କରି ନିଦ୍ରା ଭଙ୍ଗ କରାଯାଏ । ଭଜନ, ଜଣାଣ, ବନ୍ଦନା ଓ ପୂଜାର୍ଚ୍ଚନା ମାଧ୍ୟମରେ ଦେବଦେବୀଗଣଙ୍କର ନିଦ୍ରାଭଙ୍ଗ କରାଯାଏ ।

ପୌରାଣିକ ତଥ୍ୟ କହେ ଆଷାଢ଼ ମାସରେ ହରିଶୟନ ଏକାଦଶୀ ପରେ ଦେବଦେବୀଗଣ ନିଦ୍ରା ଯାଆନ୍ତି । ଏପରି କିଛିଦିନ ବିତିଗଲା ପରେ ଘନନିଦ୍ରାରୁ ସେମାନଙ୍କୁ ଜାଗ୍ରତ କରିବା ଲାଗି ଭଜନ, ଜଣାଣ, ଜପ ଓ ବନ୍ଦନା କରାଯାଏ । ଜଗତ ଜନନୀ ମା' ଦୁର୍ଗାଙ୍କର ଶାରଦୀୟ ଦୁର୍ଗୋତ୍ସବର ମହାଷଷ୍ଠୀ ଦିନ ବିଲ୍ୱବରଣ କରାଯାଇ ସମସ୍ତ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଏ । ବିଲ୍ୱ ଅର୍ଥାତ୍ ବେଲ ଓ ବରଣ ଅର୍ଥାତ୍ ଆଗମନ ସକାଶେ ପୂଜାର୍ଚ୍ଚନା । ବେଲ ଗଛ ମହାଦେବଙ୍କର ଅତି ପ୍ରିୟ ଓ ତ୍ରିଶାଖା ବେଲପତ୍ର ମହାଦେବଙ୍କ ତ୍ରିଶୂଳ ସମ । ବେଲ ଗଛ ଦେବୀଙ୍କ ଠାରୁ ହିଁ ଜନ୍ମ ନେଇଥିଲା । ଏହାକୁ ଶ୍ରୀବୃକ୍ଷ କୁହାଯାଏ । କନକବର୍ଣ୍ଣା ମା' ଦୁର୍ଗାଙ୍କର ବେଲ ଗଛ ନିତ୍ୟନିବାସ ସ୍ଥଳୀ । ସୁତରାଂ ଏହି ବିଲ୍ୱବରଣ ପୂଜାର୍ଚ୍ଚନା ମାଧ୍ୟମରେ ଦେବୀଙ୍କୁ ମୃଣ୍ମୟ ମର୍ତ୍ତିରେ ବିରାଜମାନ କରିବାକୁ ବୋଧନ ଦ୍ୱାରା ନିମନ୍ତ୍ରଣ କରାଯାଏ । ବେଲଗଛକୁ ନବବସ୍ତ୍ର ପରିଧାନ କରାଇ ଜଳ ଘଟ, ସିନ୍ଦୁର, ପୁଷ୍ପ, ଧୂପ ଦେଇ ଭୋଗରାଗ କରାଯାଏ ।

ବିଲ୍ୱବରଣ ପୂଜା ପରେ ମହାସପ୍ତମୀ ଦିନ ଦେବୀଙ୍କ ପାଖରେ ନବପତ୍ରିକା ପୂଜାରେ ମଧ୍ୟ ବେଲପତ୍ର, କଦଳୀପତ୍ର, ସାରୁ ପତ୍ର, ହଳଦିପତ୍ର, ଦାରୁହରିଦ୍ରା ପତ୍ର, ଯୟନ୍ତି ପତ୍ର, ଅଶୋକ ପତ୍ର ଓ ଧାନପତ୍ର ପ୍ରଭୃତି ନ'ଟି ପତ୍ର ମା'ଦୁର୍ଗାଙ୍କ ଡ଼ାହାଣ ପାଖରେ ଭଗବାନ ଶ୍ରୀଗଣେଶଙ୍କ ପାଖରେ ସ୍ଥାପନ କରାଯାଇ ମନ୍ତ୍ରୋଚ୍ଚାରଣ ପୂର୍ବକ ଏଥିରେ ପ୍ରାଣ ପ୍ରତିଷ୍ଠା କରାଯାଏ । ଏହି ପୂଜା, ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କକୁ ଦର୍ଶାଏ । ଉଦ୍ଭିଦ ଜଗତକୁ ମା'ଙ୍କ ସ୍ୱରୁପରେ ପୂଜା କରି ସମଗ୍ର ସୃଷ୍ଟିର ମଙ୍ଗଳ କାମନା କରାଯାଏ ।

ବିଲ୍ୱବରଣ ନୀତିଦ୍ୱାରା ଦେବଦେବୀ ଗଣ ନିଦ୍ରା ପରିହରି ସୁପ୍ତ ଅବସ୍ଥାରୁ ଜାଗ୍ରତ ହୋଇ ମା'ଦୁର୍ଗାଙ୍କର ଷୋଳ ପୂଜାରେ ସାମିଲ ହୋଇ ଦୁର୍ଗୋତ୍ସବର ଦୁର୍ଗା ମଣ୍ଡପରେ ନିଜ ଆସନ ଅଳଙ୍କୃତ କରନ୍ତି । ବିଶ୍ଳେଷଣ ଅନୁଯାୟୀ ଦୁର୍ଗା ଶବ୍ଦର ଉତ୍ପତ୍ତି ଦ, ଉ, ର, ଗ, ଆ । 'ଦ'ରେ ଦୈତ୍ୟବିନାଶିନୀ, 'ଉ'ରେ ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ସମର୍ଥ, 'ର'ର ଅର୍ଥ ସମସ୍ତ ରୋଗର ବିନାଶକାରୀ, 'ଗ'ର ଅର୍ଥ ସକଳ ପାପର ଯେ କ୍ଷୟକାରୀ, 'ଆ'ର ଅର୍ଥ ସକଳ ଭୟରୁ ଯେ ହରଣକାରୀ । ଶକ୍ତିସ୍ୱରୁପୁଣୀ, ଜଗତ୍‌ଜନନୀ ମା' ଦୁର୍ଗା କେଉଁଠି ଅଷ୍ଟଭୁଜା, ପୁଣି କେଉଁଠି କାତ୍ୟାୟନି । ସେ ଅଭୟଦାୟିନୀ, ଦୁର୍ଗତିନାଶିନୀ । ନବରାତ୍ରି ପୂଜାରେ ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଶମାଣ୍ଡା, ସ୍କନ୍ଦମାତା, କାତ୍ୟାୟନି, କାଳରାତ୍ରି, ମା'ମହାଗୌରୀ ଓ ସିଦ୍ଧଦାତ୍ରୀ ରୂପେ ନବଦୁର୍ଗା ବେଶରେ ପୂଜା ପାଆନ୍ତି ।

ବିଲ୍ୱବରଣ ପୂଜାର୍ଚ୍ଚନାରେ ମହାଷଷ୍ଠୀ ଦିନ ଦେବୀଙ୍କୁ ମୃଣ୍ମୟ ମୂର୍ତ୍ତିରେ ବିରାଜମାନ କରାଇ ମହା ସପ୍ତମୀ, ମହା ଅଷ୍ଟମୀ, ମହା ନବମୀ ଓ



ବିଲ୍ୱବରଣ ପୂଜା ପରେ ମହାସପ୍ତମୀ ଦିନ ଦେବୀଙ୍କ ପାଖରେ ନବପତ୍ରିକା ପୂଜାରେ ମଧ୍ୟ ବେଲପତ୍ର, କଦଳୀପତ୍ର, ସାରୁ ପତ୍ର, ହଳଦିପତ୍ର, ଦାରୁହରିଦ୍ରା ପତ୍ର, ଯୟନ୍ତି ପତ୍ର, ଅଶୋକ ପତ୍ର ଓ ଧାନପତ୍ର ପ୍ରଭୃତି ନ'ଟି ପତ୍ର ମା'ଦୁର୍ଗାଙ୍କ ଡ଼ାହାଣ ପାଖରେ ଭଗବାନ ଶ୍ରୀଗଣେଶଙ୍କ ପାଖରେ ସ୍ଥାପନ କରାଯାଇ ମନ୍ତ୍ରୋଚ୍ଚାରଣ ପୂର୍ବକ ଏଥିରେ ପ୍ରାଣ ପ୍ରତିଷ୍ଠା କରାଯାଏ । ଏହି ପୂଜା, ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କକୁ ଦର୍ଶାଏ । ଉଦ୍ଭିଦ ଜଗତକୁ ମା'ଙ୍କ ସ୍ୱରୁପରେ ପୂଜା କରି ସମଗ୍ର ସୃଷ୍ଟିର ମଙ୍ଗଳ କାମନା କରାଯାଏ ।

ମହା ଦଶମୀର ଯଥାବିଧି ପୂଜାର୍ଚ୍ଚନା ସମାପନ କରି ଜଗତ୍‌ଜନନୀ ମା' ଦୁର୍ଗା ଏକାଦଶୀ ଦିନ ଏ ଧରାପୃଷ୍ଠରୁ ମେଲାଣି ନିଅନ୍ତି । ଦୟାମୟୀ, ମଙ୍ଗଳମୟୀ, କୃପାମୟୀ ମା' ଜଗତ କଲ୍ୟାଣାର୍ଥେ ଧରାବାସୀଙ୍କୁ ଆଶୀର୍ବାଦ ମଣ୍ଡିତ କରାନ୍ତି । କରୁଣାମୟୀଙ୍କ ଅପାର କରୁଣା ଲାଭ କରି ଜଗତ ଧନ୍ୟହୁଏ । ହର୍ଷୋଲ୍ଲାସମୟ ଦୁର୍ଗୋତ୍ସବର ସମାପନ ଘଟେ ।

କନକବଟ, ଶାସ୍ୱତବିହାର,
ଶୈଳଶ୍ରୀବିହାର,ଭୁବନେଶ୍ୱର
ମୋ: ୯୪୩୭୧୩୩୫୩୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚଳିତ...

ଡିକ୍ଟ ହୋଇଥିବା ବେଳେ ଦଳଟି ଇଣ୍ଡିଆ ମେଣ୍ଟରୁ ଅଲଗା ହୋଇଯାଇଛି। ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ଡିଏମ୍‌କେ ତୀବ୍ର ବିରୋଧ କରିଆସିଛି। ଏହା ବ୍ୟତୀତ ନିଜର ସଂଖ୍ୟା ବଢ଼ାଇବା ପାଇଁ ସରକାର କେତେକ ଛୋଟ ଦଳ ସହ ମଧ୍ୟ ଯୋଗାଯୋଗରେ ଥିବା ସୂତ୍ରରୁ ଜଣାପଡ଼ିଛି।

ଅକ୍ଟୋବର ୨୬ ଓ ୨୭ ତାରିଖରେ ସଂସଦ ଭବନର 'ସମ୍ବିଧାନ ସଦନ'ରେ ହେବାକୁ ଥିବା ଦ୍ୱାଦଶ ବ୍ରିକ୍ସ ସଂସଦୀୟ ମଞ୍ଚକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଅଧିବେଶନର ତାରିଖ ନିର୍ଦ୍ଧାରଣ କରାଯିବ। ଅଧିବେଶନ ଡାକିବା ପୂର୍ବରୁ ସରକାର ପ୍ରାୟ ଏକ ସପ୍ତାହର ନୋଟିସ୍ ଦେଇପାରନ୍ତି। ଏହା ପୂର୍ବରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଛାତ୍ର ଆନ୍ଦୋଳନ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ପ୍ରତିବାଦ ଯୋଗୁଁ ମୌସୁମୀ ଅଧିବେଶନରେ ଏହି ବିଲ୍ ଆଗତ କରିବାକୁ ସରକାରଙ୍କ ଉଦ୍ୟମ ସଫଳ ହୋଇନଥିଲା। ଅଗଷ୍ଟ ୧୩ରେ ଶେଷ ହୋଇଥିବା ମୌସୁମୀ ଅଧିବେଶନକୁ ଏଯାଏଁ ଆନୁଷ୍ଠାନିକ ଭାବେ ସମାପ୍ତ ଘୋଷଣା କରାଯାଇନାହିଁ।

ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ସଂସଦର ଉଭୟ ସଦନରେ ଉପସ୍ଥିତ ଓ ଭୋଟ୍ ଦେଉଥିବା ସଦସ୍ୟଙ୍କ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ। ବର୍ତ୍ତମାନ ଏନ୍‌ଡିଏ ପାଖରେ ସଂସଦରେ ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ପ୍ରାୟ ୩୬୦ ଆସନର ଦୁଇ-ତୃତୀୟାଂଶ ଲକ୍ଷ୍ୟ ପୂରଣ କରିବା ପାଇଁ ଆବଶ୍ୟକ ସଂଖ୍ୟା ନାହିଁ। ଲୋକସଭାର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୫୪୦।

ତେବେ ପୂର୍ବ ଅଧିବେଶନ ତୁଳନାରେ ସରକାରଙ୍କ ସ୍ଥିତି କିଛିଟା ମଜବୁତ ହୋଇଥିବା ଦାବି କରାଯାଉଛି। ତୃଣମୂଳ କଂଗ୍ରେସର ୨୦ ଜଣ ଏବଂ ଶିବସେନା (ୟୁବିଟି)ର ୬ ଜଣ ସାଂସଦ ଶାସକ ପକ୍ଷକୁ ଯାଇଥିବା ସୂତ୍ରରୁ ପ୍ରକାଶ। ଏହା ସହ ଏନ୍‌ସିପି (ଶରଦଚନ୍ଦ୍ର ପୱାର)ର ୮ ଜଣ ସାଂସଦଙ୍କ ସମର୍ଥନ ମିଳିବ ବୋଲି ସରକାର ଆଶା ରଖିଛନ୍ତି। ଆସନ ସଂଖ୍ୟାରେ ସର୍ବସାଧାରଣଙ୍କ ପାଇଁ ୫୦ ପ୍ରତିଶତ ବୃଦ୍ଧିର ଗ୍ୟାରେଣ୍ଟି ବିଲ୍‌ରେ ସାମିଲ କରାଗଲେ ସମର୍ଥନ ଦେବା ନେଇ ଦଳର ନେତ୍ରୀ ସୁପ୍ରିୟା ସୁଲେ ପୂର୍ବରୁ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବା କୁହାଯାଉଛି।

## ହରିବାବୁଙ୍କୁ...

ରାଜ୍ୟପାଳଙ୍କ ସଚିବ ରୂପାରୋସନ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପୂର୍ବରୁ ଅକ୍ଟୋବର ୧୪ ତାରିଖରେ ବିଦାୟ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଡକ୍ଟର କମ୍ଭମପାଟି ଓଡ଼ିଶା ପୂର୍ବରୁ ମିଜୋରାମ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ମିଜୋରାମ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୨୪ରୁ ଏପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ରହିଥିଲେ। ନବନିଯୁକ୍ତ ରାଜ୍ୟପାଳ ୧୮ ତାରିଖରେ ଶପଥ ଗ୍ରହଣ କରିବେ। ପୂର୍ବାହ୍ନ ୧୧ରେ ଲୋକଭବନର ନୂଆ ଅଭିଶେକ ହଲରେ ହାଇକୋର୍ଟ ମୁଖ୍ୟବିଚାରପତି ତାଙ୍କୁ ଶପଥପାଠ କରାଇବେ। ଏଥିପାଇଁ ପ୍ରସ୍ତୁତ ହୋଇଛି ନବନିଯୁକ୍ତ ରାଜ୍ୟପାଳ ଆସନ୍ତାକାଲି ଓଡ଼ିଶା ଆସିବେ ବୋଲି ଜଣାପଡିଛି।

## ତ୍ରିରଙ୍ଗା...

ମଧ୍ୟ କନ୍ନଟ ପ୍ଲେସ୍ ଓ ମଣ୍ଡି ହାଉସ୍ ପାଖରେ ଜାତୀୟ ପତାକା ଧରି ପ୍ରତିବାଦ କରିଛନ୍ତି। ଏମାନଙ୍କ ପ୍ରତିବାଦକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୋଲିସ ଅଟକ ରଖିଛି। ମମତା ଉଲ୍ଲେଖ କରିଛନ୍ତି ଯେ ଏହା ହେଉଛି ଅଘୋଷିତ ଜରୁରୀକାଳିନ ସ୍ଥିତି। ସରକାର ଏବେ ଭୟରେ ଏକପିଢ଼ିକୁ ନୀରବ କରିବାକୁ ବସିଛି।

ଗୋଟିଏ ସପ୍ତାହ ମଧ୍ୟରେ ଦୀପକେଙ୍କୁ ଦ୍ୱିତୀୟ ଥର ପାଇଁ ଅଟକ ରଖାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମୟରେ ଭୋଟର ତାଲିକାରେ ହେରଫେର ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ସେ ମୁମ୍ବାଇରୁ ଦିଲ୍ଲୀ ପହଞ୍ଚିବା ପରେ ମଧ୍ୟ ତାଙ୍କୁ ଅଟକ ରଖାଯାଇଥିଲା। ଅକ୍ଟୋବର ୧୩ ତାରିଖରେ ଜନ୍ତରମନ୍ତରରେ ଜାତୀୟ ପତାକା ଧରି ପ୍ରତିବାଦ କରିଥିବା ସିଜେପିର ଦୁଇ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ଗିରଫ କରାଯାଇ ପାଞ୍ଚ ଦିନିଆ ନ୍ୟାୟିକ ହାଜତକୁ ପଠାଯିବା ଘଟଣା ଏହି ରାଲିର ଅନ୍ୟତମ କାରଣ ଥିଲା। ପ୍ରତିବାଦ ସ୍ଥଳ ଭାବେ ଜନ୍ତରମନ୍ତରର ମାନ୍ୟତା ହଟାଯିବାର ଦିନକ ପରେ ସେମାନେ ସେଠାରେ ପ୍ରତିବାଦ କରିଥିଲେ।

ପୁଲିସ ସହ କଥାବାର୍ତ୍ତା ସମୟରେ ଦୀପକେଙ୍କୁ କୁହାଯାଇଥିଲା, "ଆପଣ ନୂଆଦିଲ୍ଲୀ ଯାଇପାରିବେ ନାହିଁ। ଆମେ ଆପଣଙ୍କୁ ଅଟକ ରଖୁଛୁ।" ଏହାର ଜବାବରେ ଦୀପକେ କହିଥିଲେ, "ନୂଆଦିଲ୍ଲୀ ଯାଇପାରିବି ନାହିଁ, ଅନ୍ୟ କେଉଁଠିକୁ ତ ଯାଇପାରିବି। ମୁଁ କେଉଁ ଆଇନ ଭାଙ୍ଗିଛି?" ଏହି ଘଟଣାରେ ଛାତ୍ର ନେତ୍ରୀ ୨୯ ବର୍ଷୀୟ ନେହା ବୋରାଙ୍କୁ ମଧ୍ୟ ଜନ୍ତରମନ୍ତର ନିକଟରୁ ଅଟକ ରଖାଯାଇଛି। କକ୍‌ରୋଚ୍ ଯୁବ ଆନ୍ଦୋଳନର ନେତୃତ୍ୱରେ ପ୍ରତିବାଦ କରିବାକୁ ଉଦ୍ୟମ କରୁଥିବା ଅନେକ ସକ୍ରିୟ କର୍ମୀଙ୍କୁ ଏହି ସପ୍ତାହାନ୍ତରେ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଦୀପକେଙ୍କୁ ଅଟକ ରଖିବା ପୂର୍ବରୁ ଦିଲ୍ଲୀ ପୁଲିସ ତାଙ୍କ ଘରେ ପହଞ୍ଚି ରାଲି ନକରିବାକୁ ନୋଟିସ୍ ଜାରି କରିଥିଲା। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୬୩ ଅନୁଯାୟୀ ଏହି ନୋଟିସ୍ ଦିଆଯାଇଥିଲା। ଏଥିରେ କନଟ୍ ପ୍ଲେସ୍ ଅଞ୍ଚଳରେ ନିଷେଧାଦେଶ ଲାଗୁ ଥିବା ଉଲ୍ଲେଖ କରାଯାଇଥିଲା। ଗାନ୍ଧୀଙ୍କ ଛବି ଥିବା ଧଳା ଟି-ସାର୍ଟ ଓ ଜିନ୍ସ ପିନ୍ଧିଥିବା ଦୀପକେଙ୍କୁ ପୁଲିସ ଏହା ମଧ୍ୟ ସ୍ପଷ୍ଟ କରିଥିଲା ଯେ ଜାତୀୟ ପତାକା ଉଡ଼ାଇବା ବା ଧରିବା ଆଇନବିରୋଧୀ ନୁହେଁ। କିନ୍ତୁ ବିନା ଅନୁମତିରେ ରାଲି କରିବା ଓ ଲୋକଙ୍କୁ ଏକାଠି କରିବା ନିଷେଧାଦେଶର ଉଲ୍ଲଂଘନ ହେବ ଏବଂ ପୁଲିସ ଆଇନ ଅନୁଯାୟୀ ପଦକ୍ଷେପ ନେବ ବୋଲି କୁହାଯାଇଥିଲା। ଜାତୀୟ ପତାକାକୁ ସମ୍ମାନ ଦେବା ସମ୍ପର୍କିତ ପତାକା ସଂହିତାର ନିୟମ ବିଷୟରେ ମଧ୍ୟ ତାଙ୍କୁ ଅବଗତ କରାଯାଇଥିଲା। ପୁଲିସ ନୋଟିସ୍‌ରେ ଥିବା ଅଭିଯୋଗକୁ ଦେଖି ଦୀପକେ ପ୍ରଶ୍ନ କରିଥିଲେ, "ଆପଣ ମୋ ବିରୋଧରେ କି ପ୍ରକାର ଅଭିଯୋଗ ଲଗାଇଛନ୍ତି?" ସେ ନୋଟିସ୍‌ର କାଗଜପତ୍ର ପଢ଼ିବା ସହ ପୁଲିସ କର୍ମଚାରୀଙ୍କୁ ପ୍ରଶ୍ନ କରୁଥିବା ଦୃଶ୍ୟ ଏକ ଭିଡିଓରେ ଦେଖିବାକୁ ମିଳିଛି।

## ଜନ୍ମଦିନରେ...

ରହିଆସୁଛନ୍ତି। ୨୦୦୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୪ ବର୍ଷ ଧରି ଲଗାତାର ରାଜ୍ୟର ମୁଖ୍ୟମନ୍ତ୍ରୀ ରହି ସେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୨୪ରେ ବିରୋଧୀ ଦଳ ନେତା ଭାବେ ସେ କାର୍ଯ୍ୟ ନିର୍ବାହ କରିଆସୁଛନ୍ତି। ୨୦୦୦ରୁ ମଧ୍ୟ ହିଜିଳି ବିଧାନସଭା ଆସନରୁ ଲଗାତାର ଭାବେ ବିଜୟୀ ହୋଇଆସୁଛନ୍ତି। ରାଜନୀତିରେ ପାଦ ଦେବା ସମୟରେ ସେ ପ୍ରଥମେ ୧୯୯୭ରୁ ୨୦୦୦ ପର୍ଯ୍ୟନ୍ତ ଆସ୍କା ଲୋକସଭାରୁ ସାଂସଦ ରହିଥିଲେ। ୧୯୯୮ରୁ ୨୦୦୦ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୨୦୦୦ରେ ଦାୟିତ୍ୱ ନେବା ସମୟରେ ରାଜ୍ୟର ଅର୍ଥନୀତି ଉଜୁଡି ଯାଇଥିଲା। ୧୯୯୯ ମହାବାତ୍ୟାରେ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାରେ ବ୍ୟାପକ ଯକ୍ଷ କ୍ଷତି ହୋଇଥିଲା। ଏକ ଉଜୁଡା ଅର୍ଥନୀତିକୁ ସଜାଡି ରାଜସ୍ୱ ବଳକା ଭାବେ ସେ ଓଡ଼ିଶାକୁ ପରିଗଣିତ କରିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀଙ୍କ କାଳରେ ପ୍ରଥମଥର ପାଇଁ ଶିଳ୍ପାୟନ କ୍ଷେତ୍ରରେ ମୂଲ୍ୟଯୁକ୍ତ ବିନିଯୋଗର ଅଧ୍ୟାୟ ଆରମ୍ଭ ହୋଇଥିଲା। ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ତାଙ୍କର ମଧ୍ୟ ଅନେକ ଅବଦାନ ରହିଛି। ସଡକଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ମନ୍ଦିର ଆଦି ବିକାଶର ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏବେ ବି ତାର ଛାପ ଓଡ଼ିଶାବାସୀ ଅନୁଭବ କରୁଛନ୍ତି। ନବୀନଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସରେ ନେତାମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର, ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଜାତୀୟ ମୁଖପାତ୍ର ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ପ୍ରଶାନ୍ତ ମୁଦୁଲିଙ୍କ ସମେତ ବହୁ ବିଧାୟକ ଓ ସାଂସଦ ନବୀନ ନିବାସ ଯାଇ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସ୍ୱାଗତ କରିଥିଲେ।

## ନିର୍ବାଚନ...

ସେହି ସମୟରେ ଯେଉଁ କଲେଜମାନଙ୍କରେ ଶପଥ ପାଠ ଉତ୍ସବ ବାତିଲ ହୋଇଛି ତାହା ଅନୁଷ୍ଠିତ ହେବ।

ବାଲେଶ୍ୱର, ରାୟଗଡା ସମେତ ବିଭିନ୍ନ ଜିଲ୍ଲାରେ ନିର୍ବାଚନ ପରେ ମଧ୍ୟ କ୍ୟାମ୍ପସ୍‌ରେ ଛକାପଂା ଓ ଉତ୍ତେଜନା ଲାଗି ରହିଛି। ଉତ୍କଳ ସମେତ ଏବିଭିପି ୮୧ ପ୍ରତିଶତରୁ ଅଧିକ କଲେଜରେ ସଫଳ ହୋଇଛି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବହୁ ପୁରୁଣା କଲେଜ ଓ ବିଶ୍ୱବଦ୍ୟାଳୟରେ ବିସିଜେଡି ଫଳାଫଳ ଭଲ କରିଛି। ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏନ୍‌ଏସ୍‌ୟୁଆଇ ତୃତୀୟ ସ୍ଥାନରେ ରହିଛି। ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ୟୁଆଇ ଦ୍ୱିତୀୟ ସ୍ଥାନରେ ରହିଛି। ଏନ୍‌ଏସ୍‌ୟୁଆଇ ପ୍ରାର୍ଥୀଙ୍କ ଅଭିଯୋଗ ଚଞ୍ଚକତା କରି ଏବିଭିପି ଉତ୍କଳ ବିଶ୍ୱବିଦ୍ୟାଳୟକୁ ଆମ ହାତରୁ ଛଡାଇ ନେଲା। ଅଛିଣ୍ଡା ଫଳକୁ ନେଇ ବିଭିନ୍ନ କ୍ୟାମ୍ପସ୍‌ରେ ବିବାଦ ଥମିବାର ନାଁ ଧରୁନି। ପରସ୍ପର ମଧ୍ୟରେ ଛକାପଂା ଲାଗି ରହିଛି।

ନିର୍ବାଚନ ପୂର୍ବରୁ ସବୁ ସଙ୍ଗଠନ ଇସ୍ତାହାର ଘୋଷଣା କରିଥିଲେ। ଏବିଭିପି ଛାତ୍ର ସଂସଦ ନିର୍ବାଚନରେ ରାଜ୍ୟରେ ପ୍ରଥମ ସ୍ଥାନରେ ଥିବାବେଳେ ଇସ୍ତାହାର ପୂରଣ କରିବା ଚାଲେଞ୍ଜ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଛାଡିଲେ ବିଭିନ୍ନ ଦଳର ଦାମୀ ନେତା ନିଜ ଜିଲ୍ଲାରେ ଗଡ ରଖିପାରି ନାହାନ୍ତି। ହେଲେ ରାଜ୍ୟରେ ଏବିଭିପି ଭଲ କରିଥିବାରୁ ଶାସକ ଦଳ ନେତାମାନେ ନିର୍ବାଚିତ ଛାତ୍ର ନେତାମାନଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଛନ୍ତି। ଯେଉଁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଣଛାତ୍ରମାନେ ପଶି ଗଣ୍ଡଗୋଳ ଭିଆଉଥିଲେ ସେ ସମ୍ପର୍କରେ ଏତଲା ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପରସ୍ପରକୁ...

ଅଭିନନ୍ଦନ। ଛାତ୍ର ଛାତ୍ରୀଙ୍କ ଆଶା ଆକାଂକ୍ଷା ତଥା ସେମାନଙ୍କ ସ୍ୱରକୁ ସମ୍ମାନ ଜଣାଇ ନିଜ ନିଜର ଦାୟିତ୍ୱକୁ ତୁଲାଇବେ ବୋଲି ମୋର ପୁନଃ ବିଶ୍ୱାସ। କ୍ୟାମ୍ପସରେ ଶୃଙ୍ଖଳା, ସୈଖୀକ ବାତାବରଣ, ଏକତା, ସୁସ୍ଥ ଗାଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନରେ ଅଗ୍ରଣୀ ଗ୍ରହଣ କରନ୍ତୁ।

ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆରେ ଛାତ୍ର ସାଂସଦ ନିର୍ବାଚନରେ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଓଡ଼ିଶାର ଜେଏନଜି, ଯୁବ ଓ ଛାତ୍ର ଶକ୍ତିଙ୍କ ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି। ଛାତ୍ର ସାଂସଦ ନିର୍ବାଚନକୁ ଅନ୍ୟାୟ ଓ ଅସାଧୁ ଉପାୟରେ ଜିତିବା ପାଇଁ କ୍ଷମତାଶୀନ ସରକାରର ଚକ୍ରାନ୍ତ ବିରୋଧରେ ଦୃଢ଼ତାର ସହ ଲଢ଼ିଥିବା ବିସିଜେଡି ତଥା ବିଜେଡିର ସମସ୍ତ ନେତାମାନଙ୍କୁ ସାଧୁବାଦ ଜଣାଉଛି। କଲେଜରେ ସୈଖିକ ବାତାବରଣକୁ ବଜାୟ ରଖି ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସମସ୍ତେ ଏ କୋହଇ ଆଗେଇ ଆସନ୍ତୁ। ଆପଣମାନେ ପ୍ରକୃତ ଜେଏମଜି ବୋଲି ନବୀନ ସମ୍ବର୍ଦ୍ଧିତ କରିଛନ୍ତି।


### ZILLA SWASTHYA SAMITI
District Programme Management Unit (NHM)
DHH, Anugola

10001/645/2627

NOTICE INVITING PROPOSAL

TENDER CALL NOTICE FOR SUPPLY OF NUTRITIONAL KIT TO THE TB PATIENTS

Adv. No. 1089 Date: 16.10.2026

Sealed tenders are invited for supply of Nutritional Kit for the TB Patients of Anugola district under NTEP, ZSS, Anugola. Details regarding eligibility criteria, terms & conditions, and the formats of submission of tender (Technical & Price bid) are mentioned in the tender document, which may be downloaded from the website: https://Anugola.odisha.gov.in.The tenders should reach the office of the undersigned by 03.11.2026 (till 11.00 AM). The Tenders will be opened at 11.30 AM on 03.11.2026. The undersigned reserves the right to reject any or all the tenders without assigning any reason thereof.

Sd/- Chief District Medical & Public Health Officer, Anugola

OIPR : 10001/10142/1/26-27/0014

### OFFICE OF THE CHIEF CONSTRUCTION ENGINEER POTTERU IRRIGATION PROJECT
BALIMELA, DIST:- MALKANGIRI, PIN-764051

32001/1070/2627 E-mail id: - ccepottcni 123eru@gmail.com

e- PROCUREMENT NOTICE No-CCE-PIP-BML-12/2026-27

| | | |
|---|---|---|
| 1 | No. of works | 01 (One) no. |
| 2 | Value of work | Rs.6935.32 Lacs (Excluding GST). |
| 3 | Bid Security/EMD | Rs.69,35,400/-. |
| 4 | Class of contractor | "Super" Class |
| 5 | Period of completion | 26 (Twenty Six) Calendar month including rainy season |
| 6 | Type of contract | Percentage Rate (Double cover) |
| 7 | Cost of Tender paper | Rs. 10,000/-(Non-refundable) |
| 8 | Availability of Tender online for bidding | From 10.00 Hrs. on 21.10.2026 to 17.30 Hrs of 10.11.2026 |
| 9. | Date & Time of Pre-bid Conference | On 27.10.2026 at 11.30 A.M. in office of the Chief Construction Engineer, Potteru Irrigation Project, Balimela, Dist : Malkangiri |
| 10. | Date & time of online bid submission | From 10.00 Hrs on 21.10.2026 to 17.30 Hrs on 10.11.2026 |
| 11. | Date & Time of opening of Technical Bid | 11.30 Hrs on 11.11.2026 in Office of the Chief Construction Engineer, Potteru Irrigation Project, Balimela, Dist : Malkangiri. |
| 12. | Date & Time of opening of Financial Bid | To be intimated to the qualified Bidder(s) after aporoval of Technical Bid. |

Further details can be seen from the Govt. website www.tendersodisha.gov.in/www.dowrodisha.gov.in. Addendum/Corrigendum/ Cancellation if any required will be published in Govt. website only.

Sd/- Chief Construction Engineer Potteru Irrigation Project, Balimela

OIPR : 32001/32052/1/26-27/0023

### OFFICE OF THE C.D.M. & PHO-CUM-DISTRICT MISSION DIRECTOR, JAJPUR

10001/647/2627

TENDER CALL NOTICE

Notice No.484/ Date: 16-10-2026

Sealed tenders are invited from registered agencies dealing in specific goods / items for empanelment and supply ol Foods Items to the office of the undersigned for a period of one year as and when required within a stipulated time frame as per the supply order.

The detail regarding bidding format, terms and conditions may be downloaded from the district website i.e. www.jajpur.odisha.gov.in.. The tenders should reach the office of the undersigned by 06-11-2026. (till 5.00 PM) through speed post, registered post & Courier only. The undersigned reserves all rights to cancel any or all the tender at any stage of selection/finalization process without assigning any reason thereof. Any typographical error may be exempted.

Sd/- C.D.M.&PHO cum District Mission Director, Jajpur.

### OFFICE OF THE C.D.M. & PHO-CUM-DISTRICT MISSION DIRECTOR, JAJPUR

TENDER CALL NOTICE

Notice No.484/ Date: 16-10-2026

Sealed tenders are invited from registered agencies dealing in specific goods / items for empanelment and supply of Foods Items to the office of the undersigned for a period of one year as and when required within a stipulated time frame as per the supply order.

The detail regarding bidding format, terms and conditions may be downloaded from the district website i.e. www.jajpur.odisha.gov.in.. The tenders should reach the office of the undersigned by 06-11.2026. (till 5.00 PM) through speed post, registered post & Courier only. The undersigned reserves all rights to cancel any or all the tender at any stage of selection/finalization process without assigning any reason thereof. Any typographical error may be exempted.

Sd/- C.D.M.&PHO cum- District Mission Director, Jajpur.

OIPR : 10001/10042/1/26-27/0009

### OFFICE OF THE PANCHAYAT SAMITI, SUKINDA, JAJPUR.

19001/300/2627

No. 4138 Date. 15.10.2026

"e" Procurement Notice

BID Identification No. 02 SUKINDA 2026-27

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary Documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction work as mentioned in DTCN |
| 2 | No. of works | 08 nos. |
| 3 | Estimated Cost | As per Annexure |
| 4 | Period of Completion | 3 Months. |
| 5 | Date & Time of availability of Bid documents in the Portal | 22.10.26 at 10.00 A.M. to 31.10.26 up to 5.00P.M. |
| 6 | Last date & time for receipt of bids in the portal | 02.11.26 up to 05:00 P.M. |
| 7 | Bids received online shall be opened on | 03.11.26 at 11:30 A.M. |
| 8 | Name and address of the officer inviting Bid | Block Development Officer, Sukinda, Jajpur |

Further details can be seen from the procurement portal i.e. www.tendersodisha.gov.in

OIPR : 19001/19325/1/26-27/0002

### AFFIDAVIT

By Virtue of an affidavit No. 7894 on dated 09.10.2026 sworn before Executive magistrate, Balasore, I hereby declared that, I am Meeta Mohanty , W/o- Gagan Bihari Mohanty, At/Po/PS- Sahadevkhunta, Dist- Balasore- 756001,declared that I have change my name from Meeta Mohanty to Meeta Pattanayak. Hence forth I shall be known as Meeta Pattanayak instead of Meeta Mohanty for all purpose.

Sd/- Meeta Pattanayak
Date 09/10/2026

### GOVERNMENT OF ODISHA
OFFICE OF THE SUPERINTENDING ENGINEER
RWSS MECHANICAL DIVISION, BHUBANESWAR
PLOT NO. D-2/24 MANCHESWAR INDUSTRIAL ESTATE
BHUBANESWAR-751010

E-Mail ID: eemrwssbbsr9@gmail.com

32001/1071/2627

NOTICE

No. 19 Dated 15/10/2026

Sealed Quotations/Tenders are invited for providing 1 (One) No. of Electric driven (EV) Commercial Light Vehicle [TATA/ Mahindra/Maruti - Xpress T/Nexon/XUV400/e-Vitara/Punch or similar model or better] on monthly hiring basis for the official use under Superintending Engineer, RWSS Mechanical Division, Bhubaneswar. Detailed terms and conditions and tender documents may be obtained from the office of the undersigned or can be downloaded from the official website odisha.gov.in

Sd/- Superintending Engineer RWSS Mechanical Division, Bhubaneswar

OIPR : 32001/32528/1/26-27/0016

### AFFIDAVIT

By virtue of an affidavit sworn before the Executive Magistrate Baripada, Dist-Mayurbhanj. I, Dama Bagal, Aged (34), S/o- Late Mukunda Bagal, Resident of At-Jamuna, Po-Bireswarpur, Ps-Badasahi, Dist-Mayurbhanj, Odisha, Pin-757075, declare that this affidavit no. 09, dated. 01.10.2026. My son's actual name is Dibyanshu Bagal which is mentioned in his birth certificate vide Regd No. 11283/2017 dt. 20/12/2017 but in his Aadhar card vide No. 3385-8570-0056, his name has been wrongly mentioned as Dibyansu Singh instead of Dibyanshu Bagal. So, I have changed my son's name from Dibyansu Singh to Dibyanshu Bagal. Henceforth, he shall be known as Dibyanshu Bagal for all purposes.

Sd/- Dama Bagal

### GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH

25001/1349/2627 Notice No. 3956 Date : 06/10/2026

The 1st Corrigendum to Bid Identification No. DMGH/Online-06 of 2026-27 & DMGH / Online-07 of 2026-27
1. The Details of corrigendum as table below.

Email : rw_dhamagarh@yahoo.com

As per tender notice

| Procurement Officer | Bid Identification No. | Availability of Tender on lien for bidding | | Last date & time of seeking tender clarifiation | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E, R.W.Division, Dharmagarh | DMGH/Online-06/ 2026-27 DMGH/ Online-07/2026-27 | 07.10.2026 At 11.00 AM | 23.10.2026 Up to 5.00 PM | 22.10.2026 Up to 5.00 PM | 26.10.2026 11.00 AM |

As per 1st corrigendum

| Procurement Officer | Bid Identification No. | Availability of Tender on lien for bidding | | Last date & time of seeking tender clarifiation | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E, R.W.Division, Dharmagarh | DMGH/Online-06/ 2026-27 DMGH/ Online-07/2026-27 | 28.10.2026 At 11.00 AM | 09.10.2026 Up to 5.00 PM | 07.11.2026 Up to 5.00 PM | 10.11.2026 11.00 AM |

All other terms and conditions are remain in change.

Yours faithfully
Sd/- Superintending Engineer
Rural Works Division, Dharmagarh

OIPR : 25001/25100/1/26-27/0007

### GOVERNMENT OF ODISHA
Office of the Superintending Engineer, Kanupur Rehabilitation, Camps & Building Division.
AT/PO-Basudevpur, Dist. Keonjhar, PIN 758047

32001/1073/2627

e-PROCUREMENT NOTICE

Bid Identification No. SE, KRC & BD - 24/2026-27

Email-eekrcbdbasudevpur@gmail.com

| Sl. No. | Name of work | Aprox. value of work (Rs. in lakh) | E.M.D./Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Comple-tion | Class of Contra-ctor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Sinking of 03 nos. 125/100 mm dia Tube Well through DTH rig at Bhangabandha & Nardapur Majhi Sahi cluster for the DPs of village Remenshapur (ka) of KIP." | 4.97 | 5,000.00 | 2,000.00 | 01 (One) Calendar Month | "D" & "C" | Kunupur Reh. Camps & Building Division, At/PO : Basudevpur, Dist : Keonjhar |
| 02 | "Sinking of 03 nos. 125/100 mm dia Tube Well through DTH rig at Kalhahundula Cluster for the DPs of village Murusuan of KIP". | 4.98 | 5,000.00 | 2,000.00 | 01 (One) Calendar Month | "D" & "C" | Kunupur Reh. Camps & Building Division, At/PO : Basudevpur, Dist : Keonjhar |

| Procurement Officer | Bid Identificaiton No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C. & B. Division, Basudevpur, Dist - Keonjhar | SE,KRC & BD-24/ 24/2026-27 | 22.10.26 From 10.00 Hours | 31.10.26 Up to 17.00 Hours | 02.11.26 | 11.00 Hours | O/o the Superintending Engineer Kanupur Reh. C & B Division, Basudevpur, Dist-Keonjhar |

Sd/- Superintending Engineer, Kanupur Reh. C & B Division, Basudevpur

OIPR : 32001/32053/1/26-27/0008

### STATE BANK OF INDIA OFFICERS' MULTI-PURPOSE CO-OPERATIVE SOCIETY ODISHA LIMITED, KATAKA -2.
C/O- S.B.I., KATAKA - 753 002, PH. (0671) 2368114

All Letters to be addressed to the Secretary.
Regn. No. 1787 CU Date 11.02.74
Registered under O.C.S. Act 1962
(Article 2 of 1963)KATAKA

Ref. No. SUP/CO-OP/53/07/2026-27 Date:13.10.2026

NOTICE

In terms of Section 29 of O.C.S. Act 1962 & Clause No. 32 of the Society's Registered Bye-laws, the 43rd Annual General Body Meeting of the S.B.I. Officers' Multi-Purpose Co-operative Society Odisha Ltd., Katakawill be held on 15.11.2026(Sunday) atTHEINSTITUTION OF ENGINEERS(INDIA), IN FRONT OF RED CROSS BHAVAN, UNIT- IV SQUARE, BHUBANESWAR at 10 A.M. to transact the following business.

All the shareholders of our Society are cordially invited to attend the said meeting positivelyon the above date, time and place to transact the business of the society as per the agenda.

(Naba Kishore Sahoo)
Secretary
Mob.No. 7735781118

AGENDA

1. Confirmation of the proceedings of the last Annual General Body Meeting held on 19.10.2025.
2. Adoption of Secretary's Report.
3. Discussion of Audit Report of the Society for the year 2023-24 and distribution of profit according to the provisions of O.C.S. Act, Rules and Bye-laws of the Society.
4. Adoption of Estimated Budget for the year 2026-27 & approval of income & expenditure for the year 2025-26.
5. Appointment of Auditor for the FY 2026-2027
5. Any other business, with permission of the Chair.

Memo No. 53/08/2026-27 Dt.13.10.2026

Copy communicated to all members of S.B.I. Officers' Multi-Purpose Co-operative Society Odisha Ltd., Kataka for information and necessary action.

Secretary

Memo No. 53/09/2026-27 Dt.13.10.2026

Copy to Notice Board of the Society for information of all concerned.

Secretary

### ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି

ପୋଷ୍ଟ/ଜିଲ୍ଲା : ମାଲକାନଗିରି : ୭୬୪୦୪୮
ଦୂରଭାଷ ସଂଖ୍ୟା : ୦୬୮୦୧-୨୩୦୪୦୯
ଫ୍ୟାକ୍ସ ସଂଖ୍ୟା : ୦୬୮୦୧-୨୩୦୨୨୯
ଇ-ମେଲ : ori-dmalkangiri@nic

ପତ୍ର ସଂଖ୍ୟା : ୫୧୬୪/XXXIX-୧୪୨/୨୬, ଭିବି-ଜୀ-ରାମଜୀ ତା. ୧୬.୧୦.୨୦୨୬ ରିଖ

ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) ୨୦୨୬, ମାଲକାନଗିରି ଜିଲ୍ଲା

ସଂସଦ ଦ୍ୱାରା ଏକ ଐତିହାସିକ ଆଇନ – "ବିକଶିତ ଭାରତ – ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) (VB-G RAM G Act, 2025)" ପାସ୍ କରାଯାଇଛି, ଯାହା "ବିକଶିତ ଭାରତ @2047 ଏବଂ ବିକଶିତ ଓଡ଼ିଶା @2036" ଜାତୀୟ ଦୃଷ୍ଟିକୋଣ ସହ ସମନ୍ୱିତ ଅଟେ ଏବଂ ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (MGNREGA) କୁ ପରିବର୍ତ୍ତନ କରାଯାଇଅଛି।

ଏହି ଆଇନର ଲକ୍ଷ୍ୟ ହେଉଛି ଗ୍ରାମୀଣ ରୋଜଗାରକୁ ଆହୁରି ଶକ୍ତିଶାଳୀ କରିବା, ଆଜୀବିକାର ବିବିଧୀକରଣକୁ ପ୍ରୋତ୍ସାହନ ଦେବା ଏବଂ ସାମାଜିକ-ଆର୍ଥିକ ସଶକ୍ତିକରଣକୁ ବୃଦ୍ଧି କରିବା, ଯାହା ଏକ ଅଧିକାର-ଭିତ୍ତିକ ଢାଞ୍ଚା ମାଧ୍ୟମରେ ନିଶ୍ଚିତ ଦରମା ଭିତ୍ତିକ ରୋଜଗାର ଏବଂ ସ୍ଥାୟୀ ଆଜୀବିକା ସୁଯୋଗ ପ୍ରଦାନ କରିବ। ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ବଳିଷ୍ଠ ପଦକ୍ଷେପ ଯାହା ଗ୍ରାମୀଣ ଭାରତରେ ସମୃଦ୍ଧି ଏବଂ ସାମାଜିକ ନୂତନ ଦ୍ୱାର ଖୋଲିବ। ଏହା ସଶକ୍ତିକରଣ, ବିକାଶ, ଅଭିମୁଖୀକରଣ (convergence) ଏବଂ ପରିପୂର୍ଣ୍ଣତାର (saturation) ଦୃଢ଼ ସ୍ତମ୍ଭ ଉପରେ ପର୍ଯ୍ୟବେସିତ।

ଚଳିତ ୨୦୨୬-୨୭ ବର୍ଷରେ ଜିଲ୍ଲାର ୧୧୧ ଗୋଟି ପଞ୍ଚାୟତରେ ଭିବି-ଜୀ-ରାମଜୀ କାର୍ଯ୍ୟ ଚାଲୁଅଛି ଏବଂ ଦିନକୁ ହାରାହାରି ୩୦୨ ଜଣ ଲୋକ ପ୍ରତ୍ୟେକ ପଞ୍ଚାୟତରେ ନିୟୋଜିତ ହୋଇଛନ୍ତି। ଅଦ୍ୟାବଧି ୬୪୭୫୨୮ ଦିନର ଅଣକୁଶଳୀ କାର୍ଯ୍ୟ ଯୋଗାଇ ଦିଆଯାଇଛି ଏବଂ କାର୍ଯ୍ୟ କରିଥିବା ଜବକାର୍ଡଧାରୀଙ୍କୁ ଅର୍ଥ ବାବଦକୁ ୧୭୮୦.୦୮ ଲକ୍ଷ ଟଙ୍କା ପରିଶ୍ରମିକ ବ୍ୟାଙ୍କ ଖାତାକୁ ପଠାଯାଇଛି। ସର୍ବମୋଟ ୧୯୮୧.୭୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଚଳିତ ୨୦୨୬-୨୭ ବର୍ଷରେ ୭୫୬୧ ଜଣଙ୍କୁ ନୂଆ ଜବକାର୍ଡ ଯୋଗାଇ ଦିଆଯାଇଛି ଏବଂ ୧୧୯୬୪୭ ଜଣ ମୋଟ ସକ୍ରିୟ ଜବକାର୍ଡ ଧାରୀ ଭିବି-ଜୀ-ରାମଜୀ ଯୋଜନାରେ କାର୍ଯ୍ୟ କରୁଛନ୍ତି ଏବଂ ଯୋଜନାରେ ଚଳିତ ବର୍ଷରେ ସର୍ବମୋଟ ୨୨୩୦ ଗୋଟି ପ୍ରକଳ୍ପ ଅନୁମୋଦନ ହୋଇଛି। ଭିବି-ଜୀ-ରାମଜୀ ଯୋଜନାରେ ଗାଈ ଗୁହାଳ, ରାସ୍ତା, ଚେକଡ୍ୟାମ, ଫିଲ୍ଡ ଚାନେଲ, ଖେଳପଡିଆ, କିଆ ଖତ, ଆମ୍ବ ବଗିଚା, ଷ୍ଟାଗ୍ରେଡ ଟ୍ରେଞ୍ଚ ପଥର ବନ୍ଧ ଆଦି କାର୍ଯ୍ୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି। ଏହି ଯୋଜନାକୁ ସଫଳ ରୂପେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ।

ସ୍ୱା/- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ମାଲକାନଗିରି

### GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER MECHANICAL DIVISION AT/PO-KHATIGUDA, DIST-NABARANGPUR, PIN-764085

32001/1067/2627

e-mail id- exengeer123@gmail.com

PAPER PUBLICATION NOTICE

e-Tender Call Notice No.: - EEMDK-03/2026-27, Dated: -13.10.2026

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Deployment of security personnel at different vital points of Mechanical Division Upper Indravati Dam Circle, Khatiguda for seven calendar months/ 212 days. |
| 2. | No. of Works | 01 (One) Number |
| 3. | Estimated cost | Rs. 61,19,465/- (Excluding GST) |
| 4. | Eligibility of the bidders | Registered & licensed security service agencies as per Detail Tender Call Notice. |
| 5. | Period of completion | 212 (Two Hundred Twelve) Days |
| 6. | Date of Clarification | 21.10.2026 to 31.10.2026 Only During Office Hour |
| 7. | Time for receipt of bid in the portal | From 21.10.2026 (11.00 A.M) to 04.11.2026 (up to 5.00 P.M) |
| 8. | Date & place of opening of the bids on-line | 05.11.2026 (11:00 A.M) O/o The Executive Engineer, Mechanical Division, At/Po: Khatiguda, District: Nabarangpur, Pin- 764085, Odisha |
| 9. | Name and address of the Tender Inviting Authority (TIA) | Executive Engineer Mechanical Division. At/Po: Khatiguda, District: Nabarangpur, Pin- 764085, Odisha |

Further details can be seen from the e-procurement portal http://tendersodisha.gov.in

Sd/- Executive Engineer Mechanical Division Khatiguda

OIPR : 32001/32511/1/26-27/0001


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮।



ପୂର୍ବତନ ପ୍ରଶାସନିକ ଅଧିକାରୀ ଓ ସ୍ତମ୍ଭକାର ନିରଞ୍ଜନ ସାହୁଙ୍କୁ ଦିଲ୍ଲୀ ଉତ୍କଳ ଅସ୍ମିତା ପକ୍ଷରୁ ଏହାର ସଭାନେତ୍ରୀ ଡାକ୍ତର ଅନିତା ପଣ୍ଡା, ବିଶିଷ୍ଟ ଲେଖକ ପ୍ର. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ 'ସମୟ'ର ମୁଖ୍ୟ ସମ୍ପାଦକ ଡ଼ଃ. ଗୁରୁକଲ୍ୟାଣ ମହାପାତ୍ର ଓ ଲେଖିକା ଡ଼ଃ ବାସନ୍ତୀ ମହାନ୍ତି ଭୁବନେଶ୍ୱରରେ ସମ୍ମାନିତ କରୁଛନ୍ତି।

## ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ 'ଗର୍ବା ଗ୍ଲୋ' ଉତ୍ସବ

# ଭାରତୀୟ ପରମ୍ପରା ଓ ସଂସ୍କୃତି ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟ

କଟକ, (ସବ୍ୟୁ): କଟକ ମିଶନ୍ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ପ୍ରଥମ ଥର ପାଇଁ ନବରାତ୍ରି ଉପଲକ୍ଷେ 'ଗର୍ବା ଗ୍ଲୋ' ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସ୍ୱର୍ଣ୍ଣପଦକ ବିଜୟିନୀ ଗୀତା ମହାନ୍ତି ଯୋଗଦେଇଥିଲେ। ଆଜିର ଛାତ୍ରଛାତ୍ରୀଙ୍କୁ ଭାରତୀୟ ସଂସ୍କୃତି, ପରମ୍ପରା ଓ ପୌରାଣିକ ବିଷୟବସ୍ତୁ ସହ ପରିଚିତ କରାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରଙ୍ଗବେରଙ୍ଗର ପାରମ୍ପରିକ ପୋଷାକ, ସଙ୍ଗୀତ ଓ ଗର୍ବା ନୃତ୍ୟରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏସ୍.ବି. ମହିଳା ମହାବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ଇନର୍ ହ୍ୱିଲ୍ କ୍ଲବ୍ ଓ ଲେଡିଜ୍ କ୍ଲବ୍‌ର ସଦସ୍ୟାମାନେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବ ଭାରତୀୟ ସଂସ୍କୃତି, ପରମ୍ପରା ଓ ସାଂସ୍କୃତିକ ଏକତାର ବାର୍ତ୍ତା ବହନ କରିଥିଲା।



ବିଭିନ୍ନ କଲେଜ ଛାତ୍ର ସଂସଦର ନିର୍ବାଚିତ ପ୍ରତିନିଧିମାନେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଉଛନ୍ତି।

## ସଫଳ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗ

# ସଂକଳ୍ପପତ୍ର ଆଧାରରେ ଛାତ୍ରମାନଙ୍କ ଦୀର୍ଘଦିନର ଦାବି ପୂରଣ କରିଛି ବିଜେପି : ବିଂଚି

ଭୁବନେଶ୍ୱର, (ସବ୍ୟୁ): ଗତ ବିଜେଡି ସରକାର ଅମଳରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିଲା। ଛାତ୍ର ସମାଜ ଭିତରୁ ନେତୃତ୍ୱ ବିକାଶର ବାଟକୁ ବନ୍ଦ କରି ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିଥିଲେ ପୂର୍ବତନ ବିଜେଡି ସରକାର। ଏନେଇ ଭାରତୀୟ ଜନତା ପାର୍ଟି ଗତ ନିର୍ବାଚନ ସମୟରେ ତାର ସଂକଳ୍ପ ପତ୍ରରେ ସଂକଳ୍ପ ନେଇଥିଲା ଯେ, ଭାରତୀୟ ଜନତା ପାର୍ଟି ଯେତେବେଳେ ଓଡ଼ିଶାବାସୀଙ୍କର ସେବା କରିବା ପାଇଁ ସୁଯୋଗ ପାଇବ, ସେତେବେଳେ ଛାତ୍ର ସଂସଦର ନିର୍ବାଚନ କରିବ। ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସରକାର ଆସିଲା ପରେ ଉକ୍ତ ସଂକଳ୍ପପତ୍ର ଆଧାରରେ ଛାତ୍ରମାନଙ୍କ ଦୀର୍ଘଦିନର ଦାବି ପୂରଣ କରିଛି। ସେମାନଙ୍କୁ ତାଙ୍କ ଅଧିକାର ପ୍ରଦାନ କରାଯାଇଛି। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁନର୍ବାର ସଫଳତାର ସହ ଛାତ୍ର ସଂସଦ ନିର୍ବାଚନ ଗତକାଲି ସଂପୂର୍ଣ୍ଣ ହୋଇଛି। ଏହା କେବଳ ମହାବିଦ୍ୟାଳୟର ନିର୍ବାଚନ ନୁହେଁ, ବରଂ ଏହା ହେଉଛି ପ୍ରକୃତ ଗଣତନ୍ତ୍ରର




ବିଜୟ ଏବଂ ରାଜ୍ୟର ଛାତ୍ର ସମାଜର ବିଜୟ। ଏହି ସଫଳ ନିର୍ବାଚନ ରାଜ୍ୟର ଛାତ୍ର ସମାଜ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଆଶା ସଂଚାର କରିଛି। ନିର୍ବାଚିତ ହୋଇଥିବା ସମସ୍ତ ଛାତ୍ର ପ୍ରତିନିଧିଙ୍କୁ ବିଜେପିର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। କ୍ୟାମ୍ପସଗୁଡ଼ିକରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗଠନର ଏହି ମହାନ ପରମ୍ପରାକୁ ପୁନର୍ଜୀବିତ କରିଥିବାରୁ ରାଜ୍ୟ ବିଜେପି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ଅନ୍ତରରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଏହି ନିର୍ବାଚନ କେବଳ ଏକ ପ୍ରକ୍ରିୟା ନ ଥିଲା ବରଂ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଥିଲା ଏକ ମହାନ ଗଣତାନ୍ତ୍ରିକ ପର୍ବ। ଆଜିର ଛାତ୍ର କାଲି ନେତୃତ୍ୱ ନେବ। ସେମାନେ ଓଡ଼ିଶାର ଓ ଭାରତବର୍ଷର ଭବିଷ୍ୟତ। ସେହି ନେତୃତ୍ୱ ନେବାର ଶିକ୍ଷା ଛାତ୍ର ସଂସଦ ନିର୍ବାଚନରୁ ମିଳିଥାଏ ଏବଂ ଛାତ୍ର ସଂସଦ ନିର୍ବାଚନରୁ ବିଜୟୀ ହେଲା ପରେ କଲେଜର ବା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟମାନଙ୍କର ବିକାଶରେ ମଧ୍ୟ ସେମାନେ ସହଭାଗୀ ହେଇଥାନ୍ତି। ଛାତ୍ରମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ସେମାନେ ସବୁବେଳେ ଚେଷ୍ଟା କରିଥାନ୍ତି। ସେ କାର୍ଯ୍ୟ ଦୀର୍ଘଦିନ ହେବ ବନ୍ଦ ଥିଲା। ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଗଠନ ଏବଂ ଗଣତନ୍ତ୍ରର ମୂଲ୍ୟବୋଧକୁ ପୁନର୍ଜୀବିତ କରିଥିବାରୁ ରାଜ୍ୟ ବିଜେପି ପକ୍ଷରୁ ପୁନର୍ବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କୁ ଶ୍ରୀ ତ୍ରିପାଠୀ ଅନ୍ତରରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ଯେଉଁଭଳି ଭାବେ ରାଷ୍ଟ୍ରବାଦୀ ଛାତ୍ର ସଂଗଠନ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ବା ଏବିଭିପି ସମଗ୍ର ଓଡ଼ିଶାରେ ବିପୁଳ ବିଜୟ ହାସଲ କରିଛି, ସେଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଆଜିର ଯୁବପିଢ଼ି ରାଷ୍ଟ୍ରବାଦ, ବିକାଶ ଏବଂ ସକାରାତ୍ମକ ଚିନ୍ତାଧାରା ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି। ଏହି ନୂତନ ନେତୃତ୍ୱଗଣ ଛାତ୍ରସମାଜର ସମସ୍ୟା ସମାଧାନ ଏବଂ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଶ୍ରୀ ତ୍ରିପାଠୀ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଓ ଶ୍ରୀ ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

# ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ଦାଣ୍ଡିଆ ଉତ୍ସବ

କଟକ, (ସପ୍ର): କଟକ ସ୍ଥିତ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ଏଲ୍.କେ.ଜି.,ୟୁ କେ.ଜି., ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର କୁନି କୁନି ପିଲାମାନଙ୍କୁ ନେଇ ଆନନ୍ଦ ଓ ଉଲ୍ଲାସର ସହ ଡାଣ୍ଡିଆ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ଶିଶୁମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା। ରଙ୍ଗବେରଙ୍ଗର ଗୁଜରାଟୀ ପାରମ୍ପରିକ ପୋଷାକରେ ସଜ୍ଜିତ ଶିଶୁମାନଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇଉଠିଥିଲା। ଶିକ୍ଷକ-



ଶିକ୍ଷୟିତ୍ରୀମାନେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଉତ୍ସବର ଆକର୍ଷଣ ବୃଦ୍ଧି କରିଥିଲେ। ନବରାତ୍ରି ପର୍ବ ସହ ଜଡ଼ିତଡାଣ୍ଡିଆ ନୃତ୍ୟର ସାଂସ୍କୃତିକ ମହ%ୱ ବିଷୟରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଗୁଜରାଟୀ ଲୋକସଙ୍ଗୀତର ତାଳେ ତାଳେ ରଙ୍ଗିନ୍ ଡାଣ୍ଡିଆ କାଠି ଧରି ଶିଶୁମାନେ ଉତ୍ସାହର ସହ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ଆନନ୍ଦଦାୟକ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସମନ୍ୱୟ, ଦଳଗତ ମନୋଭାବ ଓ ଆତ୍ମବିଶ୍ୱାସ ବିକଶିତ କରିବାର ପ୍ରୟାସ କରାଯାଇଥିଲା। ଏଲ୍.କେ.ଜି. ଓ ୟୁ.କେ.ଜି. ଶ୍ରେଣୀ ପାଇଁ ଏହି ଦିନଟିକୁ ବ୍ୟାଗ ମୁକ୍ତ ଦିବସ ଭାବେ ପାଳନ କରାଯାଇଥିଲା। ପୁସ୍ତକର ସୀମା ଅତିକ୍ରମ କରି ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ଅନୁଭୂତି ମାଧ୍ୟମରେ ଶିକ୍ଷା ଗ୍ରହଣ କରିବାର ଏହା ଏକ ସୁନ୍ଦର ସୁଯୋଗ ଥିଲା। ପାରମ୍ପରିକ ଭାରତୀୟ ସଂସ୍କୃତିର ପରିଚୟ ସହ ଶିଶୁମାନଙ୍କ ମନରେ ଆନନ୍ଦ, ସହଯୋଗ ଓ ଏକତାର ଭାବନା ଜାଗ୍ରତ କରିବାରେ ଏହି ଉତ୍ସବ ବେଶ୍ ସଫଳ ହୋଇଥିଲା।

## ଇ-ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ

# ସ୍ୱଚ୍ଛତା ଅଭିଯାନ ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୬ ଏବଂ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି। ଏହି ଅଭିଯାନରେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟ)ର ଉପଯୁକ୍ତ ନିଷ୍କାସନ, ଦୀର୍ଘଦିନ ଧରି ଜମା ହୋଇ ରହିଥିବା ବର୍ଜ୍ୟବସ୍ତୁର ଅପସାରଣ ଏବଂ ରେଳ ପରିସରକୁ ସ୍ୱଚ୍ଛ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥର ସମସ୍ତ କ୍ଷେତ୍ରରେ ଜାରି ରହିବ।

ସ୍ୱଚ୍ଛତା ଅଭିଯାନ ଅଧୀନରେ କାର୍ଯ୍ୟାଳୟ ପରିସରରୁ ଇ-ବର୍ଜ୍ୟ ଏବଂ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଓ ଅପସାରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଅଦରକାରୀ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଅବ୍ୟବହୃତ ପୁରୁଣା ରେକର୍ଡଗୁଡ଼ିକର ସୁଚାରୁ ପରିଚାଳନା ସହ କାର୍ଯ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। ଏଥିସହ କାର୍ଯ୍ୟାଳୟ ପରିସରରେ ଯାନ୍ତ୍ରିକ ପଦ୍ଧତିରେ ସଫେଇ ଏବଂ ରେଳଧାରଣା ପାର୍ଶ୍ୱରେ ଜମା ହୋଇଥିବା ବର୍ଜ୍ୟବସ୍ତୁର ଅପସାରଣ କାର୍ଯ୍ୟ ମଧ୍ୟ କରାଯାଉଛି।

ନୂତନ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପିଲାମାନଙ୍କ ପାଇଁ କୁଇଜ୍, ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି। ଅନ୍ୟପକ୍ଷରେ, ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ ଅଧୀନରେ ରାୟଗଡ଼ା, ବଲାଙ୍ଗିର, ବରପାଲି ଓ ଟିଟିଲାଗଡ଼ ଆଦି ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଯାତ୍ରୀ ଓ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ଷ୍ଟେସନରେ ଉପଲବ୍ଧ ସୁବିଧା, ଟ୍ରେନ୍‌ର ସ୍ୱଚ୍ଛତା ଏବଂ ଯାତ୍ରୀ ସେବା ସମ୍ପର୍କରେ ନିଜର ଅନୁଭୂତି, ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇଥିଲେ। ଯାତ୍ରୀମାନଙ୍କଠାରୁ ମିଳିଥିବା ମତାମତ ଆଧାରରେ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ବର୍ଜ୍ୟବସ୍ତୁର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ରେଳ ପରିସରରେ ସ୍ୱଚ୍ଛତାର ଉନ୍ନତି ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରଖିଛି।

## ଜଟଣୀ କଲେଜରେ ହେଲା ଶପଥ ପାଠୋତ୍ସବ

ଜଟଣୀ, (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନ ଗୁରୁବାର ସରିବା ପରେ ଶୁକ୍ରବାର ଜଟଣୀ ମହାବିଦ୍ୟାଳୟ ପରିସରରେ ଥିବା ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି ସଦ୍ୟ ନିର୍ବାଚିତ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଉତ୍ସବ। ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱପ୍ନା ମଲିକଙ୍କ ଉପସ୍ଥିତିରେ ଛାତ୍ର ସଂସଦ ସଭାପତି ଭବାନୀ ଶଙ୍କର ବାହୁବଳେନ୍ଦ୍ର,ତପସ୍ୟା ସାହୁ ସାଧାରଣ ସମ୍ପାଦକ, ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ପ୍ରଧାନ,ସହ ସମ୍ପାଦକ ଭାବେ ସ୍ମୃତିପ୍ରଜ୍ଞା ସାହୁ , ଡ୍ରାମାଟିକ ସମ୍ପାଦକ ଆକାଂକ୍ଷା ଦାସ , ଖେଳକୁଦ ସମ୍ପାଦକ ସିଆରାମ ରଣା, କମନ ରୁମ ସେକ୍ରେଟାରୀ ଦେବସ୍ମିତା ଜେନା ଏବଂ ଏସଏସଜି ସମ୍ପାଦକ ସୌମ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ ଅରୁଣ କୁମାର ମହାନ୍ତି,ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ଅଧ୍ୟାପକ ଡ ତପନ ମିଶ୍ର, ପରିମିତା ପ୍ରହରାଜ, ପୁଷ୍ପାଞ୍ଜଳି ସାମଲ, ସୁଶ୍ରୀ ସଂଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିଗ୍‌ମା ପବ୍ଲିକ ସ୍କୁଲରେ ନବରାତ୍ର ଉପଲକ୍ଷେ ଦାଣ୍ଡିଆ ନୃତ୍ୟ

ଖୋର୍ଦ୍ଧା, (ସବ୍ୟୁ): ନବରାତ୍ର ଉପଲକ୍ଷେ ଖୋର୍ଦ୍ଧାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍‌ମା ପବ୍ଲିକ ସ୍କୁଲ ପକ୍ଷରୁ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପରମ୍ପରା, ସଂସ୍କୃତି ଓ ଲୋକନୃତ୍ୟର ମହତ୍ତ୍ୱକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ୍ ଶୁଭାଂଶୁ ରଞ୍ଜନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବରିଷ୍ଠ ପରିଚାଳକ ସ୍ନେହାଞ୍ଜଳି ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ମାହାରୀ ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଡିନ୍ ବନଦୁର୍ଗା ଶାହାଙ୍କ ନିର୍ଦ୍ଦେଶନାରେ ଅନେଶ୍ୱତା ପଟ୍ଟନାୟକ ଓ ରଚିତା ସ୍ୱାଇଁଙ୍କ ସଂଯୋଜନାରେ ଛାତ୍ରୀମାନେ ଆକର୍ଷଣୀୟ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ।



ବିଦ୍ୟାଳୟର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ନବରାତ୍ରରେ ଦାଣ୍ଡିଆ ନୃତ୍ୟର ପରମ୍ପରା ଓ ଏହାର ସାଂସ୍କୃତିକ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପାରମ୍ପରିକ ପୋଷାକ ପରିଧାନ କରି ସଙ୍ଗୀତର ତାଳେ ତାଳେ ହାତରେ ଦାଣ୍ଡିଆ କାଠି ଧରି ଛାତ୍ରଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ମଧ୍ୟ ସାମିଲ ହୋଇ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ଆଗ୍ରହ ବୃଦ୍ଧି ସହ ସାମୂହିକ ଅଂଶଗ୍ରହଣ ଓ ସାଂସ୍କୃତିକ ଏକତାର ବାର୍ତ୍ତା ପ୍ରସାରିତ ହୋଇଥିଲା।

# ୧୫ ବର୍ଷରେ ପାଦ ଦେଲା ସୋଆ କମ୍ୟୁନିଟି ରେଡିଓ




ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ୧୫ ବର୍ଷରେ ପାଦ ଥାପିଛି। ଗୁରୁବାର ରେଡ଼ିଓ ଷ୍ଟେସନ୍ ପରିସରରେ ଏହାର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ୧୪ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସମାଜ ପ୍ରତି ସଚେତନତା, ଶୈକ୍ଷିକ ଓ ସୂଚନା ପ୍ରଦାନକାରୀ ମାଧ୍ୟମ ଭାବେ କାର୍ଯ୍ୟଧାରାକୁ ଜାରି ରଖିବା ନେଇ ସୋଆ ରେଡ଼ିଓ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ସୋଆର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ଯୋଗ ଦେଇ ରେଡ଼ିଓର କାର୍ଯ୍ୟଧାରାକୁ ନେଇ ଏହାର ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଓଡ଼ିଶା କମ୍ୟୁନିଟି ରେଡ଼ିଓ ଆସୋସିଏସନ୍‌ର ସଭାପତି ଡକ୍ଟର ଶିଶିର ଦାସ ଯୋଗ ଦେଇ ଯୁବ ସମାଜକୁ ସଚେତନ କରାଇବା ଦିଗରେ ସୋଆ ରେଡ଼ିଓ ପ୍ରମୁଖ ଭୂମିକା ନେଉଛି ବୋଲି କହିଥିଲେ। ସୋଆ ରେଡ଼ିଓକୁ ଆହୁରି ଦାୟିତ୍ୱ ସମ୍ପନ୍ନ ଓ ସଚେତନାମୂଳକ କରାଇବା ଦିଗରେ କାର୍ଯ୍ୟଧାରା ଜାରି ରହିବ ବୋଲି କାର୍ଯ୍ୟକ୍ରମ ଅବସରରେ ସୋଆ କମ୍ୟୁନିଟି ରେଡ଼ିଓର ଇନ୍‌ଚାର୍ଜ ଶ୍ରୀମତି ହନି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ପ୍ରଫେସର ମଧୁବ୍ରତା ମହାନ୍ତି, କମ୍ୟୁନିଟି ରେଡ଼ିଓର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଏସୀୟ କ୍ରୀଡ଼ା ୨୦୨୬ ର ସ୍ୱର୍ଣ୍ଣ ପଦକ ବିଜେତା

# ଏସ୍‌ବିଆଇ ଲୋକାଲ ହେଡ ଅଫିସ ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ହକି ତାରକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ), ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ତିନିଜଣ ବିଶିଷ୍ଟ ଆନ୍ତର୍ଜାତୀୟ ହକି ଖେଳାଳି କୁମାରୀ ସୁନେଲିତା ଟପ୍ପୋ, ଶିଳାନନ୍ଦ ଲାକ୍ରା ଏବଂ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାପାନଠାରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬ ରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏସବିଆଇ ଲୋକାଲ ହେଡ ଅଫିସ, ଭୁବନେଶ୍ୱରର ଚିଫ୍ ଜେନେରାଲ୍ ମ୍ୟାନେଜର ରାକେଶ କୁମାର ଯାଦବଙ୍କ ଦ୍ୱାରା ଅନ୍ୟ ସିଏମସି ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ତିନିଜଣ ହକି ଖେଳାଳି ଏସୀୟ କ୍ରୀଡ଼ା ୨୦୨୬ ରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ମହିଳା ଓ ପୁରୁଷ ହକି ଦଳ ସହ ଜଡ଼ିତ ଥିଲେ। ସେମାନଙ୍କର ଏହି ସଫଳତା ଓଡ଼ିଶା ଏବଂ ସମଗ୍ର ଦେଶ ପାଇଁ ଅପାର ଗର୍ବ ଆଣିଦେଇଛି। ଏହା ସହିତ ଏହା ଆଶାୟୀ କ୍ରୀଡ଼ାବିତ୍, ବିଶେଷ କରି ଗ୍ରାମାଞ୍ଚଳ ଓ ଜନଜାତି ସମୁଦାୟର ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ।



କୁମାରୀ ସୁନେଲିତା ଟପ୍ପୋ ଜଣେ ପ୍ରତିଭାବାନ ଆନ୍ତର୍ଜାତୀୟ ହକି ଖେଳାଳି ଭାବେ ଉଭା ହେଉଛନ୍ତି। ସେ ଏସୀୟ କ୍ରୀଡ଼ା ୨୦୨୬ ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳର ସଦସ୍ୟା ଥିଲେ। ଶିଳାନନ୍ଦ ଲାକ୍ରା ଭାରତୀୟ ପୁରୁଷ ହକି ଦଳର ଜଣେ ସଦସ୍ୟ। ସେ ଫାଇନାଲ୍ ମ୍ୟାଚରେ ମାଲେସିଆ ବିପକ୍ଷରେ ଗୋଲ୍ ସ୍କୋର କରି ଏସୀୟ କ୍ରୀଡ଼ା ୨୦୨୬ ରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅବଦାନ ଭାରତକୁ ଲସ୍ ଆଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ କ୍ରୀଡ଼ା ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରେ ସାହାଯ୍ୟ କରିଛି। ଶ୍ରୀ ଅମିତ ରୋହିଦାସ ଭାରତର ଜଣେ ଅନ୍ୟତମ ପ୍ରମୁଖ ହକି ଡିଫେଣ୍ଡର ଏବଂ ଜଣେ ସଫଳ ଆନ୍ତର୍ଜାତୀୟ ଖେଳାଳି। ସେ ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଏବଂ ତିନିଥର ଏସୀୟ କ୍ରୀଡ଼ା ପଦକ ବିଜେତା (ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ) ଅଟନ୍ତି। ସେ ୨୦୨୧ ମସିହାରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଭାବରେ ସେ ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬ ରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ଯୋଗଦାନ ଦେଇଥିଲେ। ଏସବିଆଇ ଏଲଏଚଓ ଭୁବନେଶ୍ୱର ପକ୍ଷରୁ କରାଯାଇଥିବା ଏହି ସମ୍ବର୍ଦ୍ଧନା, ଉତ୍କର୍ଷତାକୁ ସ୍ୱୀକୃତି ଦେବା, କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଦିଗରେ ବ୍ୟାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ମଣିପୁରରେ ପୁଣି ନାଗା-କୁକି ସଂଘର୍ଷ

## କାମଜୋଙ୍ଗରେ କୁକି ମହିଳାଙ୍କୁ ହତ୍ୟା



**ଗୁଆହାଟୀ:** ମଣିପୁରର କାମଜୋଙ୍ଗ ଜିଲ୍ଲାରେ ସନ୍ଦିଗ୍ଧ ନାଗା ଉଗ୍ରବାଦୀଙ୍କ ଆକ୍ରମଣରେ ଜଣେ କୁକି-ଜୋ ମହିଳାଙ୍କ ମୃତ୍ୟୁ ହୋଇଛି ଓ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି, ରାଜ୍ୟରେ ଜାତିଗତ ହିଂସା ଜାରି ରହିଥିବାରୁ ସମ୍ପ୍ରଦାୟର ଅନ୍ୟ ଦୁଇଜଣ ନିଖୋଜ ଥିବା ରିପୋର୍ଟ ହୋଇଛି। ମୃତ ମହିଳା ହାଟନେକିମ୍ ହାଓକିପ୍ ମୋଲନୋଇ ଗାଁର ବାସିନ୍ଦା ଥିଲେ।ପ୍ରାଥମିକ ସୂଚନା ଅନୁଯାୟୀ, ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଏମାନେ ସମସ୍ତେ ଫାଇକୋହକୁ ଯାତ୍ରା କରୁଥିବା ବେଳେ ଫାଇକୋହ ଓ ଆଇଶୁ ମଧ୍ୟରେ ରାସ୍ତାରେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ହାଟନେକିମଙ୍କ ସ୍ୱାମୀ ଆହତ ହୋଇଥିଲେ ଓ ସେମାନଙ୍କ ସହିତ ଥିବା ଅନ୍ୟ ଦୁଇ ଜଣ ସାଧାରଣ ନାଗରିକ ନିଖୋଜ ଅଛନ୍ତି।କୁକି-ନାଗା ସଂଘର୍ଷରେ ଏପର୍ଯ୍ୟନ୍ତ ୧୦ ଜଣ କୁକି ଜୋ ମହିଳାଙ୍କର ମୃତ୍ୟୁ ହେଲାଣି। ମୃତକଙ୍କ ମଧ୍ୟରେ ଦୁଇଜଣ ଗର୍ଭବତୀ ମହିଳା ଥିଲେ। ୨୦୨୩ ରୁ ୨୦୨୫ ପର୍ଯ୍ୟନ୍ତ ଚାଲିଥିବା କୁକି-ମୈତେଇ ସଂଘର୍ଷ ପରେ ଏହି ସଂଘର୍ଷ ଘଟିଥିଲା।ତିନୋଟି ଜିଲ୍ଲାରେ ନଅ ଜଣଙ୍କ ମୃତ୍ୟୁ ହେବାର ପାଞ୍ଚ ଦିନ ପରେ ଏହି ଆକ୍ରମଣ ହୋଇଛି। ଚଳିତ ବର୍ଷ ଫେବ୍ରୁଆରିରେ କୁକି-ନାଗା ସଂଘର୍ଷ ଆରମ୍ଭ ହେବା ପରଠାରୁ, ଅତି କମରେ ୨୨ ନାଗା ଓ ୩୨ କୁକି-ଜୋ ଲୋକଙ୍କ ମୃତ୍ୟୁ ଘଟିଛି। ବୁଧବାର ବିଳମ୍ବିତ ରାତିରେ ସୁରକ୍ଷା ବାହିନୀ କାଙ୍ଗପୋକପି ଜିଲ୍ଲାରେ ଜଣେ ନାଗା ଅଜିନବୋଉ ରିଙ୍ଗକାମାଇଙ୍କ କଟା ମୁଣ୍ଡ ପାଇଛନ୍ତି।

## ଆଡଭାନୀ ହସ୍ପିଟାଲରେ ଭର୍ତ୍ତି

**ନୂଆଦିଲ୍ଲୀ:** ବରିଷ୍ଠ ବିଜେପି ନେତା ଏଲକେ ଆଡଭାନୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଛନ୍ତି। ଶ୍ୱାସନଳୀ ସଂକ୍ରମଣ ଯୋଗୁ ଆଡଭାନୀଙ୍କୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୩୦ ସମୟରେ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲମୋନାରୀ (ଫୁସଫୁସ) ବିଭାଗର ଏକ ଡାକ୍ତରୀ ଦଳ ଆଡଭାନୀଙ୍କର ଚିକିତ୍ସା କରୁଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ବୋଲି ହସ୍ପିଟାଲ୍ ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୯୮ ବର୍ଷୀୟ ଆଡଭାନୀଙ୍କୁ ଶେଷ ଥର ପାଇଁ ବୟସାଧିକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଗତ ମେ ମାସରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ କିଛିଦିନ ଚିକିତ୍ସିତ ହେବାପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ।

## ରୁଷକୁ ଜେଲେନସ୍କିଙ୍କ କଡ଼ା ଚେତାବନୀ

# ଆମେ ଆଉ ସହିବୁ ନାହିଁ



**କିଭ:** ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୁଣି ତେଜିଲା ଉତ୍ତେଜନା। ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ, ଏବେ ରୁଷର ତୈଳ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାକୁ ସଙ୍କେତ ଦେଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି। ତାଙ୍କର କଡ଼ା ଆଭିମୁଖ୍ୟ, ଆମେ ଆଉ ସହିବୁ ନାହିଁ। ରୁଷ ଯଦି ୟୁକ୍ରେନ୍ର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଜାରି ରଖିବ, ତେବେ ୟୁକ୍ରେନ୍ ମଧ୍ୟ ରୁଷର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିବ ବୋଲି ସଙ୍କେତ ମିଳିଛି। ଖବର ଅନୁସାରେ, ରୁଷର ରାଜାନ୍ ଅଞ୍ଚଳରେ ଥିବା ଏକ ବଡ଼ ତୈଳ ବିଶୋଧନାଗାର ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ହୋଇଛି। ଏହି ବିଶୋଧନାଗାର ରୁଷର ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଦ୍ୱାରା ପରିଚାଳିତ। ରୁଷର ତୈଳ ବିଶୋଧନ କ୍ଷମତାରେ ଏହାର ଏକ ବଡ଼ ଭାଗ ରହିଥିବା ବେଳେ, ମସ୍କୋକୁ ଇନ୍ଧନ ଯୋଗାଣରେ ମଧ୍ୟ ଏହାର ଗୁରୁତ୍ୱ ରହିଛି। ତେଣୁ ଏହି ଆକ୍ରମଣ ରୁଷର ଶକ୍ତି କ୍ଷେତ୍ର ଉପରେ ଚାପ ସୃଷ୍ଟି କରିପାରେ। ଜେଲେନସ୍କିଙ୍କ ଅଭିଯୋଗ ହେଉଛି, ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ରୁଷ ୟୁକ୍ରେନ୍ର ବିଦ୍ୟୁତ୍ କେନ୍ଦ୍ର ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ଆକ୍ରମଣ ଜାରି ରଖିଛି। ଫଳରେ ଲକ୍ଷ ଲକ୍ଷ ଲୋକଙ୍କୁ ବିଦ୍ୟୁତ୍ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏଭଳି ସ୍ଥିତିରେ ୟୁକ୍ରେନ୍ ଆଉ ସଂଯମତା ଅବଲମ୍ବନ କରିବ ନାହିଁ ବୋଲି ଜେଲେନସ୍କିଙ୍କ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି।ଅନ୍ୟପଟେ ଏହି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ମଧ୍ୟ ପଡ଼ିବା ଆଶଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଦର ହ୍ରାସ କରିବା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଏଭଳି ଆକ୍ରମଣ ତେଲ ଯୋଗାଣ ଓ ଦରକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି। ରୁଷ ପକ୍ଷରୁ ମଧ୍ୟ ୟୁକ୍ରେନ୍ର ଆକ୍ରମଣକୁ ଶାନ୍ତି ପ୍ରୟାସ ପାଇଁ ବାଧା ବୋଲି କୁହାଯାଇଛି।ଏହାରି ଭିତରେ ୟୁକ୍ରେନ୍ ସେନାର ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ବ୍ୟବହାରକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଯୋଗାଯୋଗ ବ୍ୟବସ୍ଥାରେ କଟକଣା ଡ୍ରୋନ୍ ପରିଚାଳନାକୁ ପ୍ରଭାବିତ କରୁଥିବା ନେଇ ୟୁକ୍ରେନ୍ ପକ୍ଷରୁ ଚିନ୍ତା ପ୍ରକାଶ ପାଇଛି।

## ରାସାୟନିକ ଓ ପେଟ୍ରୋରାସାୟନ ଶିଳ୍ପ

# ଆମଦାନୀ ନିର୍ଭରତା ହ୍ରାସ ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ:** ଦେଶରେ ଗବେଷଣା, ବିକାଶ ଓ ନବସୃଜନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଉନ୍ନତ ରାସାୟନିକ ପଦାର୍ଥ, ପେଟ୍ରୋରାସାୟନ ଓ ସାମଗ୍ରୀ ପ୍ରଯୁକ୍ତିକୁ ଗବେଷଣା, ବିକାଶ ଓ ନବସୃଜନ ଯୋଜନା (ଆର୍ଡିଆଇ) ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଅକ୍ଟୋବର ୮, ୨୦୨୬ଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି। ରାସାୟନିକ ଓ ପେଟ୍ରୋରାସାୟନ ବିଭାଗ (ଡିସିପିସି), ରାସାୟନିକ ଓ ସାର ମନ୍ତ୍ରଣାଳୟର ପ୍ରସ୍ତାବ ଆଧାରରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏହି ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ଉକ୍ତ କ୍ଷେତ୍ରରେ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ମିଳିବା ସହ ଶିଳ୍ପ କ୍ଷେତ୍ରରେ ଉପଯୋଗୀ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନଭେମ୍ବର ୨୦୨୫ରେ ଆର୍ଡିଆଇ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ପାଇଁ ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ରହିଛି। ଘରୋଇ କ୍ଷେତ୍ରରେ ଗବେଷଣା ଓ ନବସୃଜନ ପାଇଁ ପୁଞ୍ଜିନିବେଶ ବଢ଼ାଇବା, ନୂତନ ପ୍ରଯୁକ୍ତିର ବ୍ୟବହାର ତ୍ୱରାନ୍ୱିତ କରିବା ଏବଂ ଶିଳ୍ପ କ୍ଷେତ୍ରରେ ଭାରତର ପ୍ରତିଯୋଗିତାମୂଳକ କ୍ଷମତା ବଢ଼ାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ। କେନ୍ଦ୍ର ରାସାୟନିକ ଓ ସାର ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହା ରାସାୟନିକ ଓ ପେଟ୍ରୋରାସାୟନ ଶିଳ୍ପରେ ଗବେଷଣା ଓ ନବସୃଜନକୁ ନୂଆ ଗତି ଦେବ ବୋଲି ସେ କହିଛନ୍ତି। ଏଥିସହ ଭାରତରେ ରାସାୟନିକ ପଦାର୍ଥ, ପେଟ୍ରୋରାସାୟନ ଉତ୍ପାଦ, ପଲିମର ଓ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ନିର୍ମାଣ ପାଇଁ ଅଧିକ ଉନ୍ନତ, ଦକ୍ଷ ଓ କମ୍ ଖର୍ଚ୍ଚସାପେକ୍ଷ ପ୍ରଯୁକ୍ତି ବିକାଶରେ ଏହା ସହାୟକ ହେବ। ଏହି କ୍ଷେତ୍ରକୁ ଆର୍ଡିଆଇ ଯୋଜନାରେ ସାମିଲ କରାଯିବା ଦେଶର ଘରୋଇ ଉତ୍ପାଦନ ବ୍ୟବସ୍ଥାକୁ ମଜବୁତ କରିବା ସହ ପ୍ରଯୁକ୍ତିଭିତ୍ତିକ ଶିଳ୍ପ ବିକାଶକୁ ଗତିଶୀଳ କରିବ। ଉଚ୍ଚମୂଲ୍ୟର ସାମଗ୍ରୀ ଓ ପ୍ରଯୁକ୍ତି ପାଇଁ ବିଦେଶ ଉପରେ ନିର୍ଭରତା କମାଇ ଆତ୍ମନିର୍ଭର ଭାରତ ଗଠନ ଦିଗରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରେ।

# ରାହୁଲ ଜନାଦେଶକୁ ସମ୍ମାନ ଦିଅନ୍ତୁ: ରାଜନାଥ



**ନୂଆଦିଲ୍ଲୀ:** ଶାସନ ପରିବର୍ତ୍ତନ ନାରାକୁ ନିନ୍ଦା କରିବା ସହିତ ନିର୍ବାଚନ କମିସନ (ଇସି) ବିରୋଧରେ କଂଗ୍ରେସର ଆନ୍ଦୋଳନକୁ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ କ୍ରମାଗତ ଭାବେ ବିରୋଧ ପ୍ରଦର୍ଶନ କରିଆସୁଛି। ଏହି ପ୍ରସଙ୍ଗରେ ରାଜନାଥ ସିଂହ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ଅର୍ଥ ଅରାଜକତା ସୃଷ୍ଟି କରିବା ନୁହେଁ ବୋଲି ।ଜନାଥ ଅଭିଯୋଗ କରିଛନ୍ତି ଯେ, ବିଶୃଙ୍ଖଳାର ରାଜନୀତିରେ ରାଜନାଥ କହିଛନ୍ତି। ୍ବପିଢ଼ିଙ୍କୁ ଅସ୍ତ୍ର ଭାବରେ ବ୍ୟବହାର ଦେଶର ଯୁବପିଢ଼ିଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି। କେତେକ ବାଂଲାଦେଶର ଘଟଣାବଳୀ ଅନୁସାରେ ଶାସନ ପରିବର୍ତ୍ତନ ଚାହୁଁଛନ୍ତି, ସେମାନଙ୍କର ସଂଘର୍ଷ ନା ନିର୍ବାଚନୀ ସଂସ୍କାର ପାଇଁ, ନା ଦେଶର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ, ବରଂ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାର କେବଳ ଷଡ଼ଯନ୍ତ୍ର। ବିଭ୍ରାଟର ରାଜନୀତିରେ ଲିପ୍ତ ରହିବା ପରିବର୍ତ୍ତେ ରାହୁଲ ଗାନ୍ଧୀ ଜନସାଧାରଣଙ୍କ ଜନାଦେଶକୁ ସମ୍ମାନ ଦେବା ଉଚିତ ଓ ତାଙ୍କ ରାଜନୈତିକ ଭୂମିକାର ଆତ୍ମନିରୀକ୍ଷଣ କରିବା ଉଚିତ ବୋଲି ରାଜନାଥ କହିଛନ୍ତି।ରାଜନାଥ କହିଛନ୍ତି, ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି ଏକ ଅକ୍ଷମଣୀୟ ଅପରାଧ ଥିଲା। ଦ୍ୱିତୀୟ ଅକ୍ଷମଣୀୟ ଅପରାଧ ଥିଲା ୧୯୮୪ ମସିହାରେ କଂଗ୍ରେସ ସୁରକ୍ଷାରେ ଶିଖ ଭାଇଭଉଣୀଙ୍କ ନରସଂହାର। ତୃତୀୟ ଅକ୍ଷମଣୀୟ ଅପରାଧ ଥିଲା ୧୯୯୦ ମସିହାରେ ରାମ ଭକ୍ତ ଓ କର ସେବକଙ୍କ ରକ୍ତପାତ ପାଇଁ ଦାୟୀ ଲୋକଙ୍କୁ ସମର୍ଥନ କରି ସେମାନଙ୍କ ସରକାରକୁ ବଞ୍ଚାଇବା। ଆଜି ରାହୁଲ ଗାନ୍ଧୀ ସମ୍ବିଧାନକୁ ନିଜ ପକେଟରେ ରଖି ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। କଂଗ୍ରେସର ଇତିହାସର ପୃଷ୍ଠା ଓଲଟାଇ ଦେଖିଲେ ଅନେକ କଳା ଅଧ୍ୟାୟ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ଡିସେମ୍ବରରେ ପ୍ରଧାନମନ୍ତ୍ରୀଙ୍କ କାନାଡା ଗସ୍ତ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଡିସେମ୍ବର ୧୧ ଓ ୧୨ ତାରିଖରେ କାନାଡା ଗସ୍ତ କରିବେ ବୋଲି ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ଓ ଓଟାୱାରେ ଥିବା ଭାରତୀୟ ହାଇ କମିସନ ଶୁକ୍ରବାର ସୂଚନା ଦେଇଛନ୍ତି। ମଙ୍ଗଳବାର ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ଟେଲିଫୋନ ମାଧ୍ୟମରେ ଆଲୋଚନା ହୋଇଥିଲା। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ପ୍ରୟାସ ବୃଦ୍ଧି କରିବାକୁ ରାଜି ହେବା ପରେ ଏହି ଘୋଷଣା କରାଯାଇଛି।କାର୍ନି କହିଛନ୍ତି ଯେ, ମୋଦୀଙ୍କ ଯାତ୍ରା ପୂର୍ବରୁ ଦୁଇ ଦେଶ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାକୁ ତ୍ୱରାନ୍ୱିତ କରୁଥିବାରୁ ଏହି ଗସ୍ତରେ ଓଟାୱା ଓ ଟରଣ୍ଟୋ ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ଅଛି। ଆମେ ଏହାକୁ ଅଧିକ ବ୍ୟାପକ କରିପାରିବା କି ନାହିଁ ଦେଖିବୁ ବୋଲି କାଲଗାରିରେ ଏକ ସମାବେଶରେ କାର୍ନି ଇଣ୍ଡୋ-କାନାଡିଆନ୍ ସମ୍ପ୍ରଦାୟର ସଦସ୍ୟମାନଙ୍କୁ କହିଥିଲେ।

## ଭାରତର ପ୍ରଥମ ପ୍ରିପେଡ୍ ଫାମିଲି ପ୍ଲାନ୍ ଆଣିଲା ଭିଆଇ

**ନୂଆଦିଲ୍ଲୀ:** ଟେଲିକମ୍ କ୍ଷେତ୍ରରେ ନୂଆ ପଦକ୍ଷେପ ସ୍ୱରୂପ ଭିଆଇ ଭାରତର ପ୍ରଥମ ପ୍ରିପେଡ୍ ଫ୍ୟାମିଲି ପ୍ଲାନ୍ ଆରମ୍ଭ କରିଛି। ଏହା ଜରିଆରେ ଗ୍ରାହକମାନେ ଭିଆଇ ଆପ୍ରେ ସର୍ବାଧିକ ଚାରି ଜଣ ସଦସ୍ୟଙ୍କୁ ନେଇ ଏକ ଫ୍ୟାମିଲି ଗ୍ରୁପ୍ ଗଠନ କରିପାରିବେ ଏବଂ ପରସ୍ପର ମଧ୍ୟରେ ଡାଟା ସେୟାର କରିପାରିବେ। ଏଥିରେ ପ୍ରତ୍ୟେକ ସଦସ୍ୟଙ୍କ ନିଜସ୍ୱ ପ୍ରିପେଡ୍ ପ୍ଲାନ୍ ଓ ବୈଧତା ବଜାୟ ରହିବ। ଡାଟା କମ୍ ହେଲେ ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଡାଟା ନେବା ସହ ପ୍ରତ୍ୟେକ ରିଚାର୍ଜ ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମଧ୍ୟ ମିଳିବ।

# ୟୁକ୍ରେନକୁ ୩୦୦ ସୈନ୍ୟଙ୍କୁ ହତ୍ୟା କରିବାକୁ ସାହାଯ୍ୟ କରିଥିଲେ ରୁଷ୍ ଅଧିକାରୀ



**ୱାଶିଂଟନ:** ରୁଷ୍ର ଜଣେ ୨୬ ବର୍ଷୀୟ ସୈନ୍ୟ ଅଧିକାରୀ ଗୁପ୍ତ ଭାବେ ଦେଶ ବିରୋଧରେ ୟୁକ୍ରେନ୍କୁ ଯୁଦ୍ଧରେ ସାହାଯ୍ୟ କରୁଥିଲେ। ସେ ତାଙ୍କ ପଦବିର ବ୍ୟବହାର କରି ନିଜ ଦେଶର ଯୁଦ୍ଧ ଯୋଜନା ଓ ଗୁଇନ୍ଦା ତଥ୍ୟ ୟୁକ୍ରେନ୍କୁ ପ୍ରଦାନ କରୁଥିଲେ, ଯଦ୍ୱାରା ୩୦୦ରୁ ଅଧିକ ରୁଷ୍ ସୈନ୍ୟ ନିହତ ହୋଇଥିଲେ। ପରେ ସେ କିବ୍ ଚାଲି ଯାଇଥିଲେ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସରକାର ବିରୋଧରେ ଯୁଦ୍ଧ କରିଥିଲେ ବୋଲି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପ୍ରକାଶ କରିଛି। ଲେଫ୍ଟନାଣ୍ଟ ଲେଭ୍ ଷ୍ଟୁପନିକୋଭ୍ ରୁଷ ସେନାରେ ତାଙ୍କ ପଦବିକୁ ବ୍ୟବହାର କରି ୟୁକ୍ରେନୀୟ ଗୁପ୍ତଚର ସଂସ୍ଥା ସହିତ ସମ୍ବେଦନଶୀଳ ସାମରିକ ସୂଚନା ପ୍ରଦାନ କରୁଥିଲେ। ତାଙ୍କର ଭୂମିକା ତାଙ୍କୁ ସୈନ୍ୟ ଗତିବିଧି, ଯୁଦ୍ଧ ଯୋଜନା, ଗୁପ୍ତଚର ଡ୍ରୋନ୍ ଏବଂ ନିରୀକ୍ଷଣ କ୍ୟାମେରାରୁ ଫିଡ୍ ପାଇବାକୁ ସୁଯୋଗ ଦେଇଥିଲା। ତେବେ ଷ୍ଟୁପନିକୋଭ୍ଙ୍କୁ ଏଥିପାଇଁ ବ୍ୟକ୍ତିଗତ ମୂଲ୍ୟ ଦେବାକୁ ପଡ଼ିଥିଲା। ୟୁକ୍ରେନରେ ପହଞ୍ଚିବା ପରେ ସେ ମସ୍କୋ ବିରୋଧରେ ଲଢ଼େଇରେ ଯୋଗ ଦେଇଥିଲେ କିନ୍ତୁ ଶେଷରେ ତାଙ୍କ ପତ୍ନୀଙ୍କ ସହ ଯୋଗାଯୋଗ ହରାଇ ଦେଇଥିଲେ। ଷ୍ଟୁପନିକୋଭ୍ ଉଭୟ ରୁଷ୍ ଓ ସେମାନଙ୍କ ବିବାହ ସହିତ ବିଶ୍ୱାସଘାତକତା କରିବାର ଅଭିଯୋଗ କରିଛନ୍ତି।ଷ୍ଟୁପନିକୋଭଙ୍କ ମାଆ, ତାଟିଆନା ୟାଣ୍ଟସେନ ମଧ୍ୟ ପୁଟିନଙ୍କର ଜଣେ ଘୋର ବିରୋଧୀ। ୪୯ ବର୍ଷୀୟ ୟାଣ୍ଟସେନ୍ ମଧ୍ୟ ପୁଟିନଙ୍କ ଶାସନ ବିରୋଧରେ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ।

# ଭାରତର ଆର୍ଥିକ ସହଯୋଗ ପାଲଟିଛନ୍ତି ପେମେଣ୍ଟ ଆପ୍

**ନୂଆଦିଲ୍ଲୀ:** ପହଲେ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଆଜି ଆମାଜନ ପେ ସହ ସହଭାଗିତାରେ 'ହାଓ ଅର୍ବାନ ଇଣ୍ଡିଆ ପେଜ୍ ରିପୋର୍ଟ ୨୦୨୬'ର ପ୍ରକାଶ କରାଯାଇଛି। ୨୦ଟି ରାଜ୍ୟରେ ୧୦୦ରୁ ଅଧିକ ସହରରେ ୫୧୪୯ ଜଣ ଗ୍ରାହକ ଓ ୧୦୫୪ ଜଣ ବ୍ୟବସାୟୀଙ୍କୁ ନେଇ କରାଯାଇଥିବା ଏକ ସର୍ଭେ ଉପରେ ଆଧାରିତ ଏହି ରିପୋର୍ଟରୁ ଜଣାଯାଇଛି ଯେ, ଡିଜିଟାଲ ପେମେଣ୍ଟ ଏକ ଦୈନନ୍ଦିନ ଅଭ୍ୟାସରେ ପରିଣତ ହୋଇଥିବା ବେଳେ ୬ଟି ବ୍ୟୟ ବର୍ଗରୁ ୫ଟିରେ ୟୁପିଆଇ ଆଗରେ ରହିଛି। ପ୍ରତି ୪ ଜଣରୁ ୩ ଜଣ ସହରୀ ଭାରତୀୟ (୭୫%) ନିଜର ପେମେଂଟ ଆପ୍ରେ ସର୍ବନିମ୍ନ ଗୋଟିଏ ଆର୍ଥିକ ଉତ୍ପାଦର ବ୍ୟବହାର କରିଥାନ୍ତି, ତେବେ ଏହି ଆତ୍ମବିଶ୍ୱାସ ଡିଜିଟାଲ ଋଣ କ୍ଷେତ୍ରରେ ଦେଖିବାକୁ ମିଳିନାହିଁ, ଯେଉଁଠାରେ ସଚେତନତା ଉଚ୍ଚରେ (୮୮%) ରହିଛି କିନ୍ତୁ ବ୍ୟବହାର କମ୍ (୩୧%) ରହିଛି। ଏହି ଅନ୍ତରକୁ ଦୂର କରିବା ପାଇଁ ଏହି ରିପୋର୍ଟ ଡିଜିଟାଲ କ୍ରେଡିଟ ଇନ୍କ୍ଲୁଜନ ଇଣ୍ଡେକ୍ସ (ଡିସିଆଇଆଇ) ୨୦୨୬ର ଶୁଭାରମ୍ଭ କରିଛି, ଯାହାକି ଭାରତର ପ୍ରଥମ କମ୍ପୋଜିଟ ବେଂଚମାର୍କ ଅଟେ। ଏହା ଦେଶର ଡିଜିଟାଲ ଋଣ ଯାତ୍ରାର ଏକ ବିସ୍ତୃତ ତଥ୍ୟ ପ୍ରଦାନ କରୁଛି। ଏହି ଇଣ୍ଡେକ୍ସ ଭାରତକୁ ୧୦୦ରୁ ୫୫.୮୫ର ଏକ ସାମଗ୍ରିକ ସ୍କୋର ଦେଇଛି ଏବଂ ଏହାକୁ 'ଏମର୍ଜିଙ୍ଗ ଆଣ୍ଡ ସର୍ଭଡ' ବର୍ଗରେ ରଖିଛି। ଏହା ଅନୁଯାୟୀ ଡିଜିଟାଲ ଋଣ ସହରୀ ଲୋକଙ୍କ ପହଂଚରେ ରହିଛି କିନ୍ତୁ ସେମାନଙ୍କର ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ଏବେ କମ୍ ରହିଛି। ଏହାର କାରଣ ହେଉଛି ବିଶ୍ୱାସର ଅଭାବ। ଏହି ରିପୋର୍ଟ ସମ୍ପର୍କରେ ପହଲେ ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ ଡଃ ରାଜୀବ କୁମାର କହିଛନ୍ତି, "ଭାରତର ଡିଜିଟାଲ ପେମେଂଟ ବିପ୍ଳବ ହେଉଛି ଆମ ବିକାଶ ଯାତ୍ରାର ଅନ୍ୟତମ ଉଲ୍ଲେଖନୀୟ ସଫଳତା।

# ଟୁଏଚଟି ଫାଉଣ୍ଡେସନକୁ ଇଣ୍ଡିଆ ସିଏସଆର ପୁରସ୍କାର-୨୦୨୬




**ନୂଆଦିଲ୍ଲୀ:** ଗୁରୁକୃପା ଫାଉଣ୍ଡେସନର ଏକ ଅଙ୍ଗ ଟୁଏଚଟି ଫାଉଣ୍ଡେସନକୁ ଏହାର ଟୁଏଚଟି କର୍କଟ ଓ ଅଣସଂକ୍ରାମକ ରୋଗମୁକ୍ତ ପଦକ୍ଷେପ' ପ୍ରକଳ୍ପ ପାଇଁ 'ଏନଜିଓ-ସ୍ୱାସ୍ଥ୍ୟସେବା (ପୂର୍ବାଞ୍ଚଳ)' ବର୍ଗରେ ଇଣ୍ଡିଆ ସିଏସଆର ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। ଓଡ଼ିଶାର ଆଦିବାସୀ ଓ ଅବହେଳିତ ସମୁଦାୟଙ୍କ ମଧ୍ୟରେ କର୍କଟ ଏବଂ ଅଣସଂକ୍ରାମକ ରୋଗର ଶୀଘ୍ର ଚିହ୍ନଟ ପାଇଁ ଡିଜିଟାଲ ପ୍ରଯୁକ୍ତିଭିତ୍ତିକ ସମୁଦାୟରୁ ଚିକିତ୍ସା ପର୍ଯ୍ୟନ୍ତ ସେବା ବ୍ୟବସ୍ଥା ଗଠନ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଆୟୋଜିତ ୧୯ତମ ଇଣ୍ଡିଆ ସିଏସଆର ଲିଡରସିପ୍ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଜାତୀୟ ସ୍ୱୀକୃତି ଟୁଏଚଟି ଫାଉଣ୍ଡେସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏହା ଓଡ଼ିଶାର ଆଦିବାସୀ ଓ ବଞ୍ଚିତ ସମୁଦାୟଙ୍କ ସଂଘର୍ଷ, ଧୈର୍ଯ୍ୟ ଓ ସହଯୋଗ ପ୍ରତି ଏକ ସମ୍ମାନ। ସେମାନଙ୍କର ବିଶ୍ୱାସ, ସହଭାଗିତା ଓ ଦୃଢ଼ ସଂକଳ୍ପ ଫାଉଣ୍ଡେସନର କାର୍ଯ୍ୟକୁ ନିରନ୍ତର ପ୍ରେରଣା ଯୋଗାଇ ଆସୁଛି। ଏଥିସହ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି ତୃଣମୂଳସ୍ତରରେ ସେବା ଯୋଗାଉଥିବା ଫାଉଣ୍ଡେସନର କର୍ମୀମାନଙ୍କ ନିଷ୍ଠା ଓ ଅବଦାନକୁ ମଧ୍ୟ ଏହି ପୁରସ୍କାର ସ୍ୱୀକୃତି ଦେଇଛି। ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଦୀର୍ଘସ୍ଥାୟୀ ଓ ସମୁଦାୟକେନ୍ଦ୍ରିକ ସ୍ୱାସ୍ଥ୍ୟସେବା ମଡେଲ ଗଠନ କରିବା ଏହି ପ୍ରକଳ୍ପର ମୁଖ୍ୟ ବିଶେଷତ୍ୱ। ଏଥିରେ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି, ଜନସଚେତନତା ସୃଷ୍ଟି, ସାମାଜିକ ଓ ଆଚରଣଗତ ପରିବର୍ତ୍ତନ ପାଇଁ ପଦକ୍ଷେପ ଏବଂ ଘର, ସମୁଦାୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ରୋଗ ଚିହ୍ନଟ ପରୀକ୍ଷା କରାଯାଉଛି। ଏହା ସହ ପରବର୍ତ୍ତୀ ପରୀକ୍ଷା, ଉପଯୁକ୍ତ ଚିକିତ୍ସାକେନ୍ଦ୍ରକୁ ପଠାଇବା, ଚିକିତ୍ସା, ନିୟମିତ ଅନୁଧ୍ୟାନ ଏବଂ ଚିକିତ୍ସା ପରବର୍ତ୍ତୀ ସହାୟତା ଯୋଗାଇ ଦିଆଯାଉଛି।

# ସ୍ୱାମୀଙ୍କୁ ହତ୍ୟାପରେ ନାଟକବାଜି : ପତ୍ନୀ, ପ୍ରେମିକକୁ ମୃତ୍ୟୁଦଣ୍ଡ



**ମିରଟ:** ପୁଣି ଜଣେ ପ୍ରେମୀ ଯୁଗଳଙ୍କୁ ମିଳିଛି ଫାଶୀ ଦଣ୍ଡ। ସ୍ୱାମୀଙ୍କୁ ହତ୍ୟା କରିବା ଘଟଣାରେ ପତ୍ନୀ ଓ ତା' ପ୍ରେମିକଙ୍କୁ ମୀରଟର ଗୋଟିଏ କୋର୍ଟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ପତ୍ନୀ ରବିତା ପ୍ରେମିକ ଅମରଦୀପ ସହ ମିଶି ଆକବରପୁର ସାଦାତ ଗାଁରେ ସ୍ୱାମୀ ଅମିତ କଶ୍ୟପଙ୍କୁ ୨୦୨୫ ମସିହା ଏପ୍ରିଲ ୧୨ରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ। ଏହାପରେ ତାଙ୍କ ମୃତଦେହ ତଳେ ଗୋଟିଏ ସାପ ଛାଡ଼ି ଦେଇଥିଲେ।ସାପ କାମୁଡ଼ାରେ ଅମିତଙ୍କ ମୃତ୍ୟୁ ହୋଇଥିବା ସେମାନେ ଦେଖିବାକୁ ଚେଷ୍ଟା କରିଥିଲେ। ହେଲେ ଆଇନର ହାତ ଲମ୍ବା ଭଳି ସେମାନଙ୍କ ସବୁ ଗୁମର ଖୋଲି ଯାଇଛି। ଆଉ ମୀରଟ କୋର୍ଟ ଉଭୟଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୀରଟ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ-୧୨ ଉଭୟଙ୍କୁ ଏପରି ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାପୂର୍ବରୁ ଅକ୍ଟୋବର ୭ରେ ରବିତା ଓ ଅମନଦୀପକୁ କୋର୍ଟ ହତ୍ୟା ଏବଂ ହତ୍ୟା ଷଡ଼ଯନ୍ତ୍ରରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ଘଟଣାରେ ପୁଲିସ ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି କୋର୍ଟ ୧୨ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଦଣ୍ଡ ବିଧାନର ଶୁଣାଣି ବେଳେ ସରକାରୀ ଓକିଲ କେକେ ଚୌବେ ଅପରାଧ, ଉଦ୍ଦେଶ୍ୟ ଓ ଏହାକୁ କାର୍ଯ୍ୟକାରୀ କରିବାର ଶୈଳୀ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ହତ୍ୟା ପରେ ଅମିତଙ୍କ ମୃତଦେହ ତଳେ ଗୋଟିଏ ସାପକୁ ଛଡ଼ା ଯାଇଥିଲା। ଏଥିପାଇଁ ସାପକୁ ୧ ହଜାର ଟଙ୍କାରେ କିଣି ଗୋଟିଏ ପାତ୍ରରେ ରଖାଯାଇଥିଲା।ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ଦେଖାଇବାକୁ ରବିତା ଓ ଅମରଦୀପ ଯୋଜନା କରିଥିଲେ। ଏହା ପ୍ରମାଣକୁ ଲୁଚାଇବା ଓ ତଦନ୍ତକୁ ବାଟବଣା କରିବା ସହ ସମାନ। ଅପରାଧର ବର୍ବରତା ଓ ଷଡ଼ଯନ୍ତ୍ରର ଉଦାହରଣ ଦେଇ ସେ ସର୍ବାଧିକ ଦଣ୍ଡ ଦେବାକୁ ନିବେଦନ କରିଥିଲେ। ସାପଟି ବିଷାକ୍ତ ଥିଲା କି ନାହିଁ, ସେକଥା ମଧ୍ୟ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ସାପ ଧରାଳୀ ବିଶେଷଜ୍ଞଙ୍କ କହିବା କଥା ଯେ ଅମିତଙ୍କ ମୃତଦେହ ତଳୁ ମିଳିଥିବା ସାପ ବିଷାକ୍ତ ନୁହେଁ। ଉକ୍ତ ସାପ କାମୁଡ଼ିବା ଦ୍ୱାରା ମୃତ୍ୟୁ ଅସମ୍ଭବ। ଅମିତଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ଚୌବେ କୋର୍ଟଙ୍କୁ ଜଣାଇଥିଲେ। ପରକୀୟାପ୍ରୀତି ଯୋଗୁ ଆରମ୍ଭ ହୋଇଥିବା ବିବାଦ କାରଣରୁ ଅମିତଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କହି ଚୌବେ ସିଧାସଳଖ ଶବନମ ହତ୍ୟା ମାମଲା, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ କଥା ଉଠାଇଥିଲେ। ମାମଲାର ଗମ୍ଭୀରତା, ଅପରାଧର ଶୈଳୀ ଓ ଦୋଷୀଙ୍କ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଦଣ୍ଡବିଧାନ କରାଯିବା ଦରକାର ବୋଲି ସେ କହିଥିଲେ। ଅନ୍ୟତମ ସରକାରୀ ଓକିଲ ଫରଜାନା ମଧ୍ୟ ଦୁଇ ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲେ। ଅମିତଙ୍କ ପରିବାର ପକ୍ଷରୁ ମାମଲା ପରିଚାଳନା କରୁଥିବା ବଲରାଜ ସିଂହ ମଧ୍ୟ ସମାନ କଥା ଦୋହରାଇଥିଲେ।ଦଣ୍ଡବିଧାନର ଶୁଣାଣି ବେଳେ ରବିତାକୁ କୋର୍ଟଙ୍କ ନିଷ୍ପତ୍ତି ସମ୍ପର୍କରେ ପଚରା ଯାଇଥିଲା। ସେ କୋର୍ଟଙ୍କ ରାୟକୁ ସମ୍ମାନ କରୁଥିବା କହିଛି। ଏହାପୂର୍ବରୁ ନୀଳ ଡ୍ରମ ହତ୍ୟା ମାମଲାରେ ମଧ୍ୟ ମୁସ୍କାନ ଓ ତା' ପ୍ରେମିକ ସାହିଲ ଶୁକ୍ଲାକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ସ୍ୱର୍ଣ୍ଣ ବିଜୟୀ ଭାରତୀୟ ହକି ଦଳକୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୧୦(ସବ୍ୟୁ): ଜାପାନରେ ଅନୁଷ୍ଠିତ ଏସୀଆନ୍ ଗେମ୍ସ ୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଓ ମହିଳା ଖେଳାଳୀମାନଙ୍କୁ ଆମ ଯୁବବର୍ଗର ପ୍ରକୃତ ଆଇକନ୍ (ICON) ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଦଳର ଖେଳାଳୀ, କୋଚ୍ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟଯେ ଏସୀଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଉଭୟ ହକି ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ସହ ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳୀଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍ଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସମୁଦାୟ ଭାବେ ଭାରତୀୟ ପୁରୁଷ ହକି ଟିମ୍ ଓ ସପୋର୍ଟ ଷ୍ଟାଫ୍ଙ୍କ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ଏବଂ ମହିଳା ହକି ଟିମ୍ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ପୁରୁଷ ଓ




ମହିଳା ଦଳଙ୍କୁ ଓଡ଼ିଶା ପକ୍ଷରୁ ୫.୬୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି । ଏହା ସହିତ ଭାରତୀୟ ଦଳର ଓଡ଼ିଆ ଖେଳାଳୀ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋଙ୍କୁ ସେମାନଙ୍କର ଅସାଧାରଣ ଯୋଗଦାନ ପାଇଁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସମସ୍ତ ଖେଳାଳୀ ଆମ ଯୁବବର୍ଗର ପ୍ରକୃତ ଆଇକନ୍ । ସେମାନେ ସମଗ୍ର ଯୁବ ସମାଜର ଆଦର୍ଶ ତଥା ଭାରତର ଗର୍ବ ଓ ଗୌରବ। ୪୪ ବର୍ଷର ଦୀର୍ଘ ଅନ୍ତରାଳ ପରେ ମହିଳା ଟିମ୍ର ଏହି ସ୍ୱର୍ଣ୍ଣ ବିଜୟ ଦେଶର ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋ ନିଜର ଅଦମ୍ୟ ପ୍ରତିଭା ଓ ପରିଶ୍ରମ ବଳରେ ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ସଲିମା ଟେଟେ ଏବଂ ହରମନପ୍ରୀତ ସିଂଙ୍କ ଅସାଧାରଣ ନେତୃତ୍ୱକୁ ସେ ବହୁତ ପ୍ରଶଂସା କରିଛନ୍ତି। ସଲିମା ଟେଟେ ସ୍ମାର୍ଟ ଏବଂ ଆଧୁନିକ ସ୍ପୋର୍ଟ୍ସ କ୍ୟାପ୍ଟେନ୍ସିର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ନିଜର ଦଳକୁ ସଶକ୍ତ କରିଛନ୍ତି। ସେହିପରି କ୍ୟାପ୍ଟେନ୍ ହରମନପ୍ରୀତ ସିଂ ନିଜର ଦୃଢ଼ ସଂକଳ୍ପ ଦ୍ୱାରା ଦଳକୁ କ୍ରମାଗତ ଦ୍ୱିତୀୟ ଥର ଏସୀଆନ୍ ଗେମ୍ସ ଗୋଲ୍ଡ ମେଡାଲ ଦିଗକୁ ନେଇଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏସୀଆନ୍ ଗେମ୍ସର ପଦକ ବିଜେତାମାନଙ୍କୁ ନିଜ ବାସଭବନକୁ ନିମନ୍ତ୍ରଣ କରି ସେମାନଙ୍କ ହୋସଲା ବଢ଼ାଇଛନ୍ତି। 'ଖେଲୋ ଇଣ୍ଡିଆ' ମିଶନ ଦେଶର ପ୍ରତ୍ୟେକ କୋଣରୁ ଯୁବ ପ୍ରତିଭାମାନଙ୍କୁ ସମ୍ମୁଖକୁ ଆଣିବାରେ ଏକ ବଡ଼ ମାଧ୍ୟମ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଓଡ଼ିଶାରେ ହକି କେବଳ ଗୋଟିଏ ଖେଳ ନୁହେଁ, ଏହା ହେଉଛି ଆମର ଆବେଗ, ଏବଂ ଅସ୍ମିତାର ପ୍ରତୀକ। ଭାରତୀୟ ପୁରୁଷ ଓ ମହିଳା ଦଳ ଏସୀଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସମଗ୍ର ଦେଶ ତଥା ଓଡ଼ିଶା ମାଟିର ନାମ ବିଶ୍ୱ ଦରବାରରେ ମହିମାନ୍ୱିତ କରିଛନ୍ତି। ବିଶେଷ କରି ଓଡ଼ିଆ ପୁଅ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନାଝିଅ ସୁନେଲିତା ଟପ୍ପୋଙ୍କ ଆଶାତୀତ ପ୍ରଦର୍ଶନ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ହଜାର ହଜାର ଯୁବ କ୍ରୀଡ଼ାବିତ୍ଙ୍କୁ ସ୍ୱପ୍ନ ଦେଖିବାକୁ ଏବଂ ଆନ୍ତର୍ଜାତିକ ମଞ୍ଚରେ ନିଜକୁ ପ୍ରତିପାଦିତ କରିବାକୁ ଅପୂର୍ବ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆର ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦିଲ୍ଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଭାଗୀୟ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଶ୍ୱ ୨୩ ବର୍ଷରୁ କମ୍ କୁସ୍ତିରେ କୋମଲଙ୍କୁ କାଂସ୍ୟ

## ୫୯ କିଲୋଗ୍ରାମ ବର୍ଗରେ କୋମଲଙ୍କ ପଦକ, ୭୨ କିଲୋଗ୍ରାମ ସ୍ୱର୍ଣ୍ଣ ପାଇଁ ଲଢ଼ିବେ ପୂଜାରୀ

ଲାସ୍ ଭେଗାସ୍,୧୬।୧୦(ଏଜେନ୍ସି): ବିଶ୍ୱ ୨୩ ବର୍ଷରୁ କମ୍ କୁସ୍ତି ପ୍ରତିଯୋଗିତାରେ ଭାରତର କୋମଲ ମହିଳା ୫୯ କିଲୋଗ୍ରାମ ବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ରର ସୋଲାପୁରର ଅମୃତା ପୂଜାରୀ ୭୨ କିଲୋଗ୍ରାମ ବର୍ଗରେ ଲଗାତାର ଦୁଇଟି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚିତ୍ କରି ଫାଇନାଲ୍ରେ ପହଞ୍ଚିଛନ୍ତି। କାଂସ୍ୟ ପଦକ ପାଇଁ ହୋଇଥିବା ମୁକାବିଲାରେ କୋମଲ କାଜାଖସ୍ତାନର ଭିକ୍ଟୋରିଆ ଖୁସାଇନୋଭାଙ୍କୁ ୭-୨ରେ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ଏହା ପୂର୍ବରୁ ସେ କାନାଡାର ଏଲା ଫାଇଣ୍ଟଙ୍କ ସହ ୧-୧ରେ ଲଢ଼େଇ ଶେଷ ହେବା ପରେ ନିୟମ ଅନୁସାରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ମୁକାବିଲାରେ ମଲ୍ଡୋଭାର ମାଦାଲିନା ପ୍ରିସ୍କାରିଙ୍କୁ ୮-୩ରେ ହରାଇଥିଲେ। ତେବେ ସେମିଫାଇନାଲ୍ରେ ୟୁକ୍ରେନ୍ର ଆଲିନା ଫିଲିପୋଭିଚଠାରୁ ବୈଷୟିକ ଶ୍ରେଷ୍ଠତା ଆଧାରରେ ହାରିବା ପରେ କୋମଲଙ୍କୁ କାଂସ୍ୟ ପଦକ ପାଇଁ ଲଢ଼ିବାକୁ ପଡ଼ିଥିଲା। ୭୨ କିଲୋଗ୍ରାମ ବର୍ଗରେ ଅମୃତା ପୂଜାରୀ ଫାଇନାଲରେ ୟୁକ୍ରେନର ଇରିନା ଜାବ୍ଲୋଟସ୍କାଙ୍କୁ ଭେଟିବେ। ସେ ପ୍ରଥମ ମୁକାବିଲାରେ କାଜାଖସ୍ତାନର ସାବିରଜାନୋଭାଙ୍କୁ ଚିତ୍ କରିଥିଲେ। ଏହି ମ୍ୟାଚରେ ଅମୃତା ୭-୧ରେ ଆଗୁଆ ରହିବା ପରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଚୀନର ୱେନ କିଉଙ୍କ ବିପକ୍ଷରେ ୧୦-୮ରେ ଆଗୁଆ ଥିବାବେଳେ ତାଙ୍କୁ ଚିତ୍ କରି ଫାଇନାଲ୍ ଟିକେଟ୍ ହାସଲ କରିଥିଲେ। ଭାରତର ସ୍ୱୀଟି ଓ ବୈଷ୍ଣବୀ ପାଟିଲଙ୍କ ପାଖରେ ମଧ୍ୟ କାଂସ୍ୟ ପଦକ ଦୌଡ଼ରେ ରହିବାର ସୁଯୋଗ ରହିଛି। ୫୩ କିଲୋଗ୍ରାମ ବର୍ଗରେ ସ୍ୱୀଟି ପ୍ରି-କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଦିନାରା ଦାଉଲକିଜିଙ୍କୁ ହରାଇଥିଲେ। କିନ୍ତୁ କ୍ୱାର୍ଟର ଫାଇନାଲରେ କ୍ରିଷ୍ଟେଲ୍ ରୋଡ୍ରିଗେଜ୍ ଡୋବ୍ଲରଙ୍କଠାରୁ ୧୧-୨ରେ ହାରିଥିଲେ। ଡୋବ୍ଲର ଫାଇନାଲରେ ପହଞ୍ଚିବାରୁ ସ୍ୱୀଟିଙ୍କୁ ପୁନଃ ସୁଯୋଗ ବା ରେପେଚାଜରେ ଖେଳିବାକୁ ମିଳିଛି। ଏବେ ସେ ଚୀନର ସିଆପୁଙ୍ଗ ଜେଙ୍ଗଙ୍କ ଭେଟିବେ। ଏହି ମୁକାବିଲାର ବିଜେତା କାଂସ୍ୟ ପଦକ ପାଇଁ ଲଢ଼ିବେ। ୬୫ କିଲୋଗ୍ରାମ ବର୍ଗରେ ବୈଷ୍ଣବୀ ପାଟିଲ୍ ରେପେଚାଜ୍ ମୁକାବିଲାରେ ଜାପାନର ହାରୁକା କୋବାରୁଙ୍କ ସହ ଲଢ଼ିବେ। ଏହା ପୂର୍ବରୁ ସେ କ୍ୱାର୍ଟର ଫାଇନାଲରେ ରୁଷିଆର ଏକାଟେରିନା କୋଶ୍କିନାଙ୍କଠାରୁ ବୈଷୟିକ ଶ୍ରେଷ୍ଠତା ଆଧାରରେ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ୭୬ କିଲୋଗ୍ରାମ ବର୍ଗରେ ଦୀକ୍ଷା ମଲିକ୍ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ପଦକ ଜିତିଥିଲେ ବିଶ୍ୱଜିତ ମୋରେ। ସେ ଗ୍ରୀକୋ-ରୋମାନ୍ ୫୫ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ତେବେ ଭିସା ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ଭାରତୀୟ କୁସ୍ତିଯୋଦ୍ଧାମାନେ ମହିଳା ବର୍ଗର ୫୦, ୫୫, ୫୭ ଓ ୬୨ କିଲୋଗ୍ରାମ ସମେତ ଗ୍ରୀକୋ-ରୋମାନର ୬୦, ୭୭, ୮୨, ୯୭ ଓ ୧୩୦ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରିପାରିନାହାନ୍ତି। ଏହା ଭାରତୀୟ ଦଳର ପଦକ ସମ୍ଭାବନାକୁ ପ୍ରଭାବିତ କରିଛି।



# ରାଜ୍ୟସ୍ତରୀୟ କବାଡି: ଗଡସାନପୁଟ ବିଜୟୀ

ବୋଲଗଡ,୧୬।୧୦(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀବର କବାଡି ଖେଳ ପଡିଆରେ ମା "ରାମଚଣ୍ଡୀ ଠାକୁରାଣୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ୫୧ତମ ରାଜ୍ୟସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ୟୁନିଟ ୩ କବାଡି ଟିମକୁ ୨ ପଏଣ୍ଟ ଅଧିକ ବ୍ୟବଧାନରେ ପରାସ୍ତ କରି ଗଡସାନପୁଟ କବାଡି ଟିମ ବିଜୟୀ ହୋଇଛି । ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ୟୁନିଟ ୩ କବାଡି ଟିମ ୭ ପଏଣ୍ଟ ହାସଲ କରିଥିବା ବେଳେ ଗଡସାନପୁଟ କବାଡି ଟିମ ୮ ପଏଣ୍ଟ ପାଇ ଆଗୁଆ ରହିଥିଲା । ତେବେ ଖେଳର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ୟୁନିଟ ୩ କବାଡି ଟିମ ୧୯ ପଏଣ୍ଟ ପାଇଥିବା ବେଳେ ଗଡସାନପୁଟ ଟିମ ୨୧ ପଏଣ୍ଟ ହାସଲ କରି ମ୍ୟାଚ ବିଜୟୀ ହୋଇଛି । ରେଫରୀ ଭାବେ ଭାଗିରଥୀ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିଆରସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ରାଉତରାୟ ଏବଂ ସମ୍ମାନିତ ଅତିଥି ଭାବେ ଓଷ୍ଟାର ଖୋର୍ଦ୍ଧା ଜିଲ୍ଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଯୁବ ସମାଜସେବୀ ଗୁଣନିଧି ପାଇକରାୟ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ନୟାଗଡ଼ ଜିଲ୍ଲା ଡମସାହି କବାଡି ଟିମ ଏବଂ ପୁରୀ ଜିଲ୍ଲା ପିପିଲ କବାଡି ଟିମ ମଧ୍ୟରେ ଖେଳାଯିବ ବୋଲି ସଭାପତି ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି ।

# କ୍ରୀଡ଼ା ମହାସଂଘ ପାଇଁ ନୂଆ ଆର୍ଥିକ ନିୟମ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଦେଶରେ କ୍ରୀଡ଼ାର ବିକାଶ, ଖେଳାଳି ଚୟନରେ ସ୍ୱଚ୍ଛତା ଏବଂ ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ ଦିଆଯାଉଥିବା ଆର୍ଥିକ ସହାୟତା ନିୟମରେ ପରିବର୍ତ୍ତନ କରିଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ ଏହି ଯୋଜନାରେ ମୋଟ ୭,୩୮୬.୭୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ନୂଆ ନିୟମ ଅନୁଯାୟୀ, ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ ବଡ଼ ଆନ୍ତର୍ଜାତିକ ପ୍ରତିଯୋଗିତାର ଢେର୍ ପୂର୍ବରୁ ଖେଳାଳି ଓ ପ୍ରଶିକ୍ଷକ ଚୟନ ନୀତି ସାର୍ବଜନୀନ କରିବାକୁ ପଡ଼ିବ। ମହାଦେଶୀୟ କିମ୍ବା ବିଶ୍ୱ ଚାମ୍ପିଅନସିପ ପାଇଁ ଅତି କମ୍ରେ ଗୋଟିଏ ବର୍ଷ ପୂର୍ବରୁ ଏବଂ ଯୋଗ୍ୟତା କିମ୍ବା କୋଟା ବ୍ୟବସ୍ଥା ଥିବା ବହୁକ୍ରୀଡ଼ା ପ୍ରତିଯୋଗିତା ପାଇଁ ଅତିକମରେ ଦୁଇ ବର୍ଷ ପୂର୍ବରୁ ଏହି ନୀତି ଘୋଷଣା କରିବାକୁ ହେବ। ଏହା ଦ୍ୱାରା ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ସହ ବିବାଦ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନକୁ ସହାୟତାଭାରତରେ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ମହାସଂଘଗୁଡ଼ିକୁ ଆର୍ଥିକ ସହାୟତା ଦିଆଯିବ। କେତେ ପାଣ୍ଠି ମିଳିବ, ତାହା ପ୍ରତିଯୋଗିତାର ଗୁରୁତ୍ୱ, ଆକାର, ଅଂଶଗ୍ରହଣକାରୀ ଦେଶ ଓ ଖେଳାଳିଙ୍କ ସଂଖ୍ୟା ଏବଂ ସମ୍ପୃକ୍ତ କ୍ରୀଡ଼ାରେ ଭାରତର ପ୍ରଦର୍ଶନ ଆଧାରରେ ନିର୍ଦ୍ଧାରଣ ହେବ। କେତେକ ବିଶ୍ୱସ୍ତରୀୟ ଚାମ୍ପିଅନସିପ ପାଇଁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳିପାରିବ। ତେବେ ଏହା ସ୍ୱୟଂଚାଳିତ ଅନୁଦାନ ନୁହେଁ; ପ୍ରସ୍ତାବର ମୂଲ୍ୟାଙ୍କନ ପରେ ସହାୟତା ଅନୁମୋଦନ କରାଯିବ। ତୃଣମୂଳ ସ୍ତର ଓ ପ୍ରଶିକ୍ଷକ ବିକାଶକୁ ଗୁରୁତ୍ୱ ନୂଆ ନିୟମରେ ମହାସଂଘଗୁଡ଼ିକୁ ବାର୍ଷିକ ଆର୍ଥିକ ସହାୟତାର ଅତିକମରେ ୨୦ ପ୍ରତିଶତ ଅର୍ଥ ତୃଣମୂଳ ସ୍ତରରେ କ୍ରୀଡ଼ା ବିକାଶ ପାଇଁ ଖର୍ଚ୍ଚ କରିବାକୁ ହେବ। କନିଷ୍ଠ ଖେଳାଳିଙ୍କ ପାଇଁ ସୁସଂଗଠିତ ବିକାଶ କାର୍ଯ୍ୟକ୍ରମ, ଉନ୍ନତ ପ୍ରଶିକ୍ଷଣ, ବିଶେଷ ଉପକରଣ ଓ କ୍ରୀଡ଼ା ବିଜ୍ଞାନର ସହାୟତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଦେଶୀ ପ୍ରଶିକ୍ଷକଙ୍କ ସହ କାର୍ଯ୍ୟ କରିବା ସମୟରେ ଅତି କମ୍ରେ ପାଞ୍ଚ ଜଣ ଭାରତୀୟ ପ୍ରଶିକ୍ଷକଙ୍କୁ ସାମିଲ କରିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ଦେଶୀୟ ପ୍ରଶିକ୍ଷକଙ୍କ ଦକ୍ଷତା ବଢ଼ିବ ଏବଂ ଦୀର୍ଘକାଳୀନ ଭାବେ ବିଦେଶୀ ବିଶେଷଜ୍ଞଙ୍କ ଉପରେ ନିର୍ଭରତା କମିବ। ଏଥିସହ ବିଶେଷ କ୍ରୀଡ଼ା ପାଇଁ ଆଧୁନିକ ସୁବିଧା, ଉପକରଣ ଓ କ୍ରୀଡ଼ା ବିଜ୍ଞାନ ସେବା ସହିତ ଅଲିମ୍ପିକ୍ ପ୍ରଶିକ୍ଷଣ କେନ୍ଦ୍ର ଗଠନର ଯୋଜନା ରହିଛି। **ଖେଳାଳିଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ ଶୃଙ୍ଖଳା** ଖେଳାଳିଙ୍କ ଆଘାତ ପରିଚାଳନା, ଅଭ୍ୟାସକୁ ଫେରିବା ପ୍ରକ୍ରିୟା ଏବଂ ନିୟମିତ ସ୍ୱାସ୍ଥ୍ୟ ଓ ଶାରୀରିକ ଦକ୍ଷତା ମୂଲ୍ୟାଙ୍କନ ପାଇଁ ମହାସଂଘଗୁଡ଼ିକୁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରଖିବାକୁ ହେବ। ଆର୍ଥିକ ସହାୟତାର ବ୍ୟବହାର ଓ ଉପକରଣ କ୍ରୟରେ ମଧ୍ୟ ନିର୍ଦ୍ଧାରିତ ଆର୍ଥିକ ନିୟମ ପାଳନ କରିବାକୁ ପଡ଼ିବ।

# ଅର୍ଶଦୀପ ଆହତ: ନିର୍ଣ୍ଣାୟକ ମ୍ୟାଚ ଖେଳିବେ ଭୁବି !

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ୪ ବର୍ଷ ପରେ ଭାରତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି ଦ୍ରୁତ ବୋଲର ଭୁବନେଶ୍ୱର କୁମାର। ନ୍ୟୁଜିଲାଣ୍ଡ ଗସ୍ତ ଲାଗି ତାଙ୍କୁ ଦଳରେ ସ୍ଥାନ ମିଳିଥିଲା । ଏହି ଘୋଷଣା ହେବାପରଠାରୁ ଭାରତୀୟ କ୍ରିକେଟପ୍ରେମୀ ଉତ୍ସାହିତ ଅଛନ୍ତି । କିନ୍ତୁ ଭୁବିଙ୍କୁ ଏହି ଗସ୍ତ ପୂର୍ବରୁ ଟି-୨୦ ଖେଳିବାର ସୁଯୋଗ ମିଳିଛି। ଭାରତ ଏବଂ ଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଟି-୨୦ ଶୃଙ୍ଖଳାର ପଞ୍ଚମ ମ୍ୟାଚ ପାଇଁ ଭୁବନେଶ୍ୱର କୁମାରଙ୍କୁ ବିସିସିଆଇ ଦଳରେ ସାମିଲ କରିଛି । ଗତ ଚତୁର୍ଥ ମ୍ୟାଚରେ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ କାନ୍ଧରେ ଲାଗିଥିଲା । ତେଣୁ ତାଙ୍କ ସ୍ଥାନରେ ପଞ୍ଚମ ଟି-୨୦ ମ୍ୟାଚ ଖେଳିପାରନ୍ତି ଭୁବନେଶ୍ୱର କୁମାର । ଶନିବାର ଏହି ମ୍ୟାଚ ବେଙ୍ଗାଲୁରୁର ଚିନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଭୁବନେଶ୍ୱରଙ୍କୁ ଦଳରେ ସାମିଲ କରାଯାଇଥିବା ଶୁକ୍ରବାର ବିସିସିଆଇ ପକ୍ଷରୁ ଅଫିସିଆଲ ଘୋଷଣା କରାଯାଇଛି। ହାଇଦ୍ରାବାଦରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚରେ ଅର୍ଶଦୀପଙ୍କ କାନ୍ଧରେ ଆଘାତ ଲାଗିଥିଲା । ତାଙ୍କୁ ସମ୍ପୂର୍ଣ୍ଣ ଭାବେ ମ୍ୟାଚରୁ ବାଦ ଦିଆଯାଇନାହିଁ । ଶେଷ ମ୍ୟାଚ୍ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଫିଟନେସ ସମୀକ୍ଷା କରାଯିବ । ବେଙ୍ଗାଲୁରୁ ମ୍ୟାଚ ପୂର୍ବରୁ ଅର୍ଶଦୀପଙ୍କ ଫିଟନେସ ଉପରେ କଡା ନଜର ରଖାଯାଇଛି । ଉଭୟ ଦଳ ମଧ୍ୟରେ ଏହି ଶୃଙ୍ଖଳା ୨-୨ରେ ବରାବର ରହିଛି । ତେଣୁ ଶନିବାର ମ୍ୟାଚ ବିଜେତା ଶୃଙ୍ଖଳା ବିଜୟୀ ହେବ । ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଭୁବନେଶ୍ୱର କୁମାର ଦଳକୁ ଫେରିବା ଭାରତୀୟ ବୋଲିଂ ବିଭାଗ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ୨୨ ତାରିଖରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି । ଏହି ଶୃଙ୍ଖଳା ପାଇଁ ମଧ୍ୟ ଭୁବନେଶ୍ୱର କୁମାର ଭାରତୀୟ ଦଳରେ ସାମିଲ ଅଛନ୍ତି । **ଭାରତୀୟ ଟି-୨୦ ଦଳ:** ଶ୍ରେୟାସା ଆୟର (ଅଧିନାୟକ), ଅଭିଶେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଷାନ, ସଞ୍ଜୁ ସାମସନ, ତିଲକ ବର୍ମା, ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ନମନଧୀର ଓ ଭୁବନେଶ୍ୱର କୁମାର ।

# ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ମହିଳା କବାଡ଼ି ଦଳକୁ ଅଶ୍ୱିନୀ ବୈଷ୍ଣବଙ୍କ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):ଜାପାନର ଆଇଚି-ନାଗୋୟାରେ ଆୟୋଜିତ ୨୦୨୬ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା କବାଡ଼ି ଦଳକୁ ରେଳ ଭବନଠାରେ ଭେଟି ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଦଳର ଖେଳାଳିମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ, ଦୃଢ଼ ମନୋବଳ ଓ ସମର୍ପଣ ଦ୍ୱାରା ଦେଶର ଗୌରବ ବଢ଼ାଇଥିବାରୁ ମନ୍ତ୍ରୀ ସେମାନଙ୍କୁ ପ୍ରଶଂସା କରିଥିଲେ। ସେପ୍ଟେମ୍ବର ୨୬ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ଭାରତ ୩୭-୩୪ ପଏଣ୍ଟରେ ଇରାନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ବିଜୟ ସହ ଭାରତୀୟ ମହିଳା ଦଳ ଏସୀୟ କ୍ରୀଡ଼ାରେ ନିଜର ସ୍ୱର୍ଣ୍ଣିମ ସଫଳତାକୁ ବଜାୟ ରଖିଛି। ନୀତା ମୋରେଶ୍ୱର ଦାଦୱେ ଦଳର ପ୍ରଶିକ୍ଷକ ଥିବାବେଳେ ପୁଷ୍ପା ରାଣା ଅଧିନାୟିକା ଦାୟିତ୍ୱ ତୁଲାଇଥିଲେ। ମନ୍ତ୍ରୀଙ୍କୁ ଭେଟିଥିବା ରେଳବାଇର ଖେଳାଳିମାନଙ୍କ ମଧ୍ୟରେ ଦକ୍ଷିଣ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ପ୍ରଶିକ୍ଷକ ନୀତା ମୋରେଶ୍ୱର ଦାଦୱେ, ରିତୁ ନେଗୀ ଓ ପିଙ୍କି ରୟ, ଉତ୍ତର ରେଳବାଇର ପୂଜା ଏବଂ ପଶ୍ଚିମ ରେଳବାଇର ସୋନାଲି ବିଷ୍ଣୁ ସିଙ୍ଗାଟେ ଓ ରାଜରାଣୀ ସାମିଲ ଥିଲେ। ଭାରତୀୟ କ୍ରୀଡ଼ା ପ୍ରତିଭାର ବିକାଶରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ରେଳବାଇ କ୍ରୀଡ଼ା ପ୍ରୋତ୍ସାହନ ବୋର୍ଡ ମାଧ୍ୟମରେ ଖେଳାଳିମାନଙ୍କୁ ଆବଶ୍ୟକ ସହାୟତା ଓ କ୍ରୀଡ଼ା ଜାରି ରଖିବାର ସୁଯୋଗ ଯୋଗାଇ ଦିଆଯାଉଛି। ଏହି ବ୍ୟବସ୍ଥା ଯୋଗୁଁ ରେଳବାଇର ଖେଳାଳିମାନେ ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିଅନସିପ୍, ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ପ୍ରମୁଖ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିଆସୁଛନ୍ତି।



# ଏସୀୟ ପାରା କ୍ରୀଡ଼ାରେ ପ୍ରମୋଦ-ମନୀଷାଙ୍କ ବିଜୟ ଅଭିଯାନ

ନାଗୋୟା,୧୬।୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଚାଲିଥିବା ୨୦୨୬ ଏସୀୟ ପାରା କ୍ରୀଡ଼ାରେ ଭାରତୀୟ ପାରା ବ୍ୟାଡମିଣ୍ଟନ୍ ତାରକା ତଥା ପାରାଲିମ୍ପିକ୍ ବିଜେତା ଓଡ଼ିଆ ଖେଳାଳି ପ୍ରମୋଦ ଭଗତ ଓ ମନୀଷା ରାମଦାସ ଚମତ୍କାର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ମିଶ୍ରିତ ଯୁଗଳ ଏସ୍ଏଲ୍-୩ ଓ ଏସ୍ୟୁ-୫ ବର୍ଗର ଗ୍ରୁପ୍-ଏ ମ୍ୟାଚରେ ଭାରତୀୟ ଯୋଡ଼ି ଚୀନର ଲିଚୁଆନ୍ ସିଅଙ୍ଗ ଓ ଟୋଙ୍ଗଟୋଙ୍ଗ ଲିଙ୍କୁ ୨-୧ ଗେମରେ ପରାସ୍ତ କରିଛନ୍ତି।

ଏହି ରୋମାଞ୍ଚକର ମୁକାବିଲାରେ ପ୍ରମୋଦ ଓ ମନୀଷା ୨୧-୧୬ରେ ପ୍ରଥମ ଗେମ୍ ଜିତିଥିଲେ। ଦ୍ୱିତୀୟ ଗେମରେ ଚୀନ୍ ଯୋଡ଼ି ୨୧-୧୯ରେ ବିଜୟୀ ହୋଇ ସ୍ଥିତି ସମାନ କରିଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ଗେମରେ ଭାରତୀୟ ଯୋଡ଼ି ୨୧-୧୬ରେ ବିଜୟ ହାସଲ କରି ମ୍ୟାଚକୁ ନିଜ ନାମରେ କରିଥିଲେ। ଏହି ବିଜୟ ସହ ପ୍ରମୋଦ ଓ ମନୀଷା ପ୍ରତିଯୋଗିତାରେ ନିଜର ଦାବିଦାରି ଜାହିର କରିଛନ୍ତି। ଓଡ଼ିଶାର ଗୌରବ ପ୍ରମୋଦ ଭଗତ ଆସନ୍ତାକାଲି ଏକକ ଓ ଯୁଗଳ ବର୍ଗରେ ପରବର୍ତ୍ତୀ ମ୍ୟାଚ୍ ଖେଳିବେ। ଭାରତୀୟ ଦଳ ପାଇଁ ଅଧିକ ସଫଳତା ଆଣିବା ଲକ୍ଷ୍ୟରେ ସେ କୋର୍ଟକୁ ଓହ୍ଲାଇବେ






ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୟବାଲି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app

# ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୬।୧୦(ସବ୍ୟୁ): ନ୍ୟୁଜିଲାଣ୍ଡ ଗସ୍ତରେ ଦିନିକିଆ ଓ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚୟନ କମିଟି ଘୋଷଣା କରିଥିବା ଦଳ ଅନୁଯାୟୀ, ପ୍ରଥମ ତିନିଟି ଦିନିକିଆରେ ଶୁଭମନ ଗିଲ୍ ଭାରତର ଅଧିନାୟକ ରହିବେ। ଶେଷ ଦୁଇଟି ଦିନିକିଆରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେବେ। ଟେଷ୍ଟ ଶୃଙ୍ଖଳାରେ ମଧ୍ୟ ଗିଲ୍ ଅଧିନାୟକ ରହିବେ। ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ପ୍ରଥମେ ପାଞ୍ଚଟି ଦିନିକିଆ ଓ ପରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ। ନଭେମ୍ବର ୪ରୁ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ।



ପ୍ରଥମ ତିନି ଦିନିକିଆ ପାଇଁ ଦଳ

ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), କେଏଲ୍ ରାହୁଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କାମ୍ବୋଜ, ଗୁରନୂର ବ୍ରାର, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, ଈଶାନ କିଶନ (ୱିକେଟରକ୍ଷକ), ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ ଓ କୁଲଦୀପ ଯାଦବ। ପ୍ରସିଦ୍ଧ କୃଷ୍ଣଙ୍କ ଅଂଶଗ୍ରହଣ ଫିଟ୍ନେସ୍ ଅନୁମତି ଉପରେ ନିର୍ଭର କରିବ।

ଶେଷ ଦୁଇ ଦିନିକିଆ ପାଇଁ ପରିବର୍ତ୍ତନ

ଶେଷ ଦୁଇଟି ମ୍ୟାଚ୍ ପାଇଁ ଶ୍ରେୟସ ଆୟର ଅଧିନାୟକ ହେବେ। ଏହି ଦଳରେ ରୋହିତ ଶର୍ମା, ବିରାଟ କୋହଲି, ତିଲକ ବର୍ମା, ଈଶାନ କିଶନ (ଉପଅଧିନାୟକ ଓ ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, ଆଉକିବ ନବୀ, ଗୁରନୂର ବ୍ରାର, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, କୁମାର କୁଶାଗ୍ର (ୱିକେଟରକ୍ଷକ), ମହମ୍ମଦ ସିରାଜ, ଯଶ ଠାକୁର ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି।

ଟେଷ୍ଟ ଦଳରେ ପନ୍ତ ଓ ଜୁରେଲ୍

ଦୁଇଟି ଟେଷ୍ଟ ପାଇଁ ଘୋଷିତ ଭାରତୀୟ ଦଳରେ ଶୁଭମନ ଗିଲ୍ ଅଧିନାୟକ ଓ କେଏଲ୍ ରାହୁଲ ଉପଅଧିନାୟକ ରହିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଯଶସ୍ୱୀ ଜୈସୱାଲ, ଦେବଦତ୍ତ ପଡିକଲ, ଋଷଭ ପନ୍ତ (ୱିକେଟରକ୍ଷକ), ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ଅଂଶୁଲ କାମ୍ବୋଜ, ଯଶପ୍ରୀତ ବୁମ୍ରା, ପ୍ରସିଦ୍ଧ କୃଷ୍ଣ, ଆକାଶ ଦୀପ, ସାଇ ସୁଦର୍ଶନ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ। ଋଷଭ ପନ୍ତଙ୍କ ଖେଳିବା ଫିଟ୍ନେସ୍ ଅନୁମତି ଉପରେ ନିର୍ଭର କରିବ।

ଦିନିକିଆ ଓ ଟେଷ୍ଟ ମ୍ୟାଚ୍ ସୂଚୀ

ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ନଭେମ୍ବର ୪ରେ ଅକଲାଣ୍ଡରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୭ରେ ୱେଲିଂଟନ୍ରେ, ତୃତୀୟଟି ନଭେମ୍ବର ୧୦ରେ ହାମିଲଟନ୍ରେ ହେବ। ଚତୁର୍ଥ ଓ ପଞ୍ଚମ ଦିନିକିଆ ଯଥାକ୍ରମେ ନଭେମ୍ବର ୧୩ ଓ ୧୫ରେ ମାଉଣ୍ଟ ମାଉଙ୍ଗାନୁଇରେ ଖେଳାଯିବ। ସମସ୍ତ ମ୍ୟାଚ୍ ଭାରତୀୟ ସମୟ ସକାଳ ୭ଟା ୩୦ରେ ଆରମ୍ଭ ହେବ। ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ନଭେମ୍ବର ୧୯ରୁ ୱେଲିଂଟନ୍ରେ ଏବଂ ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୨୭ରୁ କ୍ରାଇଷ୍ଟଚର୍ଚ୍ଚରେ ଖେଳାଯିବ। ଉଭୟ ଟେଷ୍ଟ ମ୍ୟାଚ୍ ଭାରତୀୟ ସମୟ ଭୋର୍ ୩ଟା ୩୦ରେ ଆରମ୍ଭ ହେବ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି